# ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍

## ଆପଣଙ୍କର ଗ୍ରାହକଙ୍କୁ ଜାଣନ୍ତୁ
## (କେୱାଇସି) ଏବଂ

ଆଣ୍ଟି ମନି ଲଣ୍ଡରିଂ (ଏଏମଏଲ୍) ପଦକ୍ଷେପ ନୀତି
(ସଂଶୋଧନ 8 ଫେବୃଆରୀ, 2024ଠାରୁ ପ୍ରଭାବୀ)

**(ସଂସ୍କରଣ - XI)**

## ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| 1 | ପରିଚୟ | 4 |
| 2 | ଅଧ୍ୟାୟ – I<br>ପ୍ରଯୁଜ୍ୟତା ଏବଂ ସଂଜ୍ଞା | 5-11 |
| 3 | ଅଧ୍ୟାୟ – II<br>ସାଧାରଣ | 12-13 |
| 4 | ଅଧ୍ୟାୟ – III<br>ଗ୍ରାହକଙ୍କ ଗ୍ରହଣୀୟତା ନୀତି | 13-14 |
| 5 | ଅଧ୍ୟାୟ – IV<br>ଆପଦ ବର୍ଗୀକରଣ ଓ ପରିଚାଳନା | 14-16 |
| 6 | ଅଧ୍ୟାୟ – V<br>ଗ୍ରାହକଙ୍କ ପରିଚୟ ବିଧି (ସିଆଇପି) | 16-16 |
| 7 | ଅଧ୍ୟାୟ – VI<br>କଷ୍ଟମର ଡ୍ୟୁ ଡିଲିଜେନ୍ସ (ସିଡିଡି) ବିଧି<br>ଭାଗ –I - କଷ୍ଟମର ଡ୍ୟୁ ଡିଲିଜେନ୍ସ (ସିଡିଡି) ବିଧି ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ | 16-21 |
| | ଭାଗ- II ଏକକ ପ୍ରୋପ୍ରାଇଟରି ଫାର୍ମ ଗୁଡ଼ିକ ପାଇଁ ସିଡିଡି ପଦକ୍ଷେପ | 21-22 |
| | ଭାଗ- III ବୈଧାନିକ ସଂସ୍ଥା ଗୁଡ଼ିକ ପାଇଁ ସିଡିଡି ପଦକ୍ଷେପ | 22-24 |
| | ଭାଗ- IV ହିତାଧିକାରୀ ମାଲିକଙ୍କ ପରିଚୟ | 24 |
| | ଭାଗ- V ଚାଲୁ ରହିଥିବା ଡ୍ୟୁ ଡିଲିଜେନ୍ସ | 24-27 |
| | ଭାଗ – VI – ବର୍ଦ୍ଧିତ ଓ ସରଳୀକୃତ ଡ୍ୟୁ ଡିଲିଜେନ୍ସ ବିଧି | 27-29 |
| 8 | ଅଧ୍ୟାୟ – VII<br>ରେକର୍ଡ଼ ପରିଚାଳନା | 29-30 |
| 9 | ଅଧ୍ୟାୟ- VIII<br>ଆର୍ଥିକ ଇଣ୍ଟେଲିଜେନ୍ସ ୟୁନିଟ୍ – ଭାରତ ପାଇଁ ରିପୋର୍ଟିଂ ଆବଶ୍ୟକତା | 30-30 |
| 10 | ଅଧ୍ୟାୟ – IX<br>ଇଣ୍ଟରନାସନାଲ୍ ଏଗ୍ରିମେଣ୍ଟସ ଅଧୀନରେ ଆବଶ୍ୟକତା / ଦାୟୀତ୍ବ | 31-34 |
| 11 | ଅଧ୍ୟାୟ – X<br>ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ | 34-38 |
| 12 | ପରିଶିଷ୍ଟ – I<br>ଡିଜିଟାଲ୍ କେୱାଇସି ପ୍ରକ୍ରିୟା | 38-39 |
| 13 | ପରିଶିଷ୍ଟ – II<br>ପିଆଇଏସ୍ ଅଧୀନରେ ଏଫପିଆଇ ଗୁଡ଼ିକର ଯୋଗ୍ୟତା ପାଇଁ କେୱାଇସି ନଥିପତ୍ର | 39-41 |
| 14 | ପରିଶିଷ୍ଟ – III<br>ଅତିରିକ୍ତ କେୱାଇସି ନଥିପତ୍ର ତାଲିକା ଯାହାକୁ କମ୍ ଆପଦ ବର୍ଗର ଗ୍ରାହକଙ୍କ ପାଇଁ ବିଚାର କରାଯାଇପାରେ | 41-42 |
| 15 | ପରିଶିଷ୍ଟ – IV<br>ସିଟିଆର / ଏସଟିଆର ଟ୍ରାନ୍ଜାକ୍ସନର ଉଦାହରଣମୂଳକ ତାଲିକା | 43-44 |

# ଆପଣଙ୍କର ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଏବଂ ଆଣ୍ଟି ମନି ଲଣ୍ଡରିଂ (ଏଏମଏଲ୍) ପଦକ୍ଷେପ ନୀତି – (ସଂଶୋଧିତ)

## 1. ପରିଚୟ

କମ୍ପାନୀ, ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍ 1990 ମସିହାରେ ନିଗମ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ଏହା ନ୍ୟାସନାଲ୍ ହାଉସିଂ ବ୍ୟାଙ୍କ (ଏନଏଚବି) ରେ ପଞ୍ଜୀକୃତ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। କମ୍ପାନୀ ଏନଏଚବିର ଆବଶ୍ୟକତା ସହିତ ସଂଶୋଧିତ ହେବା ଏବଂ ଉପଯୁକ୍ତ ଅନୁସାରେ ସମୟକୁ ସମୟ ଏହି ନୀତିର ସଂଶୋଧିତ ଅନୁସାରେ କେୱାଇସି ଏବଂ ଏଏମ୍ଏଲ୍ ପଲିସି (ପଲିସି) କୁ ଗ୍ରହଣ କରିଛି ଓ ଏହା କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ବାରା ଅନୁମୋଦନ ଲାଭ କରିଛି।

ଏହି ପଲିସିଟି ପ୍ରାରମ୍ଭିକ ପର୍ଯ୍ୟାୟରେ ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି) ଗାଇଡଲାଇନ୍ ଓ ଆଣ୍ଟି ମନି ଲଣ୍ଡରିଂ ଷ୍ଟାଣ୍ଡାର୍ଡ୍‌ସ ଉପରେ ଏନଏଚବି ଦ୍ବାରା ଜାରି ବିଜ୍ଞପ୍ତି ଯାହାର ରେଫରେନ୍ସ ନମ୍ବର ଏନଏଚବି (ଏନଡି) /ଡିଆରଏସ୍/ ପଲ୍- ନଂ13/2006 ତା 10 ଏପ୍ରିଲ୍ 2006 ଅନୁସାରେ ସର୍ବୋତ୍ତମ କର୍ପୋରେଟ୍ କାର୍ଯ୍ୟ ଅଭ୍ୟାସର ଅଂଶ ରୂପେ ଗଠିତ ହୋଇଥିଲା। ଏହି ପଲିସିଟିକୁ ସଂଶୋଧନ କରାଯାଇଛି ଏବଂ ଏନଏଚବି ର ସର୍କୁଲାର ନମ୍ବର ଏନଏଚବି /ଏନଡି/ଡିଆରଏସ୍/ ପଲ୍ ନଂ. 33/2010-11 ତାରିଖ 11 ଅକ୍ଟୋବର 2010 ଦ୍ବାରା ଜାରି ଗାଇଡଲାଇନରେ ସଂଶୋଧନ ସହିତ ଅପଡେଟ୍ ହୋଇଛି ଏବଂ ମାଷ୍ଟର ସର୍କୁଲାର ଏନଏଚବି (ଏନଡି) / ଡିଆରଏସ୍/ ଆରଇଜି/ଏମସି-04/2018 ଜୁଲାଇ 2, 2018 ଅନୁସାରେ ସମୟକୁ ସମୟ ରୂପେ ପରବର୍ତ୍ତୀ ସଂଶୋଧନ ସହିତ କେୱାଇସି ଗାଇଡଲାଇନ୍ ଏବଂ ଆଣ୍ଟି ମନି ଲଣ୍ଡରିଂ ଷ୍ଟାଣ୍ଡାର୍ଡ୍‌ର ସର୍କୁଲେଟ୍ ଏନଏଚବି ଦ୍ବାରା ଯାହାର ସର୍କୁଲାର ନମ୍ବର ଏନଏଚବି / ଏନଡି/ଡିଆରଏସ୍ /ପଲିସି ସର୍କୁଲାର ନଂ 94/2018-19, ମାର୍ଚ୍ଚ 11, 2019 ଦ୍ବାରା ପ୍ରସ୍ତୁତ ହୋଇଛି।

ଏହି ପଲିସିଟିକୁ ପରବର୍ତ୍ତୀ ପର୍ଯ୍ୟାୟରେ ସମୀକ୍ଷିତ ଓ ସଂଶୋଧିତ କରାଯାଇଥିଲା ଓ 24 ଏପ୍ରିଲ୍ 2018 ରେ ଏହାର ବୋର୍ଡ଼ ମିଟିଂ ଦ୍ବାରା ଅନୁମୋଦନ କରାଯାଇଥିଲା ଓ ଏହାକୁ ମଧ୍ୟ ସମୀକ୍ଷା ଏବଂ ସଂଶୋଧନ କରାଯାଇଥିଲା ତଥା 30 ଏପ୍ରିଲ୍ 2019 ରେ ଏହାର ବୋର୍ଡ଼ ମିଟିଂ ଦ୍ବାରା ବିଧିବଦ୍ଧ ଭାବରେ ଅନୁମୋଦନ ହୋଇଥିଲା ଓ ପୁନଶ୍ଚ ନିର୍ଦ୍ଦେଶକମଣ୍ଡଳୀ ମଧ୍ୟ ଏହାକୁ ସମୀକ୍ଷା ଓ ସଂଶୋଧନ କରିଥିଲେ ଏବଂ 18 ଅଗଷ୍ଟ 2020 ରେ ଅନୁଷ୍ଠିତ ବୈଠକରେ ଏହି ପଲିସିକୁ ବିଧିବଦ୍ଧ ଭାବରେ ଅନୁମୋଦନ କରିଥିଲେ ଯାହାର ସର୍କୁଲାର ନମ୍ବର ଆରବିଆଇ/2019-20 /235, ଡିଓଆର. ଏନବିଏଫସି (ଏଚଏଫସି).ସିସି. ନଂ.111/03.10.136/2019-20 ତାରିଖ ମେ 19, 2020 ଏବଂ ଆଉ ମଧ୍ୟ ନମ୍ବର ଆରବିଆଇ/ଡିବିଆର/2015-16/18 ମାଷ୍ଟର ଡାଇରେକସନ ଡିବିଆର.ଏଏମଏଲ୍. ବିସି. ନଂ. 81/14.01.001/2015-16, ତାରିଖ 20 ଏପ୍ରିଲ୍, 2020 ଅନୁସାରେ ଆପଣଙ୍କ ଗ୍ରାହକଙ୍କୁ ଜାଣିବା (କେୱାଇସି) ଡାଇରେକ୍ସନ 2016 ଉପରେ ଆରବିଆର ମାଷ୍ଟର ଡାଇରେକ୍ସନ ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। **("କେୱାଇସି ଉପରେ ମାଷ୍ଟର ଡାଇରେକ୍ସନ/ଆରବିଆଇ ମାଷ୍ଟର ଡାଇରେକ୍ସନ")।** ଆହୁରି ମଧ୍ୟ, ବୋର୍ଡ ଅଫ୍ ଡାଇରେକ୍ଟର୍ସ ବି 28 ମେ 2021ରେ ଅନୁଷ୍ଠିତ ସେମାନଙ୍କର ବୈଠକରେ ନୀତିର ସମୀକ୍ଷା ଓ ସଂଶୋଧନ ଏବଂ ସଠିକ୍ ଭାବରେ ଅନୁମୋଦନ କରିଛନ୍ତି, ଯାହା ସର୍କୁଲାର୍ ନମ୍ବର ପର୍ଯ୍ୟନ୍ତ ଅପଡେଟ୍ ହୋଇଛି । RBI/2021-22/35 DOR.AML.REC.No.15/14.01.001/2021-22 ତାରିଖ 10 ମେ 2021, କେୱାଇସି ଉପରେ ମାଷ୍ଟର ଡିରେକ୍ସନ୍(MD)ରେ ସଂଶୋଧନ ସମ୍ପର୍କରେ । ଉକ୍ତ ନୀତି ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ଦ୍ୱାରା 14 ଫେବୃଆରୀ, 2022ରେ ଅନୁଷ୍ଠିତ ସେମାନଙ୍କର ବୈଠକରେ ସମୀକ୍ଷିତ ହୋଇଥିଲା। ଅଧିକନ୍ତୁ, ଉକ୍ତ ନୀତି 09 ଅଗଷ୍ଟ, 2023 ଦିନ ଅନୁଷ୍ଠିତ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ବୈଠକରେ ମଧ୍ୟ ସମୀକ୍ଷିତ ହୋଇଥିଲା, ଯାହା ସର୍କୁଲାର ନଂ. ଆରବିଆଇ/2023-24/24 ଡିଓଆର୍.ଏଏମ୍ଏଲ୍.ଆରଇସି.111/14.01.001/2023-24, ତାରିଖ 28 ଏପ୍ରିଲ, 2023 ଏବଂ କେୱାଇସି ଉପରେ ମାଷ୍ଟର ଡାଇରେକ୍ସନ (ଏମଡି)ରେ ସଂଶୋଧନ ସଂକ୍ରାନ୍ତୀୟ 4 ମେ, 2023ର ଆରବିଆଇ/2023-24/25.ଡିଓଆର.ଏଏମଏଲ.ଆରଇସି.13/14.01.001/2023-24 ପର୍ଯ୍ୟନ୍ତ ଅପଡେଟ୍ ହୋଇଛି । ପୁନଶ୍ଚ, ଉକ୍ତ ନୀତିର ସମୀକ୍ଷା ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ଦ୍ୱାରା 10 ଜାନୁୟାରୀ, 2024ରେ ଶେଷ ଥର ସମୀକ୍ଷା କରାାଇଥିଲା, ଯାହା କେୱାଇସି ଉପରେ ମାଷ୍ଟର ଡାଇରେକ୍ସନ (ଏମଡି)ରେ ସଂଶୋଧନ ସଂକ୍ରାନ୍ତୀୟ 17 ଅକ୍ଟୋବର, 2023ର ସର୍କୁଲାର ନଂ. ଆରବିଆଇ/2023-24/69-ଡିଓଆର.ଏଏମଏଲ.ଆରଇସି.44/14.01.001/2023-24 ପର୍ଯ୍ୟନ୍ତ ଅପଡେଟ୍ ହୋଇଛି।

ପୁନଶ୍ଚ ମନି ଲଣ୍ଡରିଂ ଅଧିନିୟମ 2002 ର ପ୍ରତିକାର ଏବଂ ମନି-ଲଣ୍ଡରିଂ (ମେଣ୍ଟେନାନ୍ସ ଅଫ୍ ରେକର୍ଡ଼ସ) ରୁଲ୍ସ 2005 (ସମୟକୁ

ସମୟ ସଂଶୋଧିତ ପ୍ରକାରେ) ଭାରତ ସରକାରଙ୍କ ଦ୍ବାରା ବିଜ୍ଞାପିତ ଅନୁସାରେ ଏହାର ପ୍ରତିକାର ପାଇଁ କମ୍ପାନୀ ନିର୍ଦ୍ଦିଷ୍ଟ ଗ୍ରାହକ ପରିଚୟ ବିଧି ବ୍ୟବସ୍ଥାକୁ ଅନୁପାଳନ କରିବ ଯେତେବେଳେ ଏକ ଆକାଉଣ୍ଟ ଭିତ୍ତିକ ସମ୍ପର୍କ କିମ୍ବା ଅନ୍ୟ କୌଣସି ଏବଂ ସେମାନଙ୍କ ଟ୍ରାନ୍‌ଜାକ୍‌ସନକୁ ଅନୁଧ୍ୟାନ ଆଧାରରେ ସ୍ବୀକୃତି ଦ୍ବାରା ଉକ୍ତ ଟ୍ରାନ୍‌ଜାକ୍‌ସନ ଗୁଡ଼ିକୁ ଅନବୋର୍ଡିଂ /ଅଣ୍ଡରଟେକିଂ କରିବ। ଏଏଚଏଫଏଲ୍ ଏହି ମନି-ଲଣ୍ଡରିଂ ଅଧିନିୟମ 2002 ର ପ୍ରତିକାର ଏବଂ ମନି ଲଣ୍ଡରିଂ (ମେଣ୍ଟେନାନ୍‌ସ ଅଫ୍ ରେକର୍ଡ଼ସ) ରୁଲ୍‌ସ 2005 ର ପ୍ରତିକାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ଯାହା ପ୍ରଯୁଜ୍ୟ ପ୍ରକାରେ ଓ ସମୟକୁ ସମୟ ସଂଶୋଧନ ପ୍ରକାରେ। ଏହି ପଲିସିଟି ଏଥିପାଇଁ ଗ୍ରାହକଙ୍କୁ ଜାଣିବା / ବୁଝିବା ଏବଂ ତାଙ୍କର ଆର୍ଥିକ କାରବାରକୁ ଭଲ ଭାବରେ ଜାଣିବା ପାଇଁ ଗଠିତ ହୋଇଛି ଯାହା ଦ୍ବାରା କମ୍ପାନୀ ଏଥିରେ ରହିଥିବା ଆପଦକୁ ଉତ୍ତମ ଭାବରେ ପରିଚାଳନା କରିପାରିବ ଏବଂ ମନି ଲଣ୍ଡରିଂ କାର୍ଯ୍ୟକଳାପ ପାଇଁ କ୍ରିମିନାଲ୍ ଗତିବିଧିକୁ ଏଡ଼ାଇ ପାରିବ।

ଭାରତୀୟ ରିଜର୍ଭ ବ୍ୟାଙ୍କର 17 ଅକ୍ଟୋବର, 2023ର ସର୍କୁଲାର ନଂ. ଆରବିଆଇ/2023-24/69-ଡିଓଆର.ଏଏମଏଲ.ଆରଇସି.44/14.01.001/2023-24 ଦ୍ୱାରା ସଞ୍ଚାରିତ ସଂଶୋଧନ ଅନୁସାରେ ଏହି ନୀତିକୁ ସଂଶୋଧନ କରାଯାଇଥିଲା। ପୁନଶ୍ଚ, ଏହି ନୀତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର 4 ଜାନୁଆରୀ, 2024ର ସର୍କୁଲାର ନଂ. ଆରବିଆଇ/2023-24/107 ଡିଓଆର.ଏଏମଏଲ.ଆରଇସି.66/14.01.001/2023-24 ଦ୍ୱାରା ସଞ୍ଚାରିତ ସଦ୍ୟତମ ସଂଶୋଧନ ଅନୁସାରେ ସଂଶୋଧନ କରାଯାଇଛି ।

## ଅଧ୍ୟାୟ I
## ପ୍ରଯୁଜ୍ୟତା ଓ ସଜ୍ଞା

**2. ପ୍ରଯୁଜ୍ୟତା**

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ବାରା ପ୍ରତ୍ୟେକ ନିୟନ୍ତ୍ରିତ ସଂସ୍ଥା ଗୁଡ଼ିକ ପାଇଁ ଏହି ନୀତି ଲାଗୁ ହେବ। ଅଧିକନ୍ତୁ ବିଶେଷ ଭାବରେ ଏହାକୁ କେୱାଇସିର ମାଷ୍ଟର ଡିରେକ୍ସନର 3 (ବି) (xiiii) ରେ ପରିଭାଷିତ କରାଯାଇଛି ଯେଉଁଠାରେ ବିଶେଷ ଭାବରେ ଅନ୍ୟ କିଛି ଉଲ୍ଲେଖ ବ୍ୟତୀତ।

ଏହି ପଲିସିଟି କମ୍ପାନୀର ଶାଖା ଓ ପ୍ରମୁଖ ଭାବରେ ମାଲିକାନାଧୀନ ସହାୟକ ସଂସ୍ଥା ଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ଯେଉଁ ଗୁଡ଼ିକ ବିଦେଶରେ ରହିଛି। ଯେଉଁ ଗୁଡ଼ିକ ହୋଷ୍ଟ ଦେଶର ଆଇନ ବ୍ୟବସ୍ଥାର ବିପରୀତ ହୋଇନଥିବେ, ଯଦି :

i. ଯେଉଁଠାରେ ଏହିସବୁ ଗାଇଡଲାଇନ୍ ଗୁଡ଼ିକର କାର୍ଯ୍ୟକାରୀତାକୁ ପ୍ରଯୁଜ୍ୟ ଆଇନ୍ ଓ ନିୟାମକ ନିଷିଦ୍ଧ କରିଥାଏ, ସେ କ୍ଷେତ୍ରରେ ଏହି ବିଷୟକୁ ଆରବିଆଇ ଗୋଚରକୁ ଅଣାଯାଇ ପାରିବ। ଆରବିଆଇ କମ୍ପାନୀର ପରବର୍ତ୍ତୀ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେଇପାରେ, ଯାହା ମଧ୍ୟରେ ଏମଏଲ/ଟିଏଫ ବିପଦଗୁଡ଼ିକୁ ପ୍ରବନ୍ଧନ କରିବା ପାଇଁ କମ୍ପାନୀ ଦ୍ୱାରା ନିଆଯିବାକୁ ଥିବା ଅତିରିକ୍ତ ପଦକ୍ଷେପର ପ୍ରୟୋଗ ଅନ୍ତର୍ଭୁକ୍ତ।

ii. ଆରବିଆଇ ଦ୍ବାରା ନିର୍ଦ୍ଧାରିତ କେୱାଇସି /ଏଏମଏଲ୍ ଷ୍ଟାଣ୍ଡାର୍ଡସରେ ଯଦି କିଛି ପରିବର୍ତ୍ତନ ରହିଥାଏ ଏବଂ ହୋଷ୍ଟ ଦେଶର ରେଗୁଲେଟର, କମ୍ପାନୀର ଶାଖା/ସବସିଡିଆରି ଉଭୟଙ୍କୁ ଏହି ରେଗୁଲେସନକୁ କଡ଼ାକଡ଼ି ଭାବରେ ପାଳନ କରିବା ଆବଶ୍ୟକ ରହିଛି।

iii. ବିଦେଶର ଇନକର୍ପୋରେଟେଡ୍ ବ୍ୟାଙ୍କର ଶାଖା/ ସହାୟକ ସଂସ୍ଥା ଏହି ଦୁଇଗୋଟି ଷ୍ଟାଣ୍ଡାର୍ଡ ଯଥା ଭାରତୀୟ ରିଜଭୟ ବ୍ୟାଙ୍କ ଦ୍ବାରା ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଓ ସେମାନଙ୍କ ନିଜ ଦେଶର ରେଗୁଲେଟରକୁ କଠୋର ଭାବରେ ଗ୍ରହଣ କରିବା ଉଚିତ୍।

ଉକ୍ତ ପଲିସିରେ ଆକାଉଣ୍ଟ ସମ୍ବନ୍ଧିତ କୌଣସି ସନ୍ଦର୍ଭ ବିଷୟ ଏକ ଲୋନ୍ ଆକାଉଣ୍ଟ ପାଇଁ ବୁଝାଯିବ କିମ୍ବା ଏକ ଲେଣ୍ଡିଂ ଟ୍ରାନ୍‌ଜାକ୍‌ସନକୁ ଦର୍ଶାଇବ। କମ୍ପାନୀ ଡିପୋଜିଟ୍‌ସକୁ ଅଧିକ ସମୟ ଗ୍ରହଣ କରିବ ନାହିଁ, ଅନ୍ୟ ପକ୍ଷରେ ଉକ୍ତ ଆବଶ୍ୟକତା ଗୁଡ଼ିକ ମଧ୍ୟ ବିଦ୍ୟମାନ ଡିପୋଜିଟ୍ ପାଇଁ ଲାଗୁ ହେବ କେବଳ ପ୍ରାସଙ୍ଗିକ ସୀମା ପର୍ଯ୍ୟନ୍ତ।

**3. ସଂଜ୍ଞା :**

ପଲିସିର ଉଦ୍ଦେଶ୍ୟ ପାଇଁ ଅନ୍ୟ କିଛିର ଆବଶ୍ୟକତା ବ୍ୟତୀତ ଉକ୍ତ ସର୍ତ୍ତଟି ଏତଦ୍ବାରା ଡିରେକ୍ସନରେ ନ୍ୟସ୍ତ ଅର୍ଥ ବୁଝାଇବା ସହିତ ମନି ଲଣ୍ଡରିଂ ଅଧିନିୟମ 2002 ର ପ୍ରତିକାର ପାଠ ସହିତ ମନି ଲଣ୍ଡରିଂ (ମେଣ୍ଟେନାନ୍ସ ଅଫ୍ ରେକର୍ଡସ) ରୁଲ୍ସ 2005 ର ପ୍ରତିକାର ବିଷୟକୁ ବୁଝାଇବ। ଉଦାହରଣମୂଳକ ଭାବରେ ଏହି ପଲିସିର ବିଷୟରେ ନିମ୍ନଲିଖିତ ସର୍ତ୍ତ ଗୁଡ଼ିକୁ ନ୍ୟସ୍ତ କରାଯାଇଛି (ଡିରେକ୍ସନ, ଅଧିନିୟମ ଓ ରୁଲର ବ୍ୟବସ୍ଥା ଭିତ୍ତିରେ) :

i. "ଆଧାର ନମ୍ବର" ଆଧାର (ଫାଇନାନ୍ସିଆଲ୍ ଓ ଅନ୍ୟାନ୍ୟ ସହାୟକ, ଲାଭ ତଥା ସେବାର ଟାରଗେଟେଡ୍ ଡେଲିଭରି) ଅଧିନିୟମ 2016 (2016 ର 18) ର ବିଭାଗ 2 ର ଧାରା (ଏ) ଅନୁସାରେ ପରିଭାଷିତ।

ii. ଅଧିନିୟମ ଓ ରୁଲର ଅର୍ଥ ମନି ଲଣ୍ଡରିଂ ଅଧିନିୟମ 2002 ର ପ୍ରତିକାର ଏବଂ ମନି ଲଣ୍ଡରିଂ (ମେଣ୍ଟେନାନ୍ସ ଅଫ୍ ରେକର୍ଡସ) ରୁଲ୍ସ 2005 ର ପ୍ରତିକାର ବ୍ୟବସ୍ଥାକୁ ବୁଝାଉଛି ଓ ଏଥିରେ ସମୟକୁ ସମୟ ସଂଶୋଧନ ହେଉଛି।

iii. ଆଧାର ସ୍ବୀକୃତିକରଣ ବିଷୟରେ ଥିବା ସ୍ବୀକୃତିକରଣ ଅର୍ଥ ଆଧାର (ଫାଇନାନ୍ସିଆଲ୍ ଓ ଅନ୍ୟାନ୍ୟ ସହାୟକ, ଲାଭ ତଥା ସେବାର ଟାରଗେଟେଡ୍ ଡେଲିଭରି) ଅଧିନିୟମ 2016 ର ବିଭାଗ 2 ର ଉପ ବିଭାଗ (ସି) ର ଧାରା ଅଧୀନରେ ପରିଭାଷିତ ହେଉଥିବା ଏକ ପ୍ରକ୍ରିୟା।

iv. ହିତାଧିକାରୀ ମାଲିକ (ବିଓ) :-

କ. ଯେଉଁଠାରେ ଗ୍ରାହକ ଜଣେ କମ୍ପାନୀ ହୋଇଥିବେ ସେ କ୍ଷେତ୍ରରେ ହିତାଧିକାରୀ ମାଲିକ ପ୍ରକୃତ ବ୍ୟକ୍ତି (ସମୂହ) ଅଟନ୍ତି ଯିଏକି ଏକାକୀ କିମ୍ବା ଏକତ୍ର ଭାବରେ କିମ୍ବା ଜଣେ କିମ୍ବା ଏକାଧିକ କ୍ଷେତ୍ରାଧିକାର ବ୍ୟକ୍ତି ରୂପେ କାର୍ଯ୍ୟ କରୁଥିବେ ଓ ତାଙ୍କର ନିଜର ସ୍ବାର୍ଥ ଉପରେ ନିୟନ୍ତ୍ରଣ ଥିବ କିମ୍ବା ଅନ୍ୟ ଅର୍ଥ ଜରିଆରେ ସେ ନିୟନ୍ତ୍ରଣ ବଜାୟ ରଖୁଥିବେ।

ବ୍ୟାଖ୍ୟା : ଏହି ଉପଧାରାର ଉଦ୍ଦେଶ୍ୟ ପାଇଁ –

1. ମାଲିକାନା ସ୍ବାର୍ଥ ନିୟନ୍ତ୍ରଣ ଅର୍ଥ ହେଉଛି କମ୍ପାନୀର ସେୟାର କିମ୍ବା କ୍ୟାପିଟାଲ କିମ୍ବା ପ୍ରଫିଟର 25% ରୁ ଅଧିକ ମାଲିକ ହେବା / ଅଧିକାର ସାବ୍ୟସ୍ତ କରିବା।

2. ନିୟନ୍ତ୍ରଣ ଅର୍ଥ ମଧ୍ୟରେ ଡାଇରେକ୍ଟରଙ୍କ ପ୍ରମୁଖ ନିଯୁକ୍ତି ଅଧିକାର କିମ୍ବା ମ୍ୟାନେଜମେଣ୍ଟର ନିୟନ୍ତ୍ରଣ କିମ୍ବା ପଲିସି ନିଷ୍ପତ୍ତି ସହିତ ବୁଝାଯିବ ଯାହା ସେମାନଙ୍କ ସେୟାରହୋଲଡିଂ କିମ୍ବା ମ୍ୟାନେଜମେଣ୍ଟ ଅଧିକାର କିମ୍ବା ସେୟାର ହୋଲ୍ଡରଙ୍କ ଏଗ୍ରିମେଣ୍ଟ କିମ୍ବା ଭୋଟିଂ ଏଗ୍ରିମେଣ୍ଟ ଦ୍ବାରା

ଖ. ଯେଉଁଠାରେ ଗ୍ରାହକ ଜଣେ ପାର୍ଟନରସିପ୍ ଫାର୍ମ ହୋଇଥିବେ ସେ କ୍ଷେତ୍ରରେ ହିତାଧିକାରୀ ମାଲିକ ପ୍ରକୃତ ବ୍ୟକ୍ତି (ସମୂହ) ଅଟନ୍ତି, ଯିଏକି ଏକାକି କିମ୍ବା ଏକତ୍ର ଭାବରେ କାର୍ଯ୍ୟ କରନ୍ତି କିମ୍ବା ଜଣେ କିମ୍ବା ଏକାଧିକ କ୍ଷେତ୍ରାଧିକାର ବ୍ୟକ୍ତିଙ୍କ ଜରିଆରେ କ୍ୟାପିଟାଲ କିମ୍ବା ପାର୍ଟନରସିପର ଲାଭର 10% ରୁ ଅଧିକ ମାଲିକାନା/ ଅଧିକାର ପାଇବାକୁ ଦାବୀ ରଖନ୍ତି।

ବ୍ୟାଖ୍ୟା- ଏହି ଧାରା ଉଦ୍ଦେଶ୍ୟରେ, "ନିୟନ୍ତ୍ରଣ" ଶବ୍ଦ ମଧ୍ୟରେ ମ୍ୟାନେଜମେଣ୍ଟ କିମ୍ବା ନୀତି ନିଷ୍ପତ୍ତିକୁ ନିୟନ୍ତ୍ରଣ କରିବାର ଅଧିକାର ଅନ୍ତର୍ଭୁକ୍ତ ହେବ।

ଗ. ଯେଉଁଠାରେ ଗ୍ରାହକ ଜଣେ ଅଣଇନକର୍ପୋରେଟେଡ୍ ଆସୋସିଏସନ କିମ୍ବା ବଡି ଅଫ୍ ଇଣ୍ଡିଭିଜୁଆଲ୍ସ ହୋଇଥିବେ ସେ କ୍ଷେତ୍ରରେ ହିତାଧିକାରୀ ମାଲିକ ପ୍ରକୃତ ବ୍ୟକ୍ତି (ସମୂହ) ଅଟନ୍ତି ଯିଏକି ଏକାକି କିମ୍ବା ଏକତ୍ର ଭାବରେ କାର୍ଯ୍ୟ କରନ୍ତି କିମ୍ବା ଜଣେ କିମ୍ବା ଏକାଧିକ କ୍ଷେତ୍ରାଧିକାର ବ୍ୟକ୍ତିଙ୍କ ଜରିଆରେ ଅଣଇନକର୍ପୋରେଟେଡ୍ କିମ୍ବା ବଡି ଅଫ୍ ଇଣ୍ଡିଭିଜୁଆଲ୍ସର ସମ୍ପତ୍ତି କିମ୍ବା ପୁଞ୍ଜି କିମ୍ବା ଲାଭର 15% ରୁ ଅଧିକ ମାଲିକାନା/ ଅଧିକାର ପାଇବାକୁ ଦାବୀ ରଖନ୍ତି।

ସ୍ପଷ୍ଟୀକରଣ : ସର୍ତ୍ତ ବଡି ଅଫ୍ ଇଣ୍ଡିଭିଜୁଆଲ୍ସ ଅନ୍ତର୍ଭୁକ୍ତ ସୋସାଇଟି। ଯେଉଁଠାରେ କୌଣସି ପ୍ରାକୃତିକ ବ୍ୟକ୍ତି ନଥିବେ ଏହାକୁ ଉପରୋକ୍ତ ପ୍ରକାରେ (କ), (ଖ) କିମ୍ବା (ଗ) ଅଧୀନରେ ଚିହ୍ନଟ କରାଯିବ। ହିତାଧିକାରୀ ମାଲିକ ହେଉଛନ୍ତି

ସଂପୃକ୍ତ ପ୍ରକୃତ ବ୍ୟକ୍ତି ଯିଏକି ସିନିୟର ମ୍ୟାନେଜିଂ ଅଫିସିଆଲଙ୍କ ସ୍ଥିତିକୁ ବଜାୟ ରଖନ୍ତି।

ଘ. ଯେଉଁଠାରେ ଗ୍ରାହକ ଜଣେ ଟ୍ରଷ୍ଟ ହୋଇଥିବେ, ସେ କ୍ଷେତ୍ରରେ ହିତାଧିକାରୀ ମାଲିକ (ସମୂହ) ଙ୍କ ପରିଚୟ ମଧ୍ୟରେ ଟ୍ରଷ୍ଟର ଅଥରଙ୍କ ପରିଚୟକୁ ଅନ୍ତର୍ଭୁକ୍ତ କରାଯିବ, ଟ୍ରଷ୍ଟି, ହିତାଧିକାରୀଙ୍କର ଉକ୍ତ ଟ୍ରଷ୍ଟରେ 10% କିମ୍ବା ତାଠାରୁ ଅଧିକ ସ୍ୱାର୍ଥ ରହିଥିବ ଏବଂ ଅନ୍ୟ କୌଣସି ପ୍ରକୃତ ବ୍ୟକ୍ତି ଯିଏକି ନିୟନ୍ତ୍ରଣ କିମ୍ବା ମାଲିକାନାର ଶୃଙ୍ଖଳା ଜରିଆରେ ଟ୍ରଷ୍ଟ ଉପରେ ବିକଳ୍ପ ପ୍ରଭାବୀ ନିୟନ୍ତ୍ରଣ ରଖିଥିବେ।

v. "ପ୍ରମାଣିତ କପି" – କମ୍ପାନୀ ଦ୍ବାରା ଏକ ପ୍ରମାଣିତ କପି ପ୍ରାପ୍ତ କରିବା ଅର୍ଥ ହେଉଛି ଯେଉଁଠାରେ ଅଫଲାଇନ୍ ଯାଞ୍ଚ ସମ୍ଭବ ହୋଇ ପାରିନାହିଁ ସେହି କ୍ଷେତ୍ରରେ ଆଧାର ନମ୍ବରର ଅଧିଗ୍ରହଣ ପ୍ରମାଣସ୍ୱରୂପ ଏକ କପି କିମ୍ବା ଅଫିସିଆଲ ଭାବରେ ବୈଧ ନଥିପତ୍ର ଯାହାକୁ ଗ୍ରାହକଙ୍କ ଦ୍ବାରା ଅସଲ କାଗଜାତ ସହିତ ନଥିପତ୍ର ଭାବରେ ଦାଖଲ କରାଯାଇଥିବ ଏବଂ ଏହି ଅଧିନିୟମରେ ଥିବା ବ୍ୟବସ୍ଥା ଅନୁସାରେ କମ୍ପାନୀର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ବାରା ଏହି କପି ଉପରେ ରେକର୍ଡ଼ କରାଯାଇଥିବ।

ଏହା ବ୍ୟବସ୍ଥିତ ହେବ ଯେ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ (ଏନଆରଆଇ) ଏବଂ ପର୍ସନ୍‌ସ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ପିଆଇଓ)ଙ୍କ କ୍ଷେତ୍ରରେ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ (ଡିପୋଜିଟ୍) ରେଗୁଲେସନ 2016 ର ପରିଭାଷିତ ପ୍ରକାରେ ବିକଳ୍ପ ଭାବରେ ପ୍ରକୃତ ପ୍ରମାଣିତ କପି ନିମ୍ନଲିଖିତଙ୍କ ଦ୍ବାରା ପ୍ରମାଣିତ ହୋଇଥିଲେ ତାହାକୁ ପ୍ରାପ୍ତ କରାଯାଇପାରେ :

- ଭାରତରେ ପଞ୍ଜୀକୃତ ହୋଇଥିବା ସୂଚୀତ ବାଣିଜ୍ୟିକ ବ୍ୟାଙ୍କର ଓଭରସିଜ୍ ଶାଖାର ସ୍ବୀକୃତ ଅଧିକାରୀ।
- ଓଭରସିଜ୍ ବ୍ୟାଙ୍କର ଶାଖା ସହିତ ଯେଉଁ ଭାରତୀୟ ବ୍ୟାଙ୍କ ସହିତ ସମ୍ପର୍କ ରହିଛି
- ନୋଟାରି ପବ୍ଲିକ୍ ବୋର୍ଡ଼
- କୋର୍ଟ ମାଜିଷ୍ଟ୍ରେଟ୍
- ଜଜ୍
- ଭାରତୀୟ ଦୂତାବାସ/ ଦେଶରେ ଥିବା କନସଲଟାଣ୍ଟ ଜେନେରାଲ୍ ଯେଉଁଠାରେ ଅଣ-ଆବାସିକ ଗ୍ରାହକ ବାସ କରୁଥିବେ।

vi. ସେଣ୍ଟ୍ରାଲ୍ କେୱାଇସି ରେକର୍ଡ଼ସ ରେଜିଷ୍ଟ୍ରି (ସିକେୱାଇସିଆର) ଅର୍ଥ ହେଉଛି ରୁଲର ରୁଲ୍ 2 (1) ଅଧୀନରେ ପରିଭାଷିତ ଏକ ସଂସ୍ଥା ଯିଏକି ଜଣେ ଗ୍ରାହକଙ୍କ ଠାରୁ ଡିଜିଟାଲ୍ ଭାବରେ କେୱାଇସିର ରେକର୍ଡ଼କୁ ଗ୍ରହଣ କରିବେ, ଗଚ୍ଛିତ କରିବେ, ସୁରକ୍ଷିତ ରଖିବେ ଓ ରିଟ୍ରାଇଭ୍ କରିବେ।

vii. "ପ୍ରାଧିକୃତ ନିର୍ଦ୍ଦେଶକ" ଅର୍ଥ ହେଉଛି କମ୍ପାନୀ ଦ୍ବାରା ପ୍ରାଧିକୃତ ଜଣେ ବ୍ୟକ୍ତି ଯିଏକି ପିଏମଏଲ୍ ଅଧିନିୟମ ଓ ରୁଲ୍‌ସର ଚାର୍ଟର iv ଅଧୀନରେ ଦାୟୀତ୍ୱ ଅଧିଗ୍ରହଣ କରିଥିବେ ଏବଂ ସେ ପରିଚାଳନା ନିର୍ଦ୍ଦେଶକ କିମ୍ବା ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବରେ ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ବାରା ବିଧିବଦ୍ଧ ଭାବରେ ସ୍ବୀକୃତି ପାଇଥିବେ। ବ୍ୟାଖ୍ୟା – ଏହି ଧାରା ଉଦ୍ଦେଶ୍ୟ ପାଇଁ ପରିଚାଳନା ନିର୍ଦ୍ଦେଶକ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକର ଅର୍ଥ ଏହା ହେବ ଯେ କମ୍ପାନୀ ଅଧିନିୟମ 2013 ରେ ତାଙ୍କ ଉପରେ ସମସ୍ତ ଦାୟୀତ୍ୱ ନ୍ୟସ୍ତ କରାଯାଇଥିବ।

viii. ଡିଜିଟାଲ୍ କେୱାଇସି ଅର୍ଥ ଏହା ହେଉଛି ଗ୍ରାହକଙ୍କ ଜୀବନ୍ତ ଫଟୋକୁ କ୍ୟାପଚର କରିବା ଓ ଅଫିସିଆଲି ଭାବରେ ବୈଧ ନଥିପତ୍ର କିମ୍ବା ଆଧାରର ଅଧିଗ୍ରହଣ ପ୍ରମାଣ ରଖିବା ଯେଉଁଠାରେ ଅଫଲାଇନ୍ ଯାଞ୍ଚ କାର୍ଯ୍ୟ ହୋଇ ପାରିନଥାଏ। ଏଥି ସହିତ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ଯେଉଁଠାରେ ଏହି ଜୀବନ୍ତ ଫଟୋକୁ ଅଧିନିୟମରେ ରଖାଯାଇଥିବା ବ୍ୟବସ୍ଥା ଅନୁସାରେ କମ୍ପାନୀର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ବାରା ରଖା ଯାଇଥାଏ।

ix. ଡିଜିଟାଲ୍ ସିଗ୍ନେଚରର ଅର୍ଥ ଇନଫରମେସନ ଟେକନୋଲୋଜି ଅଧିନିୟମ 2000 (2000 ର 21) ର ବିଭାଗ

(2) ର ଉପବିଭାଗ (1) ର ଧାରା (ପି) ରେ ନ୍ୟସ୍ତ ପ୍ରକାରେ ବୁଝାଯିବ।

x. "ସମକକ୍ଷ ଇ-କାଗଜାତ" ଅର୍ଥ ଏହା ହେଉଛି ଏକ ନଥିପତ୍ରର ବୈଦ୍ୟୁତିକ ସମତୁଲ୍ୟ ଯାହାକୁ ସେ ପ୍ରକାର ନଥିପତ୍ରର କର୍ତ୍ତୃପକ୍ଷଙ୍କ ଦ୍ବାରା ଜାରି କରାଯାଇଥାଏ ଓ ଏହାର ବୈଧ ଡିଜିଟାଲ୍ ସ୍ବାକ୍ଷର ସହିତ ଜାରି କରାଯାଇଥିବା ନଥିପତ୍ର ଗୁଡ଼ିକ ଇନଫରମେସନ ଟେକନୋଲୋଜି (ପ୍ରିଜରଭେସନ ଆଣ୍ଡ ରିଟେନ୍ସନ ଅଫ୍ ଇନ୍ଫରମେସନ ବାଏ ଇଣ୍ଟରମେଡିଆରିଜ୍ ପ୍ରୋଭାଇଡିଂ ଡିଜିଟାଲ୍ ଲକର ଫାସିଲିଟିଜ୍) ରୁଲ୍ସ 2016 ର ରୁଲ୍ 9 ଅନୁସାରେ ଗ୍ରାହକଙ୍କ ଆକାଉଣ୍ଟରେ ଡିଜିଟାଲ୍ ଲକର ହୋଇ ରହିଥାଏ।

xi. "ଗ୍ରୁପ୍" - "ଗ୍ରୁପ୍" ଶବ୍ଦର ଅର୍ଥ ଆୟକର ଅଧିନିୟମ, 1961 (1961ର 43)ର ବିଭାଗ 2ରେ ଉପବିଭାଗ (9)ର ଧାରା (ଇ)ରେ ସେହି ଶବ୍ଦ ପାଇଁ ନ୍ୟସ୍ତ ଅର୍ଥ ସହିତ ସମାନ ହେବ ।

xii. "ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (କେୱାଇସି)" ପରିଚାୟକ ଅର୍ଥ ଏହା ହେଉଛି ସ୍ବତନ୍ତ୍ର ନମ୍ବର କିମ୍ବା କୋଡ୍ ଯାହାକୁ ସେଣ୍ଟ୍ରାଲ୍ କେୱାଇସି ରେକର୍ଡ଼ସ ରେଜିଷ୍ଟ୍ରି ଦ୍ବାରା ଜଣେ ଗ୍ରାହକଙ୍କ ପାଇଁ ନ୍ୟସ୍ତ କରାଯାଇଥାଏ।

xiii. 'ଅଣଲାଭଦାୟକ ସଂସ୍ଥା (ଏନପିଓ)" ଅର୍ଥ ହେଉଛି କୌଣସି ସଂସ୍ଥା ବା ସଙ୍ଗଠନ ଯିଏକି ଆୟକର ଅଧିନିୟମ, 1961 (1961ର 43)ର ବିଭାଗ 2ର ଧାରା (15)ରେ ଦର୍ଶାଯାଇଥିବା ଧାର୍ମିକ କିମ୍ବା ଦାନଧର୍ମ ଉଦ୍ଦେଶ୍ୟରେ ଏକ ଟ୍ରଷ୍ଟ କିମ୍ବା ସୋସାଇଟି ରୂପେ ସୋସାଇଟିଜ୍ ରେଜିଷ୍ଟ୍ରେସନ ଅଧିନିୟମ 1860 କିମ୍ବା ଅନ୍ୟ କୌଣସି ଅନୁରୂପ ରାଜ୍ୟ ସମ୍ବିଧାନ କିମ୍ବା କମ୍ପାନୀ ଅଧିନିୟମ 2013 (2013ର 18)ର ଧାରା 8 ଅଧୀନରେ ଏକ କମ୍ପାନୀ ରୂପେ ପଞ୍ଜୀକୃତ ହୋଇଛି।

xiv. ଅଫିସିଆଲି ଭାଲିଡ୍ ଡକୁମେଣ୍ଟ (ଓଭିଡି) ଅର୍ଥ ଏହା ହେଉଛି ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ଆଧାର ନମ୍ବର ଅଧୀଗ୍ରହଣ ପ୍ରମାଣ, ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ବାରା ଜାରି ଭୋଟର ପରିଚୟ ପତ୍ର, ରାଜ୍ୟ ସରକାରଙ୍କ ଜଣେ ଅଧିକାରୀଙ୍କ ଦ୍ବାରା ବିଧିବଦ୍ଧ ଭାବରେ ସ୍ବାକ୍ଷରିତ ଏନଆରଇଜିଏ ଦ୍ବାରା ଜାରି ଜବ୍ କାର୍ଡ଼ ଓ ନାମ ଏବଂ ଠିକଣାର ବିବରଣୀ ଥିବା ରାଷ୍ଟ୍ରୀୟ ଜନଗଣନା ପଞ୍ଜୀକାରଙ୍କ ଦ୍ବାରା ଜାରି ପତ୍ର।

ଏହି ସର୍ତ୍ତ ଅନୁସାରେ ଯେ,

କ. ଯେଉଁଠାରେ ଗ୍ରାହକ ଏକ ଓଭିଡି ରୂପେ ଆଧାର ନମ୍ବର ଅଧିଗ୍ରହଣ ପ୍ରମାଣକୁ ଦାଖଲ କରିଥିବେ ସେ କ୍ଷେତ୍ରରେ ୟୁନିକ୍ ଆଇଡେଣ୍ଟିଫିକେସନ ଅଥୋରିଟି ଅଫ୍ ଇଣ୍ଡିଆ ଦ୍ବାରା ଜାରି ହୋଇଥିବା ପ୍ରକାରେ ସେହିଭଳି ଏକ ଫର୍ମରେ ତାହାକୁ ଦାଖଲ କରିପାରିବେ।

ଖ. ଯେଉଁଠାରେ ସମ୍ପାଦିତ ଓଭିଡିରେ ଗ୍ରାହକଙ୍କ ଅପଡେଟ୍ ହୋଇଥିବା ଠିକଣା ନଥିବ ତେବେ ସେକ୍ଷେତ୍ରରେ ନିମ୍ନଲିଖିତ ନଥିପତ୍ର କିମ୍ବା ତତୁଲ୍ୟ ଇ-ନଥିପତ୍ରକୁ ଓଭିଡି ରୂପେ ମାନ୍ୟତା ପ୍ରଦାନ କରାଯିବ ଯାହା ଠିକଣା ପ୍ରମାଣର ସୀମିତ ଉଦ୍ଦେଶ୍ୟ ପାଇଁ ରହିବ :

i. ଯେକୌଣସି ସେବା ପ୍ରଦାତା (ବିଦ୍ୟୁତ, ଟେଲିଫୋନ୍, ପୋଷ୍ଟପେଡ୍ ମୋବାଇଲ୍ ଫୋନ୍, ପାଇପ୍ ଗ୍ୟାସ, ପାଣି ବିଲ୍) ଙ୍କର 2 ମାସରୁ ଅଧିକ ପୁରୁଣା ହୋଇନଥିବା ୟୁଟିଲିଟି ବିଲ୍।

ii. ସମ୍ପତ୍ତି କିମ୍ବା ପୌର ନିଗମ ଟିକସ ରସିଦ୍

iii. ସରକାରୀ ବିଭାଗ କିମ୍ବା ରାଷ୍ଟ୍ରାୟତ୍ତ ବିଭାଗ ଦ୍ବାରା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଜାରି ହୋଇଥିବା ପେନ୍ସନ କିମ୍ବା ପରିବାର ପେନ୍ସନ ପ୍ରଦାନ ଆଦେଶ (ପିପିଓ) ଯଦି ସେଥିରେ ଠିକଣା ରହିଥାଏ।

iv. ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରୀ ବିଭାଗ, ବୈଧାନିକ କିମ୍ବା ନିୟାମକ ସଂସ୍ଥା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ସୂଚୀତ ବାଣିଜ୍ୟିକ ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ ଓ ତାଲିକାଭୁକ୍ତ କମ୍ପାନୀ ଓ ଅଫିସିଆଲ୍ ବାସଗୃହ ଆବଣ୍ଟନ କରିଥିବା ସେ ପ୍ରକାର ନିୟୋଜନକର୍ତ୍ତାଙ୍କର ଲାଇସେନ୍ସ ଏଗ୍ରିମେଣ୍ଟ ଦ୍ବାରା ଜାରି କର୍ମଚାରୀମାନଙ୍କର ବାସଗୃହ ଆବଣ୍ଟନ ପତ୍ର। ୨

ଗ. ଉପରୋକ୍ତ ପ୍ରକାରେ 'ଖ'ରେ ନିର୍ଦ୍ଧାରିତ କରାଯାଇଥିବା ନଥିପତ୍ର ଦାଖଲର ତିନି ମାସ ଅବଧି ମଧ୍ୟରେ ବର୍ତ୍ତମାନ ଠିକଣା ସହିତ ଓଭିଡି କୁ ଗ୍ରାହକ ଦାଖଲ କରିବେ।

ଘ. ଯେଉଁଠାରେ ବିଦେଶୀ ନାଗରିକଙ୍କ ଦ୍ବାରା ଓଭିଡି ଉପସ୍ଥାପନ କରାଯାଇଥିବ ଓ ସେଥିରେ ଠିକଣାର ବିବରଣୀ ନଥିବ ସେପରି କ୍ଷେତ୍ରରେ ବୈଦେଶିକ କ୍ଷେତ୍ରାଧିକାର ର ସରକାରୀ ବିଭାଗ ଦ୍ବାରା ଜାରି ନଥିପତ୍ର ଓ ବୈଦେଶିକ ଏମ୍ବାସି କିମ୍ବା ଭାରତର ମିସନ୍ ଦ୍ବାରା ଜାରି ପତ୍ରକୁ ଠିକଣା ପ୍ରମାଣ ରୂପେ ସ୍ବୀକୃତି ଦିଆଯିବ।

ବ୍ୟାଖ୍ୟା : ଏହି ଧାରାର ଉଦ୍ଦେଶ୍ୟ ପାଇଁ ଏକ ନଥିପତ୍ରକୁ ଓଭିଡି ରୂପେ ବୈଧ ବିବେଚନା କରାଯିବ ଏପରିକି ଯଦି ପରବର୍ତ୍ତୀ ନାମରେ ଏକ ପରିବର୍ତ୍ତନ ହୋଇଥାଏ ଓ ତାହା ରାଜ୍ୟ ସରକାର କିମ୍ବା ଗେଜେଟ୍ ନୋଟିଫିକେସନ ଦ୍ବାରା ଜାରି ବିବାହ ପ୍ରମାଣ ପତ୍ର ଦ୍ବାରା ସମର୍ଥିତ ହୋଇଥାଏ ସେ କ୍ଷେତ୍ରରେ ନାମ ପରିବର୍ତ୍ତନକୁ ସୂଚୀତ କରାଯିବ।

xv. ଅଫଲାଇନ୍ ଯାଞ୍ଚର ଅର୍ଥ ଆଧାର (ଟାରଗେଟେଡ୍ ଡେଲିଭରି ଅଫ୍ ଫାଇନାନ୍ସିଆଲ୍ ଆଣ୍ଡ ଅଦର ସବ୍‌ସିଡିଜ୍, ବେନିଫିଟ୍‌ସ ଆଣ୍ଡ ସର୍ଭିସେସ୍) ଅଧିନିୟମ 2016 (2016 ର 18) ର ବିଭାଗ 2 ର ଧାରା (ପିଏ) ରେ ନ୍ୟସ୍ତ ପ୍ରକାରେ ଅର୍ଥକୁ ବୁଝାଇବ।

xvi. ବ୍ୟକ୍ତି ର ଅର୍ଥକୁ ଏହି ଅଧିନିୟମରେ ନ୍ୟସ୍ତ ହୋଇଥିବା ଅର୍ଥକୁ ବୁଝାଇବ ଓ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ :

କ. ଜଣେ ବ୍ୟକ୍ତିବିଶେଷ

ଖ. ଜଣେ ହିନ୍ଦୁ ଅବିଭାଜିତ ପରିବାର

ଗ. ଏକ କମ୍ପାନୀ

ଘ. ଏକ ଫାର୍ମ

ଙ. ବ୍ୟକ୍ତିବିଶେଷଙ୍କ ଏକ ଆସୋସିଏସନ କିମ୍ବା ଏକ ସଂସ୍ଥା ଯେଉଁଠାରେ ଏହା ଇନକର୍ପୋରେଟେଡ୍ ହୋଇଥିବ କିମ୍ବା ହୋଇନଥିବ

ଚ. କୌଣସି କୃତ୍ରିମ ଜୁରିଡିକାଲ୍ ବ୍ୟକ୍ତି ଯିଏକି ଉପରୋକ୍ତ ବ୍ୟକ୍ତି (କ ରୁ ଙ) ମଧ୍ୟରେ ଅନ୍ତର୍ଭୁକ୍ତ ହୋଇନଥିବେ ଏବଂ

ଛ. କୌଣସି ଏଜେନ୍ସି, ଅଫିସ୍ କିମ୍ବା ଶାଖା ମାଲିକାନାରେ ଥିବ କିମ୍ବା ଉପରୋକ୍ତ ବ୍ୟକ୍ତି (କ ରୁ ଚ) ଙ୍କ ନିୟନ୍ତ୍ରଣରେ ରହିଥିବ।

xvii. "ପ୍ରଧାନ ଅଧିକାରୀ" ଅର୍ଥ ଏକ କମ୍ପାନୀ ଦ୍ୱାରା ନାମାଙ୍କିତ ଜଣେ ପରିଚାଳନା ପାହ୍ୟାର ଅଧିକାରୀ ଯିଏକି ରୁଲର 8 ରୁଲ୍ ଅନୁସାରେ ସୂଚନା ସମ୍ପାଦନ ପାଇଁ ଦାୟୀତ୍ବ ନେଇଥାନ୍ତି।

xviii. "ସନ୍ଦେହାସ୍ପଦ ନେଣଦେଣ" ଅର୍ଥ ଏହା ହେଉଛି ନିମ୍ନରେ ପରିଭାଷିତ ପ୍ରକାରେ ନେଣଦେଣ, ଏଥି ସହିତ ସେପରି ନେଣଦେଣ କରିବାକୁ ପ୍ରୟାସ ତାହା ନଗଦ ଅର୍ଥରେ ହୋଇଥାଉ ବା ହୋଇନଥାଉ, ଯେଉଁଥିରେ ଜଣେ ବ୍ୟକ୍ତି ଉତ୍ତମ ବିଶ୍ବାସର ସହିତ କାର୍ଯ୍ୟ କରିଥାନ୍ତି।

କ. ସନ୍ଦେହଜନକ କାରଣର ଭିତ୍ତିଭୂମି ସୃଷ୍ଟି ହେବା ପଛରେ ଏକ ଅପରାଧିକ କାର୍ଯ୍ୟ ଲୁଚି ରହିଥାଏ ଯାହା ନିର୍ଦ୍ଦିଷ୍ଟ ଭାବରେ ଏହି ଅଧିନିୟମର ସୂଚୀ ଅନ୍ତର୍ଭୁକ୍ତ ହୋଇଥାଏ। ଏଥିରେ ଥିବା ସଂପୃକ୍ତ ମୂଲ୍ୟ ନିର୍ବିଶେଷରେ, କିମ୍ବା

ଖ. ଅସ୍ବାଭାବିକ କିମ୍ବା ଅଯୌକ୍ତିକ ଜଟିଳତା ପରିସ୍ଥିତି ସୃଷ୍ଟିର କାରଣ ହୋଇଥାଏ, କିମ୍ବା

ଗ. ଆର୍ଥିକ ଔଚିତ୍ୟ କିମ୍ବା ବୋନାଫାଇଡ୍ ଉଦ୍ଦେଶ୍ୟ ପାଇଁ ହୋଇନଥାଏ, କିମ୍ବା

ଘ. ସନ୍ଦେହଜନକ କାରଣ ସୃଷ୍ଟି ହେବାର ମୌଳିକତା ମଧ୍ୟରେ ଆର୍ଥିକ କାରବାର ସଂପୃକ୍ତ ଆତଙ୍କବାଦୀ କାର୍ଯ୍ୟ ଜଡ଼ିତଥାଏ।

ବ୍ୟାଖ୍ୟା : ଆତଙ୍କବାଦୀ ସମ୍ବନ୍ଧିତ କାର୍ଯ୍ୟ ସହିତ ଜଡ଼ିତ ଥିବା ଆର୍ଥିକ କାରବାର ମଧ୍ୟରେ ସନ୍ଦେହଜନକ ପାଣ୍ଠିର କାରବାର ଯାହା ଏଥିସହିତ ସଂପୃକ୍ତ ଥାଏ କିମ୍ବା ସମ୍ବନ୍ଧିତ ଥାଏ କିମ୍ବା ତାହା ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ଜଡ଼ିତ କିମ୍ବା ଜଣେ ଆତଙ୍କବାଦୀ, ଆତଙ୍କବାଦୀ ସଙ୍ଗଠନଙ୍କ ଦ୍ବାରା କରାଯାଇଥାଏ କିମ୍ବା ଯେଉଁମାନେ ଆର୍ଥିକ ଆତଙ୍କବାଦକୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ଅର୍ଥ ଯୋଗାଇଥାନ୍ତି।

xix. ଏକ କ୍ଷୁଦ୍ର ଆକାଉଣ୍ଟ ଅର୍ଥ ଏହା ହେଉଛି ସେଭିଂସ୍ ଆକାଉଣ୍ଟ ଯାହା ପିଏମଏଲ୍ ରୁଲ୍ସ 2005 ର ସବରୁଲ୍ (5) ଅନୁସାରେ ଖୋଲା ଯାଇଥାଏ। ଏହି କ୍ଷୁଦ୍ର ଆକାଉଣ୍ଟର ପରିଚାଳନା ବିବରଣୀ ଓ ଏହାର ନିୟନ୍ତ୍ରଣ ସେହି ଆକାଉଣ୍ଟ ଦ୍ବାରା ଆରବିଆଇ ମାଷ୍ଟର ଡିରେକ୍ସନର ଧାରା 23 ଅଧୀନରେ ନିର୍ଦ୍ଧାରିତ କରାଯାଇଥାଏ।

xx. "ନେଣଦେଣ" ଅର୍ଥ ଏହା ହେଉଛି ଏକ କ୍ରୟ, ବିକ୍ରୟ, ଋଣ, ବନ୍ଧକ, ଉପହାର, ହସ୍ତାନ୍ତର, ପ୍ରଦାନ କିମ୍ବା ଏଥିପାଇଁ ବ୍ୟବସ୍ଥା ଓ ଏଥିରେ ଅନ୍ତର୍ଭୁକ୍ତ ରହିଛି :

କ. ଏକ ଖାତା ଖୋଲିବା

ଖ. ପାଣ୍ଠି ଅନୁସାରେ ଜମା, ଉଠାଣ, ବିନିମୟ କିମ୍ବା ସ୍ଥାନାନ୍ତରଣ ଯେଉଁଠାରେ ଏହା ନଗଦ ଅର୍ଥ କିମ୍ବା ଚେକ୍, ପେମେଣ୍ଟ ଅର୍ଡ଼ର କିମ୍ବା ଅନ୍ୟାନ୍ୟ ଇନଷ୍ଟ୍ରୁମେଣ୍ଟ କିମ୍ବା ବୈଦୁତିକ ମାଧ୍ୟମ କିମ୍ବା ଅନ୍ୟାନ୍ୟ ଅଣ ଭୌତିକ ମାଧ୍ୟମରେ ହୋଇପାରେ।

ଗ. ଏକ ସୁରକ୍ଷିତ ଜମା ବକ୍ସ ବା ସୁରକ୍ଷିତ ଜମାର କୌଣସି ଅନ୍ୟ ପ୍ରକାରର ଉପଯୋଗ

ଘ. କୌଣସି ପ୍ରତ୍ୟୟୀ ସମ୍ବନ୍ଧରେ ପ୍ରବେଶ କରିବା

ଙ. କୌଣସି ସମ୍ବିଦାତ୍ମକ ବା ଅନ୍ୟ ଆଇନଗତ ଦାୟୀତ୍ବ ପାଇଁ ପୂର୍ଣ୍ଣ ବା ଆଂଶିକ ଭାବରେ କରାଯାଇଥିବା ବା ପ୍ରାପ୍ତ କରାଯାଇଥିବା କୌଣସି ପଇଠ ବା

ଚ. ଆଇନ୍ ବ୍ୟକ୍ତିତ୍ବ ବା ଆଇନ୍ ବ୍ୟବସ୍ଥାର ସ୍ଥାପନା ବା ନିର୍ମାଣ

ଅନ୍ୟଥା ଆବଶ୍ୟକ ବ୍ୟତୀତ କେୱାଇସିରେ ମାଷ୍ଟର ଡିରେକ୍ସନରେ ନ୍ୟସ୍ତ ହୋଇଥିବା ସର୍ତ୍ତର ଅର୍ଥ ଏମାନଙ୍କ ପାଇଁ ନିମ୍ନ ପ୍ରକାରେ ନ୍ୟସ୍ତ ହୋଇଥିବା ଅର୍ଥକୁ ବୁଝାଇବ :

i. "କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡସ" (ସିଆରଏସ) ଅର୍ଥ ଟିକସ ବିଷୟରେ ମ୍ୟୁଚୁଆଲ୍ ଆଡମିନିଷ୍ଟ୍ରେଟିଭ୍ ଆସିଷ୍ଟାନ୍ସର କନ୍‌ଭେନ୍‌ସନର ଆର୍ଟିକିଲ 6 ଆଧାରିତ ସୂଚନାର ସ୍ବୟଂକ୍ରିୟ ବିନିମୟ ପାଇଁ ସ୍ବାକ୍ଷରିତ ମଲ୍‌ଟି ଲାଟେରାଲ୍ ଏଗ୍ରିମେଣ୍ଟର କାର୍ଯ୍ୟକାରୀତା ପାଇଁ ନିର୍ଦ୍ଧାରିତ ହୋଇଥିବା ରିପୋର୍ଟିଂ ଷ୍ଟାଣ୍ଡାର୍ଡ଼।

ii. "କରେସପୋଣ୍ଡେଣ୍ଟ ବ୍ୟାଙ୍କିଂ" - ଗୋଟିଏ ବ୍ୟାଙ୍କ ("କରେସପୋଣ୍ଡେଣ୍ଟ ବ୍ୟାଙ୍କ") ଦ୍ୱାରା ଅନ୍ୟ ଏକ ବ୍ୟାଙ୍କ ("ରେସପୋଣ୍ଡେଣ୍ଟ ବ୍ୟାଙ୍କ")କୁ ବ୍ୟାଙ୍କିଂ ସେବା ପ୍ରଦାନ କରାଯିବାର ବ୍ୟବସ୍ଥାକୁ କରେସପୋଣ୍ଡେଣ୍ଟ ବ୍ୟାଙ୍କିଂ କୁହାଯାଏ। ରେସପୋଣ୍ଡେଣ୍ଟ ବ୍ୟାଙ୍କକୁ ବ୍ୟାପକ ବର୍ଗମାଳାର ସେବା ଦିଆଯାଇପାରେ, ଯାହା ମଧ୍ୟରେ ନଗଦ ପରିଚାଳନା (ଉଦାହରଣ ସ୍ୱରୂପ- ବିବିଧ ମୁଦ୍ରାରେ ସୁଧ-ବହନକାରୀ ଖାତା), ଅନ୍ତର୍ଜାତୀୟ ଓ୍ୱାୟାର୍ ଟ୍ରାନ୍ସଫର୍, ଚେକ୍ କ୍ଲିୟରିଂ, ଖାତା ମାଧ୍ୟମରେ ପୈଠଯୋଗ୍ୟ ଏବଂ ବୈଦେଶିକ ମୁଦ୍ରା ବିନିମୟ ସେବା ଅନ୍ତର୍ଭୁକ୍ତ ।

iii. "ଗ୍ରାହକ" ଅର୍ଥ ହେଉଛି ଜଣେ ବ୍ୟକ୍ତି ଯିଏକି ଆର୍ଥିକ କାରବାର କିମ୍ବା କମ୍ପାନୀର କାର୍ଯ୍ୟ କରିବା ପାଇଁ ନିୟୋଜିତ ହୋଇଥାନ୍ତି ଏବଂ ଏଥି ସହିତ ଜଣେ ବ୍ୟକ୍ତି ଯାହାଙ୍କ ପକ୍ଷରୁ ଜଣେ ବ୍ୟକ୍ତି ସଞ୍ଚାଳନ କିମ୍ବା କାର୍ଯ୍ୟ କରିବା ପାଇଁ ନିୟୋଜିତ ହୋଇଥାନ୍ତି ଓ କାର୍ଯ୍ୟ କରନ୍ତି।

iv. "ୱାକ ଇନ୍ କଷ୍ଟମର" ଅର୍ଥ ହେଉଛି ଜଣେ ବ୍ୟକ୍ତି କମ୍ପାନୀ ସହିତ ସମ୍ପର୍କ ଆଧାରିତ ଆକାଉଣ୍ଟରେ ନଥିବେ କିନ୍ତୁ କମ୍ପାନୀ ସହିତ ଟ୍ରାନ୍‌ଜାକସନ ପାଇଁ ସ୍ବୀକାରୋକ୍ତି ଦେଇଥିବେ।

v. "କଷ୍ଟମର ଡ୍ୟୁ ଡିଲିଜେନ୍‌ସ (ସିଡିଡି)" ଅର୍ଥ ଏହା ହେଉଛି ପରିଚୟ ଚିହ୍ନଟୀକରଣର ଏକ ନିର୍ଭରଯୋଗ୍ୟ ଏବଂ ସ୍ୱାଧୀନ

ଉତ୍ସରୁ ଗ୍ରାହକ ଓ ହିତାଧିକାରୀ ମାଲିକଙ୍କୁ ଚିହ୍ନଟ କରିବା ଓ ଯାଞ୍ଚ କରିବା।

ବ୍ୟାଖ୍ୟା - ଏକ ଖାତା-ଆଧାରିତ ସମ୍ପର୍କ ସୃଷ୍ଟି କରିବା ସମୟରେ କିମ୍ବା ଏକକ ବା ପରସ୍ପର ସହିତ ସମ୍ପର୍କିତ ଜଣାପଡୁଥିବା ଏକାଧିକ କାରବାରରେ ପଚାଶ ହଜାର ଟଙ୍କାର ସମତୁଲ୍ୟ କିମ୍ବା ତାହାଠାରୁ ଅଧିକ ପରିମାଣର ସାମୟିକ କାରବାର କରିବା ସମୟରେ ଅଥବା ଯେକୌଣସି ଅନ୍ତର୍ଜାତୀୟ ଟଙ୍କା ସ୍ଥାନାନ୍ତର କାର୍ଯ୍ୟ ସଞ୍ଚାଳନ କରିବା ସମୟରେ, ସିଡିଡି ମଧ୍ୟରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ ହେବ:

କ. ଗ୍ରାହକଙ୍କ ପରିଚୟ ଚିହ୍ନଟ କରିବା, ପରିଚୟ ଚିହ୍ନଟର ଏକ ନିର୍ଭରଯୋଗ୍ୟ ଏବଂ ସ୍ୱାଧୀନ ଉତ୍ସକୁ ବ୍ୟବହାର କରି ସେମାନଙ୍କର ପରିଚୟକୁ ଯାଞ୍ଚ କରିବା, ପ୍ରଯୁଜ୍ୟ ହୋଇଥିବା ସ୍ଥଳରେ ବ୍ୟବସାୟ ସମ୍ପର୍କର ଉଦ୍ଦେଶ୍ୟ ଏବଂ ବାଞ୍ଛିତ ପ୍ରକୃତି ସମ୍ପର୍କରେ ସୂଚନା ହାସଲ କରିବା ।

ଖ. ଗ୍ରାହକଙ୍କ ବ୍ୟବସାୟ, ତାହାର ମାଲିକାନା ଓ ନିୟନ୍ତ୍ରଣର ପ୍ରକୃତିକୁ ବୁଝିବା ପାଇଁ ଯୁକ୍ତିସଙ୍ଗତ ପଦକ୍ଷେପ ଗ୍ରହଣ କରିବା।

ଗ. ଗ୍ରାହକ ଜଣେ ଲାଭକାରୀ ମାଲିକଙ୍କ ତରଫରୁ କାମ କରୁଛନ୍ତି କି ନାହିଁ ତାହା ନିର୍ଦ୍ଧାରଣ କରିବା ଏବଂ ଲାଭକାରୀ ମାଲିକଙ୍କୁ ଚିହ୍ନଟ କରିବା ଏବଂ ପରିଚୟ ଚିହ୍ନଟର ନିର୍ଭରଯୋଗ୍ୟ ଏବଂ ସ୍ୱାଧୀନ ଉତ୍ସକୁ ବ୍ୟବହାର କରି ଲାଭକାରୀ ମାଲିକଙ୍କ ପରିଚୟକୁ ଯାଞ୍ଚ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା।

vi. "ଗ୍ରାହକଙ୍କ ପରିଚୟ" ଅର୍ଥ ହେଉଛି ସିଡିଡି ର ପ୍ରକ୍ରିୟାକୁ ଅଧିଗ୍ରହଣ କରିବା।

vii. "ଏଫଏଟିସିଏ" ଅର୍ଥ ହେଉଛି ୟୁନାଇଟେଡ୍ ଷ୍ଟେଟ୍ ଅଫ୍ ଆମେରିକା (ୟୁଏସଏ) ର ଫରେନ୍ ଆକାଉଣ୍ଟ ଟ୍ୟାକ୍ସ କମ୍ପଲିଆନ୍ସ ଅଧିନିୟମ ଯେଉଁଥିରେ ଇଣ୍ଟରଆଲିଆ, ଫରେନ୍ ଫାଇନାନ୍ସିଆଲ୍ ଇନଷ୍ଟିଚ୍ୟୁସନ ଗୁଡ଼ିକ ୟୁଏସ ଟିକସ ଦାତା କିମ୍ବା ବିଦେଶୀ ସଂସ୍ଥାଙ୍କ ଦ୍ବାରା ରହିଥିବା ଫାଇନାନ୍ସିଆଲ୍ ଆକାଉଣ୍ଟ ଗୁଡ଼ିକ ସମ୍ବନ୍ଧରେ ରିପୋର୍ଟ ଦେବା ଯେଉଁଥିରେ ୟୁଏସ ଟିକସ ଦାତାମାନେ ଏକ ଉଲ୍ଲେଖନୀୟ ମାଲିକାନା ସ୍ୱାର୍ଥ ରଖିଥାନ୍ତି।

viii. "ଆଇଜିଏ" ର ଅର୍ଥ ହେଉଛି ଆନ୍ତସରକାରୀ ରାଜିନାମା ଯାହା ଆନ୍ତର୍ଜାତିକ ଟିକସ ଅନୁପାଳନ ଏବଂ ୟୁଏସଏର ଏଫଏଟିସିଏ କାର୍ଯ୍ୟାନ୍ବୟନ ରେ ଉନ୍ନତି ଆଣିବା ପାଇଁ ଭାରତ ସରକାର ଓ ୟୁଏସଏ ମଧ୍ୟରେ ସମ୍ପାଦିତ ହୋଇଥାଏ।

ix. "କେୱାଇସି ଟେମ୍ପଲେଟ୍ସ" ଅର୍ଥ ହେଉଛି ବ୍ୟକ୍ତିବିଶେଷ ଏବଂ ବୈଧାନିକ ସଂସ୍ଥା ଗୁଡ଼ିକ ପାଇଁ ସିକେୱାଇସିଆର କୁ କେୱାଇସି ଡାଟା ରିପୋର୍ଟିଂ ଏବଂ ସଂଗ୍ରହଣ ସୁବିଧା ପ୍ରଦାନ ପାଇଁ ପ୍ରସ୍ତୁତ ହୋଇଥିବା ଟେମ୍ପଲେଟ୍।

x. "ନନ୍ ଫେସ-ଟୁ-ଫେସ୍ କଷ୍ଟମର" ଏହାର ଅର୍ଥ ହେଉଛି ଯେଉଁ ଗ୍ରାହକମାନେ କମ୍ପାନୀର ଶାଖା /କାର୍ଯ୍ୟାଳୟକୁ ପରିଦର୍ଶନ ନକରି ଋଣ ଆକାଉଣ୍ଟ ଖୋଲିଥାନ୍ତି କିମ୍ବା କମ୍ପାନୀର ଅଧିକାରୀମାନଙ୍କ ସହିତ ସାକ୍ଷାତ କରିନଥାନ୍ତି।

xi. "ଅନଗୋଇଂ ଡ୍ୟୁ ଡିଲିଜେନ୍ସ" ଏହାର ଅର୍ଥ ହେଉଛି ଗ୍ରାହକ, ଗ୍ରାହକଙ୍କ ବ୍ୟବସାୟ ଏବଂ ରିସ୍କ ପ୍ରୋଫାଇଲ୍ ତଥା ପାଣ୍ଠି/ଧନର ଉତ୍ସ ସମ୍ପର୍କରେ କମ୍ପାନୀର ଜ୍ଞାତସାରରେ ଯାହା ରହିଛି ତାଙ୍କ ଋଣ ଖାତାରେ ହେଉଥିବା କାରବାରଗୁଡ଼ିକ ତାହା ସହିତ ଖାପ ଖାଉଛି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଋଣ ଖାତା ଉପରେ ନିୟମିତ ଭାବେ ନଜର ରଖିବା।

xii. "ପେୟେବଲ୍-ଥ୍ରୁ ଆକାଉଣ୍ଟ", ପେୟେବଲ୍-ଥ୍ରୁ ଆକାଉଣ୍ଟ ଶବ୍ଦର ଅର୍ଥ ହେଉଛି ତୃତୀୟ ପକ୍ଷଙ୍କ ଦ୍ୱାରା ସେମାନଙ୍କ ନିଜ ତରଫରୁ ବ୍ୟବସାୟ କାରବାର କରିବା ପାଇଁ ସିଧାସଳଖ ଭାବେ ବ୍ୟବହାର କରାଯାଉଥିବ କରେସପୋଣ୍ଡେଣ୍ଟ ଆକାଉଣ୍ଟ ।

xiii. "ପିରିଓଡିକ୍ ଅପଡେସନ" ଅର୍ଥ ହେଉଛି ଏଥିପାଇଁ ନିଆଯାଉଥିବା ଏକ ପଦକ୍ଷେପ ଯେଉଁଥିରେ ନଥିପତ୍ର, ତଥ୍ୟ କିମ୍ବା ସଂଗୃହିତ ସୂଚନା ଯାହା ସିଡିଡି ପ୍ରକ୍ରିୟା ଅଧୀନରେ ରଖାଯାଇଥାଏ ତାହାକୁ ସୁନିଶ୍ଚିତ କରିବା ସହିତ ଅପ-ଟୁ-ଡେଟ୍ ରଖିବା ଏବଂ ରିଜର୍ଭ ବ୍ୟାଙ୍କ ଦ୍ବାରା ନିର୍ଦ୍ଧାରିତ ସମୟକୁ ସମୟରେ ବିଦ୍ୟମାନ ରେକର୍ଡ଼ ସହିତ ସମୀକ୍ଷା କରିବା।

xiv. "ରେଗୁଲେଟେଡ୍ ଏନଟାଇଟିକ୍" (ଆରଇ)ର ଅର୍ଥ ହେଉଛି:-

(କ) ସମସ୍ତ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ (ଏସସିବି)/ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି)/ ସ୍ଥାନୀୟ କ୍ଷେତ୍ର ବ୍ୟାଙ୍କ (ଏଲଏବି)/ ସମସ୍ତ ପ୍ରାଥମିକ (ସହରାଞ୍ଚଳ) ସମବାୟ ବ୍ୟାଙ୍କ (ୟୁସିବି)/ ରାଜ୍ୟ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କ (ଏସଟିସିବି / ସିସିବି) ଏବଂ ବ୍ୟାଙ୍କିଂ ନିୟନ୍ତ୍ରଣ ଅଧିନିୟମ, 1949ର ଧାରା 22 ଅଧୀନରେ ଲାଇସେନ୍ସପ୍ରାପ୍ତ ଅନ୍ୟ କୌଣସି ସତ୍ତା, ଯେଉଁଗୁଡ଼ିକ ଏକ ସମୂହ ଭାବେ 'ବ୍ୟାଙ୍କ' ଭାବେ ପରିଚିତ ହୋଇଥାଏ

(ଖ) ଅଖିଳ ଭାରତୀୟ ବିତ୍ତୀୟ ଅନୁଷ୍ଠାନ (ଏଆଇଏଫଆଇ)

(ଗ) ସମସ୍ତ ଅଣ-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନବିଏଫସି), ବିବିଧ ଅଣ-ବ୍ୟାଙ୍କିଂ କମ୍ପାନୀ (ଏମଏନବିସି) ଏବଂ ରେସିଡୁଆରୀ ଅଣ-ବ୍ୟାଙ୍କିଂ କମ୍ପାନୀ (ଆରଏନବିସି)

(ଘ) ସମସ୍ତ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସପି)/ ସିଷ୍ଟମ ପାର୍ଟିସିପାଣ୍ଟସ (ଏସପି) ଏବଂ ପ୍ରିପେଡ୍ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ ଇସ୍ୟୁଅର (ପିପିଆଇ ଇସ୍ୟୁଅର୍ସ)

(ଙ) ସମସ୍ତ ପ୍ରାଧିକୃତ ବ୍ୟକ୍ତି (ଏପି), ଯେଉଁମାନଙ୍କ ମଧ୍ୟରେ ରେଗୁଲେଟର ବା ନିୟନ୍ତ୍ରକଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବା ମନି ଟ୍ରାନ୍ସଫର ସର୍ଭିସ୍ ସ୍କିମ୍ (ଏମଟିଏସଏସ)ର ଏଜେଣ୍ଟମାନେ ଅନ୍ତର୍ଭୁକ୍ତ ।

କମ୍ପାନୀ ଏକ ହାଉସିଂ ଫାଇନାନ୍ସ କମ୍ପାନୀ ଅଟେ, ଯାହା ନ୍ୟାସନାଲ ହାଉସିଂ ବ୍ୟାଙ୍କ ନିକଟରେ ପଞ୍ଜୀକୃତ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଏବଂ ଏହାକୁ ଏକ ରେଗୁଲେଟେଡ୍ ଏନଟାଇଟି ବା ନିୟନ୍ତ୍ରିତ ସତ୍ତା ଭାବେ ବିବେଚନା କରାଯାଏ ।

xv. "ସେଲ୍ ବ୍ୟାଙ୍କ"ର ଅର୍ଥ ହେଉଛି ଏପରି ଏକ ବ୍ୟାଙ୍କ ଯାହା ଯେଉଁ ଦେଶରେ କର୍ପୋରେଟଭୁକ୍ତ ଓ ଲାଇସେନ୍ସପ୍ରାପ୍ତ ହୋଇଛି ସେଠାରେ ତାହାର କୌଣସି ଭୌତିକ ଉପସ୍ଥିତି ନ ଥାଏ ଏବଂ କୌଣସି ରେଗୁଲେଟେଡ୍ ଫାଇନାନ୍ସିଆଲ ଗ୍ରୁପ୍ ସହିତ ସହବନ୍ଧିତ ହୋଇ ନ ଥାଏ ତଥା ପ୍ରଭାବୀ ସର୍ବମୋଟ ତତ୍ତ୍ୱାବଧାନ ଆବଶ୍ୟକ କରିଥାଏ। ଭୌତିକ ଉପସ୍ଥିତିର ଅର୍ଥ ହେଉଛି ଦେଶ ମଧ୍ୟରେ ଏକ ସାର୍ଥକ ମାନସ ଏବଂ ପରିଚାଳନାର ଉପସ୍ଥିତି। ଏକ ସ୍ଥାନୀୟ ଏଜେଣ୍ଟ କିମ୍ବା ତଳିଆ ସ୍ତରର କର୍ମଚାରୀଙ୍କ ଉପସ୍ଥିତିକୁ ଭୌତିକ ଉପସ୍ଥିତି ଭାବେ ବିବେଚନା କରାଯାଇପାରିବ ନାହିଁ ।

xvi. "ଭିଡିଓ ବେସ୍‌ଡ କଷ୍ଟମର ଆଇଡେଣ୍ଟିଫିକେସନ୍ ପ୍ରୋସେସ୍(V-CIP)": ଅର୍ଥ ସିଡିଡି ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ପରିଚୟ ସୂଚନା ପ୍ରାପ୍ତ କରିବା ଲାଗି ଗ୍ରାହକଙ୍କ ସହ ଅବାଧ, ସୁରକ୍ଷିତ, ଲାଇଭ୍, ସୂଚିତ-ସହମତି ଆଧାରିତ ଅଡିଓ ଭିଜୁଆଲ୍ ଭାବବିନିମୟ କରି REର ଜଣେ ଅଧିସ୍ୱୀକୃତ ଅଧିକାରୀଙ୍କ ଦ୍ୱାରା ଚେହେରା ଚିହ୍ନଟ କରିବାର ଏକ ବିକଳ୍ପ ଉପାୟ, ଏବଂ ଗ୍ରାହକଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟର ସତ୍ୟାସତ୍ୟ ଜାଣିବା ଲାଗି ସ୍ୱାଧୀନ ଯାଂଚ ଏବଂ ପ୍ରକ୍ରିୟାର ଅଡିଟ୍ ଟ୍ରେଲ୍‌କୁ ବଜାୟ ରଖିବା । ନିର୍ଦ୍ଧାରିତ ମାନକ ଏବଂ ପ୍ରକ୍ରିୟାର ଅନୁପାଳନ କରୁଥିବା ଏମିତି ପ୍ରକ୍ରିୟାଗୁଡ଼ିକ ମାଷ୍ଟର ଡିରେକ୍ସନ୍ ଉଦ୍ଦେଶ୍ୟରେ ସାମ୍ନା-ସାମ୍ନି ସିଆଇପି ସହ ସମାନ ବୋଲି ଧରାଯିବ ।

xvii. "ଓ୍ୟାର ଟ୍ରାନ୍ସଫର" ସମ୍ବନ୍ଧୀୟ ପରିଭାଷାଗୁଡ଼ିକ ତଳେ ଦିଆଗଲା-

କ) ବ୍ୟାଚ୍ ଟ୍ରାନ୍ସଫର: ବ୍ୟାଚ୍ ଟ୍ରାନ୍ସଫର ହେଉଛି ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ପୃଥକ୍ ଓ୍ୟାର ଟ୍ରାନ୍ସଫର ଯାହାକୁ ସମାନ ବିତ୍ତୀୟ ଅନୁଷ୍ଠାନକୁ ପଠାଯାଇଥାଏ କିନ୍ତୁ ତାହା ଚୂଡ଼ାନ୍ତ ଭାବେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ହୋଇପାରେ/ନ ହୋଇପାରେ।

ଖ) ହିତାଧିକାରୀ: ବା ବେନିଫିସିଆରୀର ଅର୍ଥ ହେଉଛି ଏକ ପ୍ରାକୃତିକ କିମ୍ବା ବୈଧାନିକ ବ୍ୟକ୍ତି କିମ୍ବା ଆଇନସମ୍ମତ ବ୍ୟବସ୍ଥା ଯିଏ / ଯାହାକୁ ଓରିଜିନେଟର (ଟ୍ରାନ୍ସଫର ଆରମ୍ଭ କରିଥିବା ବ୍ୟକ୍ତି) ଅନୁରୋଧିତ ଓ୍ୟାର ଟ୍ରାନ୍ସଫରର ପ୍ରାପ୍ତକ ବା ରିସିଭର ଭାବେ ଚିହ୍ନିତ କରିଥାନ୍ତି ।

ଗ) ହିତାଧିକାରୀ ଆରଇ: ବା ବେନିଫିସିଆରୀ ଆରଇର ଅର୍ଥ ହେଉଛି ଆରବିଆଇ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏକ ବିତ୍ତୀୟ ଅନୁଷ୍ଠାନ, ଯାହା ବରାଦୀ ବା ଅର୍ଡରିଂ ବିତ୍ତୀୟ ଅନୁଷ୍ଠାନରୁ ସିଧାସଳଖ ଭାବେ କିମ୍ବା ଏକ ମଧ୍ୟସ୍ଥି ଆରଇଙ୍କ ମାଧ୍ୟମରେ ଓ୍ୟାର ଟ୍ରାନ୍ସଫର ପ୍ରାପ୍ତ କରିଥାଏ ଏବଂ ପାଣ୍ଠିକୁ ହିତାଧିକାରୀ ବା ବେନିଫିସିଆରୀଙ୍କ ପାଇଁ ଉପଲବ୍ଧ କରିଥାଏ।

ଘ) କଭର ପେମେଣ୍ଟ: ଏକ ଓ୍ୟାର ଟ୍ରାନ୍ସଫର ପାଇଁ କଭର ପେମେଣ୍ଟରେ ଏକ ପେମେଣ୍ଟ ବାର୍ତ୍ତା ରହିଥାଏ ଯାହା ସିଧାସଳଖ ବରାଦୀ ବା ଅର୍ଡରିଂ ବିତ୍ତୀୟ ଅନୁଷ୍ଠାନରୁ ହିତାଧିକାରୀ ବିତ୍ତୀୟ ଅନୁଷ୍ଠାନକୁ ଏକ କିମ୍ବା ଏକାଧିକ ମଧ୍ୟସ୍ଥିତ ବିତ୍ତୀୟ

ଅନୁଷ୍ଠାନ ମାଧ୍ୟମରେ ବରାଦୀ ବିତ୍ତୀୟ ଅନୁଷ୍ଠାନରୁ ହିତାଧିକାରୀ ବିତ୍ତୀୟ ଅନୁଷ୍ଠାନକୁ ଫଣ୍ଡିଂ ନିର୍ଦ୍ଦେଶ (କଭର)ର ରୁଟିଂ ସହିତ ପଠାଯାଇଥାଏ ।

ଙ) କ୍ରସ୍-ବର୍ଡର ଓୟାର ଟ୍ରାନ୍ସଫର: କ୍ରସ୍-ବର୍ଡର ଓୟାର ଟ୍ରାନ୍ସଫରର ଅର୍ଥ ହେଉଛି ଏପରି କୌଣସି ଓୟାର ଟ୍ରାନ୍ସଫର ଯେଉଁଠି ବରାଦୀ ବିତ୍ତୀୟ ଅନୁଷ୍ଠାନ ଏବ ହିତାଧିକାରୀ ବିତ୍ତୀୟ ଅନୁଷ୍ଠାନ ଭିନ୍ନ ଭିନ୍ନ ଦେଶରେ ଅବସ୍ଥିତ ହୋଇଥାନ୍ତି । ଏହି ଶବ୍ଦରେ ଏପରି ଯେକୌଣସି ଓୟାର ଟ୍ରାନ୍ସଫରର ଶୃଙ୍ଖଳ ଅନ୍ତର୍ଭୁକ୍ତ ଯେଉଁଠି ସଂଶ୍ଳିଷ୍ଟ ହୋଇଥିବା ଅନ୍ୟୁନ ଗୋଟିଏ ବିତ୍ତୀୟ ଅନୁଷ୍ଠାନ ଏକ ଭିନ୍ନ ଦେଶରେ ଅବସ୍ଥିତ ହୋଇଥାଏ।

ଚ) ଡୋମେଷ୍ଟିକ୍ ଓୟାର୍ ଟ୍ରାନ୍ସଫର: ଡୋମେଷ୍ଟିକ୍ ଓୟାର୍ ଟ୍ରାନ୍ସଫର ଏପରି ଯେକୌଣସି ଓୟାର ଟ୍ରାନ୍ସଫରକୁ ବୁଝାଇଥାଏ ଯେଉଁଠି ବରାଦୀ ବିତ୍ତୀୟ ଅନୁଷ୍ଠାନ ଏବଂ ହିତାଧିକାରୀ ବିତ୍ତୀୟ ଅନୁଷ୍ଠାନ ଭାରତ ମଧ୍ୟରେ ଅବସ୍ଥିତ ହୋଇଥାନ୍ତି । ତେଣୁ, ଏହି ଶବ୍ଦରେ ଏପରି ସମସ୍ତ ଓୟାର ଟ୍ରାନ୍ସଫର ଶୃଙ୍ଖଳ ଅନ୍ତର୍ଭୁକ୍ତ ଯେଉଁଠି ଓୟାର ଟ୍ରାନ୍ସଫରଟି ସମ୍ପୂର୍ଣ୍ଣ ରୂପେ ଭାରତର ସୀମା ମଧ୍ୟରେ ସଂଘଟିତ ହୋଇଥାଏ, ଯଦିଓ ପେମେଣ୍ଟ ବାର୍ତ୍ତା ବଠାଇବା ପାଇଁ ବ୍ୟବହାର କରାଯାଇଥିବା ସିଷ୍ଟମଟି ଅନ୍ୟ କୌଣସି ଦେଶରେ ଅବସ୍ଥିତ ହୋଇପାରେ।

ଛ) ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ ବା ବିତ୍ତୀୟ ଅନୁଷ୍ଠାନ: ଓୟାର୍ ଟ୍ରାନ୍ସଫର ନିର୍ଦ୍ଦେଶ ପ୍ରସଙ୍ଗରେ, ପଦ 'ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ'ର ଅର୍ଥ ସମୟ ସମୟରେ ସଂଶୋଧିତ ହେଉଥିବା FATF ସୁପାରିସରେ ସେହି ପଦ ପାଇଁ ନ୍ୟସ୍ତ ଅର୍ଥ ସହିତ ସମାନ ହେବ।

ଜ) ଇଣ୍ଟରମିଡିଆରୀ ଆରଇ ବା ମଧ୍ୟସ୍ଥି ଆରଇ: ଇଣ୍ଟରମିଡିଆରୀ ଆରଇର ଅର୍ଥ ହେଉଛି ଏପରି କୌଣସି ବିତ୍ତୀୟ ଅନୁଷ୍ଠାନ କିମ୍ବା ଅନ୍ୟ କୌଣସି ସତ୍ତା, ଯାହା ଆରଇବିଆଇ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ଏକ ସିରିୟଲ କିମ୍ବା କଭର୍ ପେମେଣ୍ଟ ଶୃଙ୍ଖଳରେ ଓୟାର୍ ଟ୍ରାନ୍ସଫରର ମଧ୍ୟସ୍ଥି ଉପାଦାନକୁ ସମ୍ଭାଳିଥାଏ ଏବଂ ଯିଏ ଅର୍ଡରିଂ ବା ବରାଦୀ ଆରଇ ଏବଂ ବେନିଫିସିଆରୀ ବା ହିତାଧିକାରୀ ଆରଇ କିମ୍ବା ଅନ୍ୟ କୌଣସି ମଧ୍ୟସ୍ଥି ବିତ୍ତୀୟ ଅନୁଷ୍ଠାନ ତରଫରୁ ଓୟାର ଟ୍ରାନ୍ସଫରକୁ ପ୍ରାପ୍ତ ଓ ସଞ୍ଚାରିତ କରିଥାଏ।

ଝ) ଅର୍ଡରିଂ ଆରଇ ବା ବରାଦୀ ଆରଇ: ଅର୍ଡରିଂ ଆରଇର ଅର୍ଥ ହେଉଛି ଆରବିଆଇ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏପରି ଏକ ବିତ୍ତୀୟ ଅନୁଷ୍ଠାନ ଯାହା ଓୟାର୍ ଟ୍ରାନ୍ସଫରକୁ ଆରମ୍ଭ କରିଥାଏ ଏବଂ ଓରିଜିନେଟରଙ୍କ ତରଫରୁ ଓୟାର୍ ଟ୍ରାନ୍ସଫର ଅନୁରୋଧ ପାଇବା ପରେ ପାଣ୍ଠିକୁ ସ୍ଥାନାନ୍ତର କରିଥାଏ।

ଞ) ଓରିଜିନେଟର: ଓରିଜିନେଟରର ଅର୍ଥ ହେଉଛି ଜଣେ ଖାତା ଗ୍ରାହକ ଯିଏ ନିଜର ଖାତାରୁ ଓୟାର୍ ଟ୍ରାନ୍ସଫରକୁ ଅନୁମତି ଦେଇଥାନ୍ତି କିମ୍ବା ଯଦି ଖାତା ନ ଥାଏ, ତେବେ ଏପରି ଜଣେ ପ୍ରାକୃତିକ କିମ୍ବା ବୈଧାନିକ ବ୍ୟକ୍ତି ଯିଏ ଓୟାର୍ ଟ୍ରାନ୍ସଫର କରିବା ପାଇଁ ଅର୍ଡରିଂ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନକୁ ବରାଦ କରିଥାନ୍ତି ।

ଟ) ସିରିୟଲ୍ ପେମେଣ୍ଟ: ସିରିୟଲ ପେମେଣ୍ଟର ଅର୍ଥ ହେଉଛି ଏକ ପ୍ରତ୍ୟକ୍ଷ  ଅନୁକ୍ରମିକ ପେମେଣ୍ଟ ଶୃଙ୍ଖଳ (ଚେନ୍ ଅଫ୍ ପେମେଣ୍ଟ) ଯେଉଁଠି ଓୟାର୍ ଟ୍ରାନ୍ସଫର ଏବଂ ତତ୍-ସଂଲଗ୍ନ ପେମେଣ୍ଟ ବାର୍ତ୍ତା ଫାଇନାନ୍ସିଆଲ୍ ଇନଷ୍ଟିଚ୍ୟୁସନଠାରୁ ବେନିଫିସିଆରୀ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନକୁ ସିଧାସଳଖ କିମ୍ବା ଏକ ବା ଏକାଧିକ ମଧ୍ୟସ୍ଥି ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ (ଯଥା- କରେସପୋଣ୍ଡେଣ୍ଟ ବ୍ୟାଙ୍କ) ଜରିଆରେ ସ୍ଥାନାନ୍ତରିତ ହୋଇଥାଏ ।

ଠ) ଷ୍ଟ୍ରେଟ୍-ଥ୍ରୁ ପ୍ରୋସେସିଂ: ଷ୍ଟ୍ରେଟ୍-ଥ୍ରୁ ପ୍ରୋସେସିଂର ଅର୍ଥ ହେଉଛି ପେମେଣ୍ଟ ଟ୍ରାଞ୍ଜାକ୍ସନ ଯାହା କୌଣସି ବ୍ୟକ୍ତିଙ୍କ ହସ୍ତକ୍ଷେପ ଆବଶ୍ୟକ ନ କରି ବୈଦ୍ୟୁତିକ ଭାବେ ସଞ୍ଚାଳିତ ହୋଇଥାଏ।

ଡ) ୟୁନିକ୍ ଟ୍ରାଞ୍ଜାକ୍ସନ୍ ରେଫରେନ୍ସ ନମ୍ବର: ୟୁନିକ୍ ଟ୍ରାଞ୍ଜାକ୍ସନ୍ ରେଫରେନ୍ସ ନମ୍ବରର ଅର୍ଥ ହେଉଛି ଓୟାର ଟ୍ରାନ୍ସଫର ପାଇଁ ବ୍ୟବହୃତ ହୋଇଥିବା ପେମେଣ୍ଟ ଓ ସେଟଲମେଣ୍ଟ ସିଷ୍ଟମର ପ୍ରୋଟୋକଲ୍ ଅନୁଯାୟୀ ପେମେଣ୍ଟ ସେବା ପ୍ରଦାନକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଅକ୍ଷର, ସଂଖ୍ୟା କିମ୍ବା ସାଙ୍କେତିକ ଚିହ୍ନର ସମଷ୍ଟି।

ଢ) ଓୟାର୍ ଟ୍ରାନ୍ସଫର: ଓୟାର୍ ଟ୍ରାନ୍ସଫରର ଅର୍ଥ ହେଉଛି ଜଣେ ଅରିଜିନେଟରଙ୍କ ତରଫରୁ ଏକ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ ଦ୍ୱାରା ବୈଦ୍ୟୁତିକ ମାଧ୍ୟମରେ ସଞ୍ଚାଳିତ ହେଉଥିବା ଯେକୌଣସି ଟ୍ରାଞ୍ଜାକ୍ସନ, ଯାହାର ଲକ୍ଷ୍ୟ ହେଉଛି ହିତାଧିକାରୀଙ୍କୁ ବେନିଫିସିଆରୀ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନଠାରେ ପାଣ୍ଠିକୁ ଉପଲବ୍ଧ କରାଇବା; ଏଠାରେ

ଓରିଜିନେଟର ଓ ହିତାଧିକାରୀ ସମାନ କିମ୍ବା ଭିନ୍ନ ଭିନ୍ନ ବ୍ୟକ୍ତି ହୋଇପାରନ୍ତି ।

ଏଠାରେ ପରିଭାଷିତ ହୋଇନଥିବା ବ୍ୟତୀତ ସମସ୍ତ ଅଭିବ୍ୟକ୍ତିଗୁଡ଼ିକର ଅର୍ଥ ସମାନ ଅର୍ଥକୁ ବୁଝାଇବ ଯାହା ବ୍ୟାଙ୍କିଂ ନିୟାମକ ଅଧିନିୟମ 1949, ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ 1935 ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ 2002, ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ (ମେଣ୍ଟେନାନ୍ସ ଅଫ୍ ରେକର୍ଡ଼ସ) ରୁଲ୍ସ 2005 , ଆଧାର (ଟାରଗେଟେଡ୍ ଡେଲିଭରି ଅଫ୍ ଫାଇନାନ୍ସିଆଲ୍ ଆଣ୍ଡ ଅଧର ସବ୍‌ସିଡିସ୍, ବେନିଫିଟ୍ସ, ଆଣ୍ଡ ସର୍ଭିସେସ୍) ଅଧିନିୟମ 2016 ଓ ତହିଁ ଉପରେ ଗଠିତ ନିୟାମକ, କୌଣସି ବୈଧାନିକ ନବୀକରଣ କିମ୍ବା ତହିଁ ଉପରେ ପୁନଃ କାର୍ଯ୍ୟକ୍ଷମ କିମ୍ବା ବାଣିଜ୍ୟିକ ବ୍ୟବସ୍ଥାରେ ବ୍ୟବହୃତ ପ୍ରକାରେ ନ୍ୟସ୍ତ ହୋଇଅଛି ଯେଉଁ ସ୍ଥିତି ହୋଇପାରେ।

## ଅଧ୍ୟାୟ –II

## ସାଧାରଣ

4. (କ) ଉକ୍ତ ପଲିସି, ଏଥି ସହିତ କୌଣସି ସଂଶୋଧନ ଏବଂ ନବୀକରଣ କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ବାରା କିମ୍ବା ବୋର୍ଡ଼ର କୌଣସି କମିଟି ଯିଏକି ଏହି ଦାୟୀତ୍ବ ବହନ କରିବାକୁ ସକ୍ଷମ ଥିବେ ତାଙ୍କ ଦ୍ବାରା ବିଧିବଦ୍ଧ ଭାବରେ ଅନୁମୋଦିତ ହେବା ଆବଶ୍ୟକ।

(ଖ) ଏହି ପଲିସି କମ୍ପାନୀର ସମ୍ପୂର୍ଣ୍ଣ ମାଲିକାନାଧୀନ ଅଧୀନସ୍ଥ କମ୍ପାନୀ ପାଇଁ ମଧ ପ୍ରଯୁଜ୍ୟ ହେବ ଏବଂ ଏହାକୁ ମନି-ଲଣ୍ଡରିଂ ପ୍ରତିରୋଧ ଅଧିନିୟମ, 2002 (2003ର 15)ର ଅଧ୍ୟାୟ IVର ବ୍ୟବସ୍ଥାପନ ଅଧୀନରେ ରହିଥିବା ବାଧ୍ୟତାର ଅନୁପାଳନ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଉଛି। ସେହି ଅନୁଯାୟୀ, ଏକ ସମୂହର ଅଂଶବିଶେଷ ହୋଇଥିବା ପ୍ରତ୍ୟେକ କମ୍ପାନୀ ମନି ଲଣ୍ଡରିଂ ଓ ଆତଙ୍କବାଦୀ ଆର୍ଥିକ କାର୍ଯ୍ୟକଳାପ ବିରୁଦ୍ଧରେ ସମୂହ-ବ୍ୟାପୀ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବ, ଯାହା ମଧରେ ଗ୍ରାହକ ଉଚିତ ମୂଲ୍ୟାୟନ ଏବଂ ମନି ଲଣ୍ଡରିଂ ତଥା ଆତଙ୍କବାଦୀ ଆର୍ଥିକ କାର୍ଯ୍ୟକଳାପ ଆପଦର ପରିଚାଳନା ଉଦ୍ଦେଶ୍ୟରେ ଆବଶ୍ୟକୀୟ ସୂଚନାଗୁଡ଼ିକୁ ଭାଗ କରିବା ପାଇଁ ସମୂହ-ବ୍ୟାପୀ ପଲିସି ରହିବା ଅନ୍ତର୍ଭୁକ୍ତ ଏବଂ ଏଭଳି କାର୍ଯ୍ୟକ୍ରମଗୁଡ଼ିକ ମଧରେ ବିନିମୟ କରାଯାଇଥିବା ସୂଚନାର ଗୋପନୀୟତା ଓ ଉପଯୋଗକୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିବା ଆବଶ୍ୟକ, ଯାହା ମଧରେ ସୂଚନା ପ୍ରଘଟରୁ ସୁରକ୍ଷା ପାଇଁ ଗ୍ରୁପ୍ କମ୍ପାନୀ ପାଇଁ ପ୍ରଯୁଜ୍ୟ ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

5. **ଏହି ପଲିସିରେ ନିମ୍ନଲିଖିତ ଚାରି ଗୋଟି ପ୍ରମୁଖ ଉପାଦାନକୁ ଅନ୍ତର୍ଭୁକ୍ତ କରାଯିବ :**

   କ. ଗ୍ରାହକ ଗ୍ରହଣୀୟତା ନୀତି

   ଖ. ଆପଦ ବର୍ଗୀକରଣ ଓ ପରିଚାଳନା

   ଗ. ଗ୍ରାହକ ପରିଚୟ ବିଧି (ସିଆଇପି); ଏବଂ

   ଘ. ଟ୍ରାନ୍‌ଜାକ୍‌ସନର ଅନୁଧ୍ୟାନ

**5A. କମ୍ପାନୀ ଦ୍ବାରା ମନି ଲଣ୍ଡରିଂ ଓ ଟେରରିଷ୍ଟ ଫାଇନାନ୍ସିଂ ରିସ୍କ ଆକଳନ**

କ. କମ୍ପାନୀ ତାର କ୍ଲାଏଣ୍ଟ, ଦେଶ କିମ୍ବା ଭୌଗୋଳିକ ଅଞ୍ଚଳ, ଉତ୍ପାଦ, ସେବା, ସଞ୍ଚାଳନ କିମ୍ବା ଡେଲିଭରି ଚ୍ୟାନେଲ ଇତ୍ୟାଦି ପାଇଁ ଏହାର ମନି ଲଣ୍ଡରିଂ ଓ ଆତଙ୍କବାଦୀ ଆର୍ଥିକ କାର୍ଯ୍ୟକଳାପ ସମ୍ବନ୍ଧିତ ଆପଦର ପ୍ରଶମନ ପାଇଁ ଏହାକୁ ଚିହ୍ନଟ କରିବା, ଆକଳନ କରିବା ଓ ଉପଯୁକ୍ତ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ମନି ଲଣ୍ଡରିଂ (ଏମଏଲ୍) ଏବଂ ଟେରରିଷ୍ଟ ଫାଇନାନ୍ସି (ଟିଏଫ୍) ଆପଦ ଆକଳନକୁ କାର୍ଯ୍ୟକାରୀ କରିବ।

ଏହି ଆକଳନ ପ୍ରକ୍ରିୟାରେ ସାମଗ୍ରୀକ ଆପଦ ସ୍ତରକୁ ନିର୍ଦ୍ଧାରିତ କରିବା ପୂର୍ବରୁ ସମ୍ପୃକ୍ତ ଆପଦକାରକ ଗୁଡ଼ିକୁ ବିବେଚନା କରାଯିବ ଏବଂ ଉପଯୁକ୍ତ ପର୍ଯ୍ୟାୟରେ ଓ ପ୍ରଶମନ ପ୍ରକାରକୁ ଲାଗୁ କରାଯିବ। ଆନ୍ତର୍ଜାତିକ ଆପଦ ଆକଳନ ପ୍ରସ୍ତୁତି ସମୟରେ କମ୍ପାନୀ ସାମଗ୍ରୀକ ଭାବରେ ସେକ୍ଟର ନିର୍ଦ୍ଧାରିତ ଭଲ୍‌ନେରାବିଲିଟି ଯଦି ଥାଏ ତାହାକୁ ଅବଗତ ହେବ ଯେଉଁଥିରେ ରେଗୁଲେଟର/ ସୁପରଭାଇଜର କମ୍ପାନୀ ସହିତ ସମୟକୁ ସମୟରେ ଏ ବିଷୟରେ ଆଲୋଚନା କରିବେ।

ଖ. କମ୍ପାନୀ ଦ୍ବାରା ଆପଦର ଆକଳନ ବିଷୟକୁ ଉପଯୁକ୍ତ ନଥିପତ୍ର ଆକାରରେ ରଖାଯିବ ଏବଂ ତାହାକୁ ଆନୁପାତିକ ଭାବରେ ପରବର୍ତ୍ତୀ ପର୍ଯ୍ୟାୟକୁ ନିଆଯାଇ ସାମୟିକ ଆପଦ ରୂପେ ଆପଦ ଆକଳନ କାର୍ଯ୍ୟ କରାଯିବ ଓ ଏ ବିଷୟ କମ୍ପାନୀର ବୋର୍ଡ଼ ଦ୍ବାରା ସ୍ଥିରିକୃତ ହେବ। ଆପଦ ଆକଳନ କାର୍ଯ୍ୟକ୍ରମର ଫଳାଫଳ ଅନୁସାରେ, ଏହାର ବାରମ୍ବାରତା ଏହି ଉଦ୍ଦେଶ୍ୟ ପାଇଁ କ୍ଷମତା ନ୍ୟସ୍ତ କରାଯାଇଥିବା କମ୍ପାନୀର ବୋର୍ଡର କିମ୍ବା ବୋର୍ଡର କୌଣସି କମିଟି ଦ୍ବାରା ଏହାକୁ କାର୍ଯ୍ୟକାରୀ କରାଯିବ। ଅନ୍ୟପକ୍ଷରେ ଏହାକୁ ଅତି କମରେ ବାର୍ଷିକ ଆକାରରେ ସମୀକ୍ଷା କରାଯିବ। ଉଚ୍ଚ ଆପଦ ଥିବା ଗ୍ରାହକଙ୍କ ପାଇଁ ଯଦି ଥାନ୍ତି ତେବେ ଆପଦ ଆକଳନ କାର୍ଯ୍ୟାନୁଷ୍ଠାନକୁ ଅର୍ଦ୍ଧବାର୍ଷିକ ଭିତ୍ତିରେ ଗ୍ରହଣ କରାଯିବ।

ଗ. କାର୍ଯ୍ୟାନୁଷ୍ଠାନର ଫଳାଫଳ ବିଷୟକୁ ବୋର୍ଡ଼ କିମ୍ବା ବୋର୍ଡ଼ର ଅନ୍ୟ କମିଟି ଯିଏକି ଏହି ସମ୍ବନ୍ଧିତ କ୍ଷମତା ରଖିଛନ୍ତି ତାଙ୍କୁ ଦର୍ଶାଇ ଦିଆଯିବ ଓ ଏହା ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ପାଇଁ ଉପଲବ୍ଧ ହେବା ସହିତ ସ୍ବୟଂ ପରିଚାଳିତ ସଂସ୍ଥାକୁ ମଧ୍ୟ ଦିଆଯିବ।

5B. ଚିହ୍ନଟୀକୃତ ଆପଦର ପ୍ରଶମନ ଓ ପରିଚାଳନା ପାଇଁ କମ୍ପାନୀ ଏକ ରିସ୍କ ବେସ୍‌ଡ ଆପ୍ରୋଚ୍ (ଆରବିଏ) କୁ ପ୍ରୟୋଗ କରିବ ଏବଂ ଏହି ଅନୁସାରେ ବୋର୍ଡ଼ର ଅନୁମୋଦିତ ନୀତି, ନିୟନ୍ତ୍ରଣ ଓ ବିଧି ବ୍ୟବସ୍ଥାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଲାଗୁ କରାଇବ। ଚିହ୍ନଟୀକୃତ ଏମଏଲ/ଟିଏଫ ଆପଦ ଏବଂ ବ୍ୟବସାୟର ଆକାରକୁ ଦୃଷ୍ଟିରେ ରଖି କମ୍ପାନୀ ଏକ ସିଡିଡି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବ। ପୁନଶ୍ଚ କମ୍ପାନୀ ଏହି ବିଷୟର କାର୍ଯ୍ୟକାରୀତାକୁ ଅନୁଧ୍ୟାନ ସହିତ ଏହା ଉପରେ ନିୟନ୍ତ୍ରଣ ଓ ଆବଶ୍ୟକତା ଅନୁସାରେ ବର୍ଦ୍ଧିତ ବ୍ୟବସ୍ଥା ଗ୍ରହଣ କରିବ।

## 6. ପ୍ରାଧିକୃତ ନିର୍ଦ୍ଦେଶକ

କ. ଜଣେ "ପ୍ରାଧୀକୃତ ନିର୍ଦ୍ଦେଶକ" ଅର୍ଥ ହେଉଛି କମ୍ପାନୀ ଦ୍ବାରା ପ୍ରାଧିକୃତ ଜଣେ ବ୍ୟକ୍ତି ଯିଏକି ପିଏମଏଲ୍ ଅଧିନିୟମ ଓ ରୁଲର ଅଧ୍ୟାୟ 4 ଅଧୀନରେ ତାଙ୍କ ଉପରେ ସମସ୍ତ ଦାୟୀତ୍ବ ନ୍ୟସ୍ତ ହୋଇଥାଏ ଓ ସେ ବୋର୍ଡ଼ ଦ୍ବାରା ନାମାଙ୍କିତ ହୋଇଥାନ୍ତି। କମ୍ପାନୀ ଏହି ପଲିସି ଅଧୀନରେ ପ୍ରାଧିକୃତ ଡାଇରେକ୍ଟର ଭାବରେ ପରିଚାଳନା ନିର୍ଦ୍ଦେଶକ / ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନାମାଙ୍କିତ କରିଥାନ୍ତି ଏବଂ ଏହି ବିଷୟକୁ ଏନଏଚବି/ ଆରବିଆଇ ଏବଂ ଏଫଆଇୟୁ – ଆଇଏନଡି କୁ ସୂଚୀତ କରିଥାନ୍ତି।

ଖ. ପ୍ରାଧୀକୃତ ନିର୍ଦ୍ଦେଶକଙ୍କ ନାମ, ପଦବୀ, ଠିକଣା ଏବଂ ଯୋଗାଯୋଗ ବିବରଣୀକୁ ସୂଚୀତ କରାଯାଇଥାଏ। ଏଥି ସହିତ ପୂର୍ବରୁ ଦାଖଲ କରାଯାଇଥିବା ସୂଚନାରେ କୌଣସି ପରିବର୍ତ୍ତନ ହେଲେ ତାହାକୁ ଏନଏଚବି/ ଆରବିଆଇ ଏବଂ ଏଫଆଇୟୁ – ଆଇଏନଡି କୁ ସୂଚୀତ କରାଯାଇଥାଏ।

ଗ. କୌଣସି କ୍ଷେତ୍ରରେ ପ୍ରିନ୍‌ସିପାଲ୍ ଅଫିସରଙ୍କୁ ପ୍ରାଧୀକୃତ ନିର୍ଦ୍ଦେଶକ ରୂପେ ନାମାଙ୍କିତ କରାଯିବ ନାହିଁ।

## 7. ପ୍ରିନ୍‌ସିପାଲ୍ ଅଫିସର

କ. କମ୍ପାନୀ ଜଣେ "ପ୍ରିନ୍‌ସିପାଲ୍ ଅଫିସର"ଙ୍କୁ ନିଯୁକ୍ତି ପ୍ରଦାନ କରିବ (ମୁଖ୍ୟତଃ ଜେନେରାଲ୍ ମ୍ୟାନେଜର କିମ୍ବା କମ୍ପାନୀର ସିଏମଡି/ ଏମଡି ସ୍ତର ଠାରୁ କମରେ ଥିବା) ଅଧିକାରୀ। କମ୍ପାନୀ ଏହି ପଲିସି ଅଧୀନରେ ପ୍ରିନ୍‌ସିପାଲ୍ ଅଫିସର ରୂପେ ଏହାର କମ୍ପାନୀ ସେକ୍ରେଟାରିଙ୍କୁ ନିଯୁକ୍ତି ଦେଇଥାଏ ଏବଂ ଏହି ବିଷୟକୁ ଏନଏଚବି/ ଆରବିଆଇ ଏବଂ ଏଫଆଇୟୁ – ଆଇଏନଡି କୁ ସୂଚୀତ କରାଯାଇଥାଏ।

ଖ. ପ୍ରିନ୍‌ସିପାଲ୍ ଅଫିସର ଏହି ଆଇନ/ ନିୟାମକ ଅଧୀନରେ ଆବଶ୍ୟକତା ପ୍ରକାରେ ସମସ୍ତ ଅନୁପାଳନ ବିଷୟ, ଟ୍ରାନ୍‌ଜାକ୍‌ସନର ଅନୁଧ୍ୟାନ ଏବଂ ଅଦାନ ପ୍ରଦାନ ଓ ସୂଚନା ରିପୋର୍ଟିଂ ପାଇଁ ଦାୟୀତ୍ବ ନେଇଥାନ୍ତି।

ଗ. ପ୍ରିନ୍‌ସିପାଲ୍ ଅଫିସରଙ୍କ ନାମ, ପଦବୀ, ଠିକଣା ଏବଂ ଯୋଗାଯୋଗ ବିବରଣୀକୁ ସୂଚୀତ କରାଯାଇଥାଏ। ଏଥି ସହିତ ତାଙ୍କ ଦ୍ବାରା ପୂର୍ବରୁ ଦାଖଲ ହୋଇଥିବା ସୂଚନା ଓ ପରିବର୍ତ୍ତନ ବିଷୟକୁ ଏନଏଚବି/ ଆରବିଆଇ ଏବଂ ଏଫଆଇୟୁ – ଆଇଏନଡି କୁ ସୂଚୀତ କରାଯାଇଥାଏ।

## 8. ପଲିସିର ଅନୁପାଳନ

କ. କମ୍ପାନୀ ଏହି ପଲିସି ସହିତ ଅନୁପାଳନ ବିଷୟ ଗୁଡ଼ିକୁ ଏହି ମାଧ୍ୟମରେ ସୁନିଶ୍ଚିତ କରିବ :

i. କେୱାଇସି ଅନୁପାଳନ ଉଦ୍ଦେଶ୍ୟ ପାଇଁ ସିନିୟର ମ୍ୟାନେଜମେଣ୍ଟ ଗଠିତ ବ୍ୟକ୍ତିଙ୍କୁ ଏହା ଜଣାଇବ।

ii. ପଲିସି ଏବଂ ବିଧି ବ୍ୟବସ୍ଥାର ଉପଯୁକ୍ତ କାର୍ଯ୍ୟାନ୍ବୟନ ପାଇଁ ଦାୟୀତ୍ବ ଆବଣ୍ଟନ କରିବ

iii. କମ୍ପାନୀର ପଲିସି ଓ ବିଧି ବ୍ୟବସ୍ଥା ସହିତ ଆଇନଗତ ଏବଂ ରେଗୁଲେଟୋରି ଆବଶ୍ୟକତାର କାର୍ଯ୍ୟକାରୀ ଅନୁପାଳନ ବିଷୟକୁ ସ୍ବାଧୀନ ଭାବରେ ମୂଲ୍ୟାୟନ କରିବ।

iv. କେୱାଇସି/ ଏଏମଏଲ୍ ପଲିସି ଏବଂ ବିଧି ବ୍ୟବସ୍ଥା ଅନୁପାଳନକୁ ଯାଞ୍ଚ କରିବା ପାଇଁ କନକରେଣ୍ଟ/ ଇଣ୍ଟରନାଲ୍ ଅଡିଟ୍ ସିଷ୍ଟମ ରଖିବ।

v. ତ୍ରୟମାସିକ ସମୀକ୍ଷା ନୋଟ୍ ଦାଖଲ କରିବ ଓ ଏହାର ଅନୁପାଳନ ବିଷୟ ଅଡିଟ୍ କମିଟିକୁ ଜଣାଇବ।

ଖ. କମ୍ପାନୀ ଏହା ସୁନିଶ୍ଚିତ କରିବ ଯେ ନିଷ୍ପତ୍ତି ନିର୍ଦ୍ଧାରଣ କାର୍ଯ୍ୟକାରୀତା ଯାହା କେୱାଇସି ସହିତ ନିର୍ଦ୍ଧାରଣ ଅନୁପାଳନ ବିଷୟକୁ ଆଉଟସୋର୍ସ କରାଯାଇ ନାହିଁ।

(ଦ୍ରଷ୍ଟବ୍ୟ: କମ୍ପାନୀ (ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍) ପରିପ୍ରେକ୍ଷୀରେ ସିନିୟର ମ୍ୟାନେଜମେଣ୍ଟର ଅର୍ଥ ହେଉଛି କମ୍ପାନୀର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକବୃନ୍ଦ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀବୃନ୍ଦ)

# ଅଧ୍ୟାୟ –III

## ଗ୍ରାହକ ଗ୍ରହଣୀୟତା ନୀତି

9. କମ୍ପାନୀର କ୍ରେଡିଟ୍ ପଲିସି ଆକାରରେ କମ୍ପାନୀ ଏକ ଗ୍ରାହକ ଗ୍ରହଣୀୟତା ନୀତି ଗଠନ କରିଛି।

10. ସାଧାରଣ ବିଷୟ ସହିତ ବିନା ପକ୍ଷପାତରେ ଗ୍ରାହକଙ୍କ ଗ୍ରହଣୀୟତା ନୀତି ବିଷୟ ରହିବ, ଏଏଚ୍ଏଫଏଲ୍ ଏହା ନିଶ୍ଚିତ ହେବ ଯେ :

କ. ସନ୍ଦେହଜନକ / ବେନାମୀ ବ୍ୟକ୍ତି ବିଶେଷର ଗ୍ରାହକଙ୍କୁ ଗ୍ରହଣ କରିବ ନାହିଁ କିମ୍ବା ଲୋନ୍ ଆକାଉଣ୍ଟ ଖୋଲିବ ନାହିଁ।

ଖ. ଯେଉଁଠାରେ ଏଏଚ୍ଏଫଏଲ୍ ଉପଯୁକ୍ତ ସିଡିଡି ପଦକ୍ଷେପ ଗ୍ରହଣ କରିବା ପାଇଁ ଅକ୍ଷମ ହେବ ଯେପରିକି ଗ୍ରାହକଙ୍କ ଅସହଯୋଗ କିମ୍ବା ଗ୍ରାହକଙ୍କ ଦ୍ବାରା ସମ୍ପାଦିତ ନଥିପତ୍ର / ସୂଚନାର ବିଶ୍ବସନୀୟତା ଅଭାବ ସେ କ୍ଷେତ୍ରରେ ସେପରି ଗ୍ରାହକଙ୍କୁ ଏହା ଗ୍ରହଣ କରିବ ନାହିଁ କିମ୍ବା ଋଣ ଆକାଉଣ୍ଟ ଖୋଲିବ ନାହିଁ। ଗ୍ରାହକଙ୍କ ପାଇଁ ସମ୍ବନ୍ଧିତ ସିଡିଡି ପଦକ୍ଷେପର ଅନୁପାଳନ କରିବାରେ ଅସମର୍ଥ ହୋଇଥିବା କ୍ଷେତ୍ରରେ କମ୍ପାନୀ ଆବଶ୍ୟକ ହୋଇଥିବା ସ୍ଥଳେ ଏକ ଏସଟିଆର୍ ଫାଇଲିଂ କରିବାର କଥା ବିଚାରକୁ ନେଇପାରିବ।

ଗ. ନିମ୍ନଲିଖିତ ସିଡିଡି ପ୍ରକ୍ରିୟା ବିନା କୌଣସି ସଞ୍ଚାଳନ କିମ୍ବା ଲୋନ୍ ଆକାଉଣ୍ଟ ଭିତ୍ତିକ ସମ୍ପର୍କ ରକ୍ଷା କରିବ ନାହିଁ।

ଘ. ଏକ ଲୋନ୍ ଆକାଉଣ୍ଟ ଖୋଲୁଥିବା ଏବଂ ନିର୍ଦ୍ଧାରିତ ପ୍ରକାରେ ସାମୟିକ ଅପଡେସନ ସମୟରେ କେୱାଇସି ଉଦ୍ଦେଶ୍ୟ ପାଇଁ କମ୍ପାନୀ ବାଧ୍ୟତାମୂଳକ ସୂଚନା ଜାରି କରିବ।

ଙ. ଅତିରିକ୍ତ / ଇଚ୍ଛାଧୀନ ସୂଚନା, ପ୍ରାପ୍ତ ହୋଇଥିବା କ୍ରେଡିଟ୍ ପଲିସି ଅନୁସାରେ ଗ୍ରାହକଙ୍କ ସହମତି ମିଳିବା ପରେ ଲୋନ୍ ଆକାଉଣ୍ଟ ଖୋଲାଯିବ।

ଚ. କମ୍ପାନୀ ଏହାର ଶାଖା/ୟୁସିଆଇସି ସ୍ତରରେ ସିଡିଡି ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବ। ତେଣୁ ଯଦି ଜଣେ ବିଦ୍ୟମାନ

କେୱାଇସି ଅନୁପାଳନକାରୀ ଗ୍ରାହକ କମ୍ପାନୀର ହୋଇଥିବେ ଓ ସେ ସେହି କମ୍ପାନୀ ସହିତ ମିଶି ଆଉ ଏକ ଋଣ ସୁବିଧା ପାଇବାକୁ ଚାହୁଁଥିବେ ସେଥିପାଇଁ ତାଙ୍କୁ ଆଉ ସିଡିଡି ନୂଆ କରି ଦେବା ଆବଶ୍ୟକ ନାହିଁ।

ଛ. ସବୁ ଯୁଗ୍ମ ଆବେଦକଙ୍କ ପାଇଁ ସିଡିଡି ବିଧି ବ୍ୟବସ୍ଥା ଅନୁପାଳିତ ହେବ।

ଜ. ଏପରି ପରିସ୍ଥିତିରେ ଜଣେ ଗ୍ରାହକଙ୍କୁ ଅନ୍ୟ ଜଣେ ବ୍ୟକ୍ତି/ ସଂସ୍ଥାଙ୍କ ପକ୍ଷରୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇପାରିବ ଓ ଏ ବିଷୟକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବ।

ଝ. ଗୋଟିଏ ସ୍ଥାନରେ ଉପଯୋଗୀ ପ୍ରଣାଳୀକୁ ରଖାଯାଇ ଏହା ସୁନିଶ୍ଚିତ କରାଯିବ ଯେ ଗ୍ରାହକଙ୍କ ପରିଚୟ ଏପରି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ସହିତ ମିଶୁ ନାହିଁ ଯାହାଙ୍କ ନାମ ଆରବିଆଇ ମାଷ୍ଟର ଡାଇରେକ୍ସନର ଅଧ୍ୟାୟ IXରେ ପ୍ରଦତ୍ତ ପ୍ରତିବନ୍ଧିତ ତାଲିକାରେ ରହିଥିବ।

ଞ. ଆରବିଆଇ ଦ୍ବାରା ଜାରି ହୋଇଥିବା କୌଣସି ନେଗେଟିଭ୍ ଲିଷ୍ଟରେ ନାମ ରହିଥିବା କୌଣସି ବ୍ୟକ୍ତି କିମ୍ବା ସଂସ୍ଥାର ଗ୍ରାହକଙ୍କୁ ଗ୍ରହଣ କରାଯିବ ନାହିଁ କିମ୍ବା ଋଣ ଆକାଉଣ୍ଟ ଖୋଲାଯିବ ନାହିଁ।

ଟ. ଯେଉଁଠାରେ ପରମାନେଟ୍ ଆକାଉଣ୍ଟ ନମ୍ବର (ପିଏଏନ୍) ପ୍ରାପ୍ତ କରାଯାଇଛି ସେ କ୍ଷେତ୍ରରେ ଜାରି କର୍ତ୍ତୃପକ୍ଷଙ୍କ ଯାଞ୍ଚ ସୁବିଧାରେ ତାହାକୁ ଯାଞ୍ଚ କରାଯିବ।

ଠ. ଯେଉଁଠାରେ ଗ୍ରାହକଙ୍କ ଠାରୁ ସମମାନର ଇ-ନଥିପତ୍ରକୁ ପ୍ରାପ୍ତ କରାଯାଇଛି ସେ କ୍ଷେତ୍ରରେ କମ୍ପାନୀ ଇନଫରମେସନ ଟେକନୋଲୋଜି ଅଧିନିୟମ 2000 (2000 ର 21) ର ବ୍ୟବସ୍ଥା ଅନୁସାରେ ତାଙ୍କର ଡିଜିଟାଲ ସ୍ବାକ୍ଷରକୁ ଯାଞ୍ଚ କରିବ।

ଡ. ଯେଉଁଠାରେ ସାମଗ୍ରୀ ଏବଂ ସେବା କର (ଜିଏସଟି) ବିବରଣୀ ଉପଲବ୍ଧ ହୋଇଥିବ, ସେଠାରେ ଜାରିକର୍ତ୍ତା କର୍ତ୍ତୃପକ୍ଷଙ୍କ ସନ୍ଧାନ/ଯାଞ୍ଚ ସୁବିଧା ବ୍ୟବହାର କରି ଜିଏସଟି ନମ୍ବରକୁ ଯାଞ୍ଚ କରାଯିବ ।

11. ଗ୍ରାହକ ଗ୍ରହଣୀୟତା ନୀତି ସାଧାରଣ ଜନତା ବିଶେଷତଃ ଯେଉଁମାନେ ଆର୍ଥିକ କିମ୍ବା ସାମାଜିକ ରୂପେ ସୁବିଧାରୁ ବଞ୍ଚିତ ହୋଇଛନ୍ତି ସେହିସବୁ ସଦସ୍ୟଙ୍କ ପାଇଁ ଆର୍ଥିକ ସୁବିଧାରୁ ବଞ୍ଚିତ ନହେବା ପାଇଁ କାର୍ଯ୍ୟକାରୀ କରାଯିବ।

11A. ଯେଉଁଠାରେ କମ୍ପାନୀକୁ ମନି ଲଣ୍ଡରିଂ କିମ୍ବା ଆତଙ୍କବାଦୀ ଆର୍ଥିକ କାର୍ଯ୍ୟକଳାପର ସନ୍ଦେହ ହୁଏ ଏବଂ ତାହାକୁ ଯୁକ୍ତିସଙ୍ଗତ ଭାବେ ଏହା ଅନୁଭୂତ ହୁଏ ଯେ ସିଡିଡି ପ୍ରକ୍ରିୟା ସଞ୍ଚାଳନ କଲେ ଗ୍ରାହକ ସେହି ସନ୍ଦେହ ସମ୍ପର୍କରେ ଜାଣିଯିବେ, ସେଠାରେ କମ୍ପାନୀ ସିଡିଡି ପ୍ରକ୍ରିୟା ସଞ୍ଚାଳନ କ କରି ତା'ବଦଳରେ କମ୍ପାନୀ FIU-IND ନିକଟରେ ଏକ STR ଫାଇଲ କରିବା ଆବଶ୍ୟକ।

## ଅଧ୍ୟାୟ –IV

## ଆପଦ ବର୍ଗୀକରଣ ଓ ପରିଚାଳନା

12. ଆପଦ ବର୍ଗୀକରଣ ଓ ପରିଚାଳନା ପାଇଁ ଏଏଚ୍ଏଫଏଲ ର ଏକ ଆପଦ ଭିତ୍ତିକ ନୀତି ରହିବ ଯାହା ମଧ୍ୟରେ ନିମ୍ନଲିଖିତ ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି :

କ. ଗ୍ରାହକମାନଙ୍କୁ ନିମ୍ନ, ମଧ୍ୟମ ଏବଂ ଉଚ୍ଚ ଆପଦ ବର୍ଗ ରୂପେ ଶ୍ରେଣୀ ବିଭକ୍ତ କରାଯିବ ଯାହା କମ୍ପାନୀର ଆକଳନ ଓ ଆପଦ ଧାରଣା ଆଧାରରେ ହେବ।

ଖ. ଗ୍ରାହକମାନଙ୍କର ଆପଦ ବର୍ଗୀକରଣର ସବିସ୍ତୃତ ନୀତିକୁ କମ୍ପାନୀ ଦ୍ବାରା ତଳେ ଦର୍ଶାଯାଇଛି ।

ଗ. ଗ୍ରାହକଙ୍କ ପରିଚୟ, ସାମାଜିକ / ଆର୍ଥିକ ସ୍ଥିତି, ବ୍ୟାବସାୟିକ କାର୍ଯ୍ୟକ୍ରମର ପ୍ରକୃତି ଏବଂ କ୍ଲାଏଣ୍ଟଙ୍କ ବ୍ୟବସାୟ ସମ୍ପର୍କିତ ସୂଚନା ଓ ସେମାନଙ୍କ ଭୌଗୋଳିକ ଅବସ୍ଥିତି ସମ୍ବନ୍ଧୀୟ ଆପଦ ସମେତ ଟ୍ରାଞ୍ଜାକ୍ସନ, ପ୍ରଦାନ କରୁଥିବା ଉତ୍ପାଦ/ସେବା, ଉତ୍ପାଦ/ସେବା ଯୋଗାଇବା ପାଇଁ ବ୍ୟବହୃତ ଡେଲିଭରୀ ଚ୍ୟାନେଲ୍, କରାଯାଇଥିବା ଟ୍ରାଞ୍ଜାକ୍ସନର ପ୍ରକାରଭେଦ - ନଗଦ, ଚେକ୍/ମନିଟାରୀ ଇନଷ୍ଟ୍ରୁମେଣ୍ଟ, ଓୟାର୍ ଟ୍ରାନ୍ସଫର୍, ଫରେକ୍ସ ଟ୍ରାଞ୍ଜାକ୍ସନ ଇତ୍ୟାଦି ମାପଦଣ୍ଡ ଆଧାରରେ ତାଙ୍କୁ ଆପଦ ବର୍ଗୀକରଣ ମଧ୍ୟରେ ରଖାଯିବ। ଗ୍ରାହକଙ୍କ ପରିଚୟ ବିବେଚନା ସମୟରେ ତାଙ୍କ ଦ୍ବାରା ଅନଲାଇନ୍ କିମ୍ବା ଜାରି କର୍ତ୍ତାଙ୍କ ଦ୍ବାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ

ସେବା ଜରିଆରେ ଚିହ୍ନଟ ନଥିପତ୍ରକୁ ସୁନିଶ୍ଚିତ କରାଯାଇପାରିବ ଯାହାର ବିଷୟ ନିମ୍ନ ପ୍ରକାର ହୋଇପାରେ।

ଜଣେ ଗ୍ରାହକଙ୍କର ଏଏମଏଲ୍/ ଆପଦଭିତ୍ତିକ ବର୍ଗୀକରଣ ନିମ୍ନରେ ଉଲ୍ଲେଖ କରାଯାଉଛି ଯାହା କୌଣସି ରେଗୁଲେଟୋରି ଆବଶ୍ୟକତା ବିଷୟ ଭିତ୍ତିରେ ସମୟକୁ ସମୟରେ ନିର୍ଦ୍ଧାରିତ କରାଯାଇଥିବା ପ୍ରକାରେ ହେବ :

| | |
|---|---|
| କମ୍ ଆପଦ | କମ୍ ଆପଦ ଥିବା ବ୍ୟକ୍ତିବିଶେଷ ଗ୍ରାହକମାନେ ହେଉଛନ୍ତି ସେହି ବ୍ୟକ୍ତି (ଉଚ୍ଚ ନେଟ୍ ସମ୍ପଦ ବ୍ୟତୀତ) ଏବଂ ସଂସ୍ଥା ଯାହାଙ୍କ ପରିଚୟ ଓ ସମ୍ପଦର ଉତ୍ସକୁ ସହଜରେ ଚିହ୍ନଟ କରାଯାଇପାରେ ଏବଂ ତାଙ୍କ ଦ୍ବାରା କରାଯାଉଥିବା ଟ୍ରାନଜାକ୍ସନ ଏବଂ ତାଙ୍କର ପ୍ରୋଫାଇଲକୁ ଅଧିକ ମାତ୍ରାରେ ଜାଣିବା ସମ୍ଭବ ହୋଇଥାଏ। ଏହା ମଧ୍ୟରେ ନିମ୍ନଲିଖିତ ବିଷୟ ରହିଛି :<br>1. ବେତନଭୋଗୀ କର୍ମଚାରୀ<br>2. ସ୍ବନିୟୋଜିତ ବ୍ୟକ୍ତି ବିଶେଷ/ ମାଲିକାନାଧୀନ ଫାର୍ମ<br>3. ସରକାରୀ ବିଭାଗ ଓ ସରକାରଙ୍କ ନିଜସ୍ବ କମ୍ପାନୀ<br>4. ଲିମିଟେଡ୍ କମ୍ପାନୀ (ପବ୍ଲିକ୍ ଓ ପ୍ରାଇଭେଟ୍)<br>5. ପାର୍ଟନରସିପ୍ ଫାର୍ମ (ପଞ୍ଜୀକୃତ ଡିଡ୍)<br>6. ଟ. 25 ଲକ୍ଷ ପର୍ଯ୍ୟନ୍ତ ଏନଆରଆଇ କୁ ଋଣ ଯେଉଁଥିରେ ପରିଶୋଧ ବ୍ୟବସ୍ଥାଟି ଏନଆରଓ ଆକାଉଣ୍ଟ ଜରିଆରେ ହୋଇଥାଏ ଏବଂ ଯଦି ପରିଶୋଧ ବିଦେଶୀ ରେମିଟାନ୍‌ସ ପାଇଁ ହୋଇଥାଏ ତେବେ ଏଥିପାଇଁ ସୀମା ନାହିଁ।<br>7. ସବୁ ଋଣ କ୍ଷେତ୍ର 25 ଲକ୍ଷ ପର୍ଯ୍ୟନ୍ତ ଯେଉଁଠାରେ ଆନୁଷ୍ଠାନିକ ଆୟ ପ୍ରମାଣ ନଥିପତ୍ର କିମ୍ବା ସରୋଗଟ୍ ପ୍ରଣାଳୀକୁ ବ୍ୟବହାର କରାଯାଇ ନଥାଏ ଯଥା କ୍ୟାସ ସାଲାରି, ଋଣର ଆୟ ପ୍ରମାଣପତ୍ର ନଥିବା ଏବଂ ଇନଫର୍ମାଲ୍ ସ୍ବନିଯୁକ୍ତ ଗ୍ରାହକଙ୍କ ଆୟକୁ ଆକଳନ କରାଯାଇଥାଏ।<br>8. ଟ.25 ଲକ୍ଷପର୍ଯ୍ୟନ୍ତସବୁ ଜମା। |
| ମଧ୍ୟମ ଆପଦ | 1. ଏନଜିଓ, ଟ୍ରଷ୍ଟ, ଚାରିଟି ଓ ଅନୁଷ୍ଠାନ ଯିଏକି ଦାନ ଗ୍ରହଣ କରିଥାନ୍ତି।<br>2. ଟ୍ରଷ୍ଟ / ସୋସାଇଟି<br>3. ଉଚ୍ଚ ସମ୍ପଦ ଥିବା ବ୍ୟକ୍ତି ବିଶେଷ (ଟ.1 କୋଟିରୁ ଅଧିକ ନିବେଶ ଯୋଗ୍ୟ ବଳକା)<br>4. କମ୍ପାନୀ ଯାହାର ନିକଟ ସମ୍ପର୍କିୟ ପରିବାର ସେୟାରଧାରୀ କିମ୍ବା ହିତାଧିକାରୀ ମାଲିକ<br>5. ସରୋଗେଟ୍ ପ୍ରଣାଳୀ କିମ୍ବା ବିନା ଫର୍ମାଲ୍ ଇନକମ୍ ପ୍ରୁଫ୍ ନଥିପତ୍ର ଆଧାରରେ ଆକଳିତ ଟ.25 ଲକ୍ଷରୁ ଉର୍ଦ୍ଧ୍ବ ସବୁ ଋଣ<br>6. ଟ.25 ଲକ୍ଷରୁ ଉର୍ଦ୍ଧ୍ବ ଏନଆରଆଇଙ୍କୁ ଋଣ ଯେଉଁଠାରେ ଋଣ ପରିଶୋଧ ବ୍ୟବସ୍ଥା ଏନଆରଓ ଆକାଉଣ୍ଟ ଜରିଆରେ ହୋଇଥାଏ।<br>7. ବ୍ୟକ୍ତିବିଶେଷଓପଞ୍ଜୀକୃତସଂସ୍ଥାଙ୍କୁ 25 ଲକ୍ଷରୁଉର୍ଦ୍ଧ୍ବସବୁପ୍ରକାର ଜମା। |
| ଉଚ୍ଚ ଆପଦ | 1. ରାଜନୈତିକ କ୍ଷେତ୍ରରେ ଜଡ଼ିତ ବ୍ୟକ୍ତି (ପିଇପି)<br>2. ପରିବାର ସଦସ୍ୟ ଓ ପିଇପିଙ୍କ ନିକଟ ସମ୍ପର୍କିୟ<br>3. ଖୁବ୍ ଅଧିକ ନଗଦ କାରବାରଗୁଡ଼ିକ(10 ଲକ୍ଷ ଟଙ୍କା ଏବଂ ଅଧିକ ଏବଂ FIU-INDକୁ ସୂଚିତ କରାଯାଇଥିବା ସନ୍ଦିଗ୍ଧ କାରବାରଗୁଡ଼ିକ)<br>4. ଉପଲବ୍ଧ ଜନସୁଚନା ଆଧାରରେ ସନ୍ଦେହଜନକ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି<br>5. ବ୍ୟକ୍ତିବିଶେଷମାନେ ଯେଉଁମାନଙ୍କର ଆୟର ଉତ୍ସ ଅଜଣା ବା କୌଣସି ଦସ୍ତାବିଜ ସମ୍ପର୍କିତ ପ୍ରମାଣ ଅପେକ୍ଷା କରାଯାଇନାହିଁ ।<br>6. ଗ୍ରାହକ ବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ଅଣ ସାମ୍ନା-ସାମ୍ନି ବୈଠକ । |

ଘ. ଗ୍ରାହକଙ୍କ ଆପଦ ବର୍ଗୀକରଣ ଏବଂ ସେଭଳି ବର୍ଗୀକରଣର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଗୋପନୀୟ ରଖାଯିବ ଏବଂ ଗ୍ରାହକଙ୍କୁ ଯେପରି କୌଣସି ଆଗୁଆ ସୂଚନା ନ ମିଳେ ତାହାକୁ ଏଡ଼ାଇବା ପାଇଁ ଉପରୋକ୍ତ କାରଣକୁ ଗ୍ରାହକଙ୍କ ନିକଟରେ ପ୍ରକାଶ କରାଯିବ ନାହିଁ।

ଏହା ବ୍ୟବସ୍ଥିତ ଯେ ପ୍ରଚଳିତ ଆପଦ ସମ୍ବନ୍ଧିତ ଭିନ୍ନ ଭିନ୍ନ ଗ୍ରାହକଙ୍କ ଠାରୁ ସଂଗୃହିତ ବିଭିନ୍ନ ଅନ୍ୟାନ୍ୟ ସୂଚନା ଅଣହସ୍ତକ୍ଷେପ ଯୋଗ୍ୟ ହୋଇଥାଏ ଏବଂ ତାହାକୁ କ୍ରେଡିଟ୍ ପଲିସିରେ ଉଲ୍ଲେଖ କରାଯାଇପାରେ।

ଆଣ୍ଟି ମନି ଲଣ୍ଡରିଂ (ଏଏମଏଲ୍) ଷ୍ଟାଣ୍ଡାର୍ଡ଼ସ ଉପରେ ଏବଂ କମ୍ବାଟି ଫାଇନାନ୍ସିଂ ଅଫ୍ ଟେରୋରିଜିମ୍ (ସିଏଫଟି) ଆଧାରରେ ଫାଇନାନ୍ସିଆଲ୍ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ୍) ଦ୍ବାରା ସୁପାରିଶ୍, ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକର ମାର୍ଗଦର୍ଶିକାକୁ ମଧ୍ୟ ଆପଦ ଆକଳନରେ ବ୍ୟବହାର କରାଯିବା ଆବଶ୍ୟକ ।

## ଅଧ୍ୟାୟ –V

## ଗ୍ରାହକ ପରିଚୟ ବିଧି (ସିଆଇପି)

13. ନିମ୍ନଲିଖିତ କ୍ଷେତ୍ରରେ କମ୍ପାନୀ ଗ୍ରାହକଙ୍କ ପରିଚୟ ରଖିବ :

କ. ଗ୍ରାହକଙ୍କ ସହିତ ଲୋନ୍ ଆକାଉଣ୍ଟ ଆଧାରିତ ସମ୍ପର୍କ ଆରମ୍ଭ ବେଳେ

ଖ. ଯେତେବେଳେ ପ୍ରାପ୍ତ କରିଥିବା ଗ୍ରାହକଙ୍କ ପରିଚୟ ତଥ୍ୟର ସ୍ବୀକୃତତା କିମ୍ବା ପର୍ଯ୍ୟାପ୍ତତା ସମ୍ବନ୍ଧରେ କୌଣସି ସନ୍ଦେହ ସୃଷ୍ଟି ହେଉଥିବ।

ଗ. ଏଜେଣ୍ଟ ଭାବରେ ତୃତୀୟ ପକ୍ଷ ଉତ୍ପାଦ ବିକ୍ରି, ନିଜସ୍ବ ଉତ୍ପାଦ ବିକ୍ରି କ୍ରେଡିଟ୍ କାର୍ଡ଼ /ସେଲ୍ ର ଦେୟ ପଇଠ ଓ ପ୍ରିପେଡ୍/ ଟ୍ରାଭେଲ୍ କାର୍ଡ଼ର ରିଲୋଡିଂ ଏବଂ ପଚାଶ ହଜାରରୁ ଅଧିକ ଟଙ୍କାର ଅନ୍ୟାନ୍ୟ ଉତ୍ପାଦ।

ଘ. ଅଣ ଆକାଉଣ୍ଟ ଆଧାରିତ ଗ୍ରାହକମାନଙ୍କ ପାଇଁ ଟ୍ରାନ୍‌ଜାକ୍ସନ ପରିଚାଳନା କରିବା ଯେଉଁଥିରେ ଗ୍ରାହକଙ୍କୁ ସାକ୍ଷାତ କରିବା, ଯେଉଁଥିରେ ସଂପୃକ୍ତ ଥିବା ପରିମାଣ ପଚାଶ ହଜାର ଟଙ୍କା ବା ତା ଠାରୁ ଅଧିକ ହୋଇଥିବ ଯେପରିକି ଗୋଟିଏ ସଞ୍ଚାଳନ ରୂପେ କିମ୍ବା ବହୁ ବାର ସଞ୍ଚାଳନ ଅନୁସାରେ ସଂପୃକ୍ତ ଥିବ।

ଙ. ଯେତେବେଳେ କମ୍ପାନୀ ନିକଟରେ ଏକ ବିଶ୍ବାସ କରିବାର କାରଣ ଥିବ କିମ୍ବା ଏହା ସନ୍ଦେହଜନକ ମନେ ହେଉଥିବ ଯେ ଜଣେ ଗ୍ରାହକ ଇଚ୍ଛାକୃତ ଭାବରେ ପଚାଶ ହଜାର ଟଙ୍କାର ସୀମା ଠାରୁ କମରେ କ୍ରମାଗତ ଟ୍ରାନ୍‌ଜାକ୍ସନ କରିଛନ୍ତି।

ଚ. କମ୍ପାନୀ ଏହା ନିଶ୍ଚିତ କରିବ ଯେ ଏଏଫଏଚଏଲ୍ ଠାରୁ ଋଣ ଉପଲବ୍ଧ କରୁଥିବା ସମୟରେ ପରିଚୟ ଦାବୀ କରାଯିବ ନାହିଁ।

14. ଋଣ ଆକାଉଣ୍ଟ ଆଧାରିତ ସମ୍ପର୍କ ଆରମ୍ଭ ସମୟରେ ଗ୍ରାହକଙ୍କ ପରିଚୟ ଯାଞ୍ଚ କରିବା ଉଦ୍ଦେଶ୍ୟ ପାଇଁ କମ୍ପାନୀ ନିଜ ଇଚ୍ଛାରେ ନିମ୍ନଲିଖିତ ବ୍ୟବସ୍ଥା ଭିତ୍ତିରେ ଜଣେ ତୃତୀୟ ପକ୍ଷଙ୍କ ଦ୍ବାରା ଗ୍ରାହକଙ୍କ ସତ୍ୟାସତ୍ୟ ଯାଞ୍ଚ କରିବ।

କ. ତୃତୀୟ ପକ୍ଷଙ୍କ ଦ୍ବାରା ପ୍ରାପ୍ତ କରାଯାଇଥିବା ଗ୍ରାହକଙ୍କ ସତ୍ୟାସତ୍ୟ ସମ୍ବନ୍ଧିତ ସୂଚନା କିମ୍ବା ରେକର୍ଡ଼ ତୃତୀୟ ପକ୍ଷଙ୍କ ଠାରୁ ଅବିଳମ୍ବେ କିମ୍ବା ସେଣ୍ଟ୍ରାଲ୍ କେୱାଇସି ରେକର୍ଡ଼ ରେଜିଷ୍ଟ୍ରିରୁ ପ୍ରାପ୍ତ କରାଯିବ।

ଖ. କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ପରିଚୟ ସମ୍ବନ୍ଧିତ କପି ଉପରେ ସନ୍ତୋଷତା ପ୍ରକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଗ୍ରାହକଙ୍କ ସତ୍ୟାସତ୍ୟ ଜାଣିବା ଆବଶ୍ୟକତା ନିମନ୍ତେ ଅନ୍ୟାନ୍ୟ ସଂପୃକ୍ତ ନଥିପତ୍ର ବିନା ବିଳମ୍ବରେ ତୃତୀୟ ପକ୍ଷଙ୍କ ଠାରୁ ଉପଲବ୍ଧ କରାଯିବ।

ଗ. ତୃତୀୟ ପକ୍ଷଙ୍କୁ ରେଗୁଲେଟ୍ କରାଯିବ, ତଦାରଖ କରାଯିବ କିମ୍ବା ଅନୁଧ୍ୟାନ କରାଯିବ ଓ ଗ୍ରାହକଙ୍କ ସତ୍ୟାସତ୍ୟ ଜାଣିବା ଉଦ୍ଦେଶ୍ୟରେ ତାଙ୍କର କାର୍ଯ୍ୟ ବିଧି ଓ ରେକର୍ଡ଼ ରକ୍ଷଣାବେକ୍ଷଣର ଆବଶ୍ୟକତାକୁ ଆବଶ୍ୟକତା ଅନୁସାରେ ପରିଚାଳନା କରାଯିବ ଏବଂ ପିଏମଏଲ୍ ଅଧିନିୟମ ଅଧୀନର ତାଙ୍କର ଦାୟୀତ୍ବ ସମ୍ପାଦିତ ହେବ।

ଘ. ଏହି ତୃତୀୟ ପକ୍ଷ ଗୋଟିଏ ଦେଶ କିମ୍ବା ଉଚ୍ଚ ଆପଦ ରୂପେ ଆକଳିତ କ୍ଷେତ୍ରାଧିକାର ମଧ୍ୟରେ ହୋଇନପାରନ୍ତି।

ଙ. ଗ୍ରାହକଙ୍କ ସମ୍ବନ୍ଧିତ ସତ୍ୟାସତ୍ୟ ଏବଂ ଗ୍ରହଣ କରାଯାଇଥିବା ପ୍ରଯୁଜ୍ୟ ସାବଧାନତା ଉପାୟ ପାଇଁ ଅନ୍ତିମ ଦାୟୀତ୍ବ ଯେପରି ଲାଗୁ ହୋଇଥିବ, କମ୍ପାନୀର ହେବ।

## ଅଧ୍ୟାୟ –VI

## ଗ୍ରାହକଙ୍କ ସମ୍ବନ୍ଧିତ ପ୍ରଯୁଜ୍ୟତ ସାବାଧାନତା ପ୍ରକ୍ରିୟା (ସିଡିଡି)

### ଭାଗ -1 – ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଗ୍ରାହକଙ୍କ ସମ୍ବନ୍ଧିତ ପ୍ରଯୁଜ୍ୟ ସାବଧାନତା ପ୍ରକ୍ରିୟା (ସିଡିଡି)

15. ସିଡିଡି ଅଧିଗ୍ରହଣ ପାଇଁ କମ୍ପାନୀ ଏକ ରଣ ଆଧାରିତ ସମ୍ପର୍କ ସ୍ଥାପନ କରୁଥିବା ସମୟରେ ଜଣେ ବ୍ୟକ୍ତିବିଶେଷଙ୍କ ଠାରୁ ନିମ୍ନଲିଖିତ ବିଷୟ ଗ୍ରହଣ କରିବ କିମ୍ବା ବ୍ୟକ୍ତିବିଶେଷଙ୍କ ସହିତ କାରବାର କରୁଥିବା ସମୟରେ ଯେଉଁମାନେ ହିତାଧିକାରୀ ମାଲିକ, ଭାରପ୍ରାପ୍ତ ସ୍ବାକ୍ଷରକାରୀ କିମ୍ବା କୌଣସି ବୈଧାନିକ ସଂସ୍ଥାର କ୍ଷମତାପତ୍ର ଧାରୀ ହୋଇଥିବେ :

(କ) ଏଠାରେ ଆଧାର ନମ୍ବର ଯେଉଁଠାରେ,

(i) ଆଧାର (ଟାରଗେଟେଡ୍ ଡେଲିଭରି ଅଫ୍ ଫାଇନାନ୍ସିଆଲ୍ ଆଣ୍ଡ ଅଦର ସବସିଡିଜ୍, ବେନିଫିଟ୍ସ ଓ ସର୍ଭିସେସ୍) ଅଧିନିୟମ 2016 (2016 ର 18) ର ଧାରା 7 ଅଧୀନରେ ବିଜ୍ଞାପିତ କୌଣସି ଯୋଜନା ଅଧୀନରେ ଲାଭ କିମ୍ବା ସବସିଡି ପାଇଥାନ୍ତି।

(ii) ସେ ତାଙ୍କର ଆଧାର ନମ୍ବରକୁ ସ୍ବେଚ୍ଛକୃତ ଭାବରେ ପିଏମଏଲ୍ ଅଧୀନିୟମର ଧାରା 11 ର ଉପଧାରା (1) ଅନୁସାରେ ପ୍ରାଥମିକ ବ୍ୟବସ୍ଥାରେ ଦାଖଲ କରନ୍ତି, କିମ୍ବା

(ଖ) ଯେଉଁଠାରେ ଅଫଲାଇନ୍ ଯାଞ୍ଚ ପ୍ରକ୍ରିୟା ସମ୍ପାଦିତ ହୋଇଥାଏ ସେଠାରେ ଆଧାର ନମ୍ବର ଅଧିଗ୍ରହଣ କରିଥିବା ପ୍ରମାଣ, କିମ୍ବା

(ଗ) ଯେଉଁଠାରେ ଆଧାର ଯାଞ୍ଚ ପ୍ରକ୍ରିୟା ଅଫଲାଇନ୍ ଜରିଆରେ ହୋଇନଥାଏ ସେ କ୍ଷେତ୍ରରେ ତାର ଅଧିଗ୍ରହଣ ପ୍ରମାଣ କିମ୍ବା କୌଣସି ଓଭିଡି ବା ତତ୍ତୁଲ୍ୟ ଇ-ନଥିପତ୍ର ଯେଉଁଥିରେ ତାଙ୍କର ପରିଚୟ ଓ ଠିକଣା ରହିଥାଏ; କିମ୍ବା

(ଘ) ସିକେୱାଇସିଆରରୁ ରେକର୍ଡ ଡାଉନଲୋଡ୍ କରିବା ପାଇଁ ସ୍ୱଷ୍ଟ ସହମତି ସହିତ କେୱାଇସି ଆଇଡେଣ୍ଟିଫାୟର୍; ଏବଂ

(ଙ) ପରମାନେଣ୍ଟ ଆକାଉଣ୍ଟ ନମ୍ବର (ପିଏଏନ) କିମ୍ବା ତତୁଲ୍ୟ ଇନଥିପତ୍ର ବା ଆୟକର ଟିକସ ନିୟମ 1962 ରେ ପରିଭାଷିତ ପ୍ରକାରେ ଫର୍ମ ନଂ 60

(ଚ) ଗ୍ରାହକଙ୍କ ବ୍ୟାବସାୟିକ ପ୍ରକୃତି ଓ ଆର୍ଥିକ ସ୍ଥିତି ସମନ୍ବିତ ଅନ୍ୟାନ୍ୟ କୌଣସି ପରିଚୟ ନଥିପତ୍ର କିମ୍ବା ତତୁଲ୍ୟ ଇ-ନଥିପତ୍ର ଯାହାକୁ କମ୍ପାନୀ ଦ୍ବାରା ଆବଶ୍ୟକ କରାଯାଇଥାଏ ଓ ଏହା କମ୍ପାନୀର କ୍ରେଡିଟ୍ ପଲିସି ଅନୁସାରେ ହୋଇଥାଏ।

ଏହା ବ୍ୟବସ୍ଥିତ ଯେ ଯେଉଁଠାରେ ଗ୍ରାହକ ଏହାକୁ ଦାଖଲ କରିଥାନ୍ତି :

i. ପିଏମଏଲ୍ ଅଧୀନିୟମର ଧାରା 11ଏ ର ଉପଧାରା (1) ର ପ୍ରଥମ ବ୍ୟବସ୍ଥା ଭିତ୍ତିରେ କମ୍ପାନୀ ଇ-କେୱାଇସି ସ୍ବୀକୃତିକରଣ ବ୍ୟବହାର କରି ଗ୍ରାହକଙ୍କ ଆଧାର ନମ୍ବରକୁ ସ୍ବୀକୃତିକରଣ କାର୍ଯ୍ୟ କରିବ ଓ ଯାହା ଭାରତୀୟ ୟୁନିକ୍ ଆଇଡେଣ୍ଟିଫିକେସନ ଅଥୋରିଟିଙ୍କ ଦ୍ବାରା ବ୍ୟବସ୍ଥିତ ପ୍ରକାରେ। ପୁନଶ୍ଚ ଏପରି କ୍ଷେତ୍ରରେ ଯଦି ଜଣେ ଗ୍ରାହକ ବର୍ତ୍ତମାନର ଠିକଣା ପ୍ରଦାନ କରିବାକୁ ଚାହୁଁଥିବେ ଓ ତାହା ସେଣ୍ଟ୍ରାଲ୍ ଆଇଡେଣ୍ଟିଟିଜ୍ ଡାଟା ରିପୋଜିଟୋରିରେ ଉପଲବ୍ଧ ଥିବା ପରିଚୟ ସୂଚନା ଅନୁସାରେ ଠିକଣା ଠାରୁ ଭିନ୍ନ ହୋଇଥାଏ ସେ କ୍ଷେତ୍ରରେ ସେ କମ୍ପାନୀକୁ ଏକ ସ୍ବଘୋଷଣାନାମା ପ୍ରଦାନ କରିବେ।

ii. ଯେଉଁଠାରେ ଆଧାର ପାଇଁ ଅଫଲାଇନ୍ ଯାଞ୍ଚ କାର୍ଯ୍ୟକ୍ରମ ସମ୍ପାଦିତ ହୋଇନପାରେ ସେ କ୍ଷେତ୍ରରେ କମ୍ପାନୀ ଅଫଲାଇନ୍ ଯାଞ୍ଚ କାର୍ଯ୍ୟ କରିବ।

iii. କୌଣସି ଓଭିଡି ର ତତୁଲ୍ୟ ଇ-ନଥିପତ୍ର ପାଇଁ କମ୍ପାନୀ ଇନଫରମେସନ ଟେକନୋଲୋଜି ଅଧିନିୟମ 2000 (2000 ର 21) ଓ ତହିଁ ଉପରେ ଗଠିତ ନୀତି ଅନୁସାରେ ଡିଜିଟାଲ୍ ସ୍ବାକ୍ଷରକୁ ଯାଞ୍ଚ କରିବ ଓ ପରିଶିଷ୍ଟ I ଅଧୀନରେ ନିର୍ଦ୍ଧାରିତ ପ୍ରକାରେ ଏକ ଲାଇଭ୍ ଫଟୋ ରଖିବ।

iv. ଯେଉଁଠାରେ ଅଫଲାଇନ୍ ଯାଞ୍ଚ ସଞ୍ଚାଳନ ହୋଇପାରିବ ନାହିଁ, ସେଠାରେ ଯେକୌଣସି ଓଭିଡି କିମ୍ବା ଆଧାର ନମ୍ବର ରହିଥିବାର ପ୍ରମାଣ, କମ୍ପାନୀ ଅନୁଚ୍ଛଦ I ଅଧୀନରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା ସଞ୍ଚାଳନ କରିବା ।

v. ଉପରୋକ୍ତ ଦଫା (ଘ) ଅଧୀନରେ କେୱାଇସି ଆଇଡେଣ୍ଟିଫାୟର୍, କମ୍ପାନୀ ଧାରା 56 ଅନୁଯାୟୀ ସିକେୱାଇସିଆରରୁ ଅନଲାଇନରେ କେୱାଇସି ରେକର୍ଡ ଉଦ୍ଧାର କରିବ ।

ଯାହା ସରକାରଙ୍କ ଦ୍ବାରା ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ଆଧାର ନମ୍ବର ଅଧୀଗ୍ରହଣ ପ୍ରମାଣର ଏକ ପ୍ରମାଣିତ କପି କିମ୍ବା ଓଭିଡି ଓ ବର୍ତ୍ତମାନର ଫଟୋଗ୍ରାଫ୍ ରଖାଯିବ ଯେଉଁଠାରେ ତତୁଲ୍ୟ ଇନଥିପତ୍ରକୁ ଦାଖଲ କରାଯାଇନଥିବ।

ପୁନଶ୍ଚ ଏହା ବ୍ୟବସ୍ଥିତ ହେବ ଯେ ଆଧାର (ଟାରଗେଟେଡ୍ ଡେଲିଭରି ଅଫ୍ ଫାଇନାନ୍ସିଆଲ୍ ଆଣ୍ଡ ଅଦର ସବସିଡିଜ୍, ବେନିଫିଟ୍‌ସ ଓ ସର୍ଭିସେସ୍) ଅଧିନିୟମ 2016 ର ଧାରା 7 ଅଧୀନରେ ତାଙ୍କର ଆଘାତ, ଅସୁସ୍ଥତା କିମ୍ବା ବାର୍ଦ୍ଧକ୍ୟ ଅବସ୍ଥା ହେତୁ ଅଚଳାବସ୍ଥା କିମ୍ବା ଅନ୍ୟ ପକ୍ଷରେ ଅନୁରୂପ କ୍ଷେତ୍ରରେ କୌଣସି ସ୍କିମ୍ ଅଧୀନରେ ଲାଭ କିମ୍ବା ସବସିଡି ପ୍ରାପ୍ତ କରିବାକୁ ଇଚ୍ଛା କରୁଥିବା ଜଣେ ବ୍ୟକ୍ତିବିଶେଷଙ୍କ ପାଇଁ ଇ-କେୱାଇସି ସିକୃତିକରଣ କରାଯାଇ ପାରିବ ନାହିଁ। କମ୍ପାନୀ ଏ କ୍ଷେତ୍ରରେ ଆଧାର ନମ୍ବର ପ୍ରାପ୍ତ କରିବ। ଅଫଲାଇନ୍ ଯାଞ୍ଚ ସମ୍ପାଦନ ଦ୍ବାରା ପରିଚୟ ରଖିବ କିମ୍ବା ବିକଳ୍ପ ଭାବରେ ଅନ୍ୟ କୌଣସି ଓଭିଡି ର ପ୍ରମାଣିତ କପିକୁ ପ୍ରାପ୍ତ କରିବ କିମ୍ବା ଗ୍ରାହକଙ୍କ ଠାରୁ ତତୁଲ୍ୟ ଇ-ନଥିପତ୍ର ରଖିବ। ଏହି ବ୍ୟବସ୍ଥାରେ କରାଯାଇଥିବା ସିଭିଡି ଜଣେ ଅଧିକାରୀଙ୍କ ଦ୍ବାରା ସମ୍ପାଦିତ ହୋଇଥିବା କ୍ଷେତ୍ରରେ ଭିନ୍ନତା ଥିଲେ ଏବଂ ସେ ପ୍ରକାର ପରିଚାଳନାକୁ ମଧ ସମୀକ୍ଷା ଅଧୀନକୁ ନିଆଯାଇପାରିବ। ସେଣ୍ଟ୍ରାଲାଇଜ୍ ଭିତ୍ତିକ ଏକ ଡାଟାବେସର ପରିଚାଳନା କ୍ଷେତ୍ରରେ କମ୍ପାନୀ ଏହାର ବିଧିବଦ୍ଧ ରେକର୍ଡ଼ ରଖିବାକୁ ଚେଷ୍ଟା କରିବ। ଏହି ଡାଟାବେସରେ ମଞ୍ଜୁରୀ କରିଥିବା ବିଷୟର ଭିତ୍ତିଭୂମି ବିଷୟ ଉଲ୍ଲେଖ ରହିବ। ଏହା ସହିତ ଗ୍ରାହକଙ୍କ ବିବରଣୀ ପ୍ରାଧୀକୃତ ବିଭାଗୀୟ ସ୍ବୀକୃତି ପ୍ରଦାନକାରୀଙ୍କ ନାମ ଆଶା କରାଯାଉଥିବା ବିଷୟ ଓ ଅତିରିକ୍ତ ବିବରଣୀ ଯଦି ଥାଏ ତାହା ରହିବ। ଏହି ଡାଟାବେସକୁ ସମୟକୁ ସମୟରେ କମ୍ପାନୀ ଦ୍ବାରା ଆନ୍ତସମୀକ୍ଷା /ଅନୁସନ୍ଧାନ କରାଯିବ ଓ ତାହା ସୁପରଭାଇଜୋରି ସମୀକ୍ଷା ପାଇଁ ଉପଲବ୍ଧ ହେବ।

ବ୍ୟାଖ୍ୟା 1 : କମ୍ପାନୀ ଏହା କରିବ ଯେ ଯେଉଁଠାରେ ଏହାର ଗ୍ରାହକ ଆଧାର ନମ୍ବର ଥିବା ତାଙ୍କର ଆଧାର ନମ୍ବର ପାଇଥିବା ପ୍ରମାଣକୁ ଦାଖଲ କରିଥିବେ କମ୍ପାନୀ ଏହା ନିଶ୍ଚିତ କରିବ ଯେ ସେହି ଗ୍ରାହକମାନେ ଉପରୋକ୍ତ ବ୍ୟବସ୍ଥା (i) ଅନୁସାରେ ଯେଉଁଠାରେ ଆଧାର ନମ୍ବରର ସିକୃତିକରଣ ଉପଯୁକ୍ତ ଜରିଆରେ ତାଙ୍କର ଆଧାର ନମ୍ବରଟି ରିଡାକ୍ଟ କିମ୍ବା ବ୍ଲାକ୍ ଆଉଟ୍ ହୋଇଛି।

ବ୍ୟାଖ୍ୟା 2 : ବାୟୋମେଟ୍ରିକ୍ ଆଧାରିତ ଇ-କେୱାଇସି ସିକୃତିକରଣ କାର୍ଯ୍ୟ ପ୍ରଯୁଜ୍ୟ ନିୟମ ସହିତ ଅନୁପାଳନ ଆଧାରରେ କମ୍ପାନୀ ଦ୍ବାରା କରାଯାଇପାରେ।

ବ୍ୟାଖ୍ୟା 3 : ଆଧାରର ବ୍ୟବହାର, ଆଧାର ପୋଜେସନ ପ୍ରମାଣ ଆଧାର (ଟାରଗେଟେଡ୍ ଡେଲିଭରି ଅଫ୍ ଫାଇନାନ୍ସିଆଲ୍ ଆଣ୍ଡ ଅଦର ସବସିଡିଜ୍, ବେନିଫିଟ୍‌ସ ଓ ସର୍ଭିସେସ୍) ଅଧିନିୟମ 2016 ଅନୁସାରେ ହେବ ଏବଂ ଏହା ଉପରେ ନିୟାମକ ଜାରି ହେବ।

16. ଆଧାର ଓଟିପି ଆଧାରିତ ଇ-କେୱାଇସି ବ୍ୟବହାର କରି ଲୋନ୍ ଆକାଉଣ୍ଟ ଖୋଲାଯାଏ। ଅଣ ଫେସ-ଟୁ-ଫେସ୍ ପ୍ରଣାଳୀରେ ନିମ୍ନ ଲିଖିତ ବ୍ୟବସ୍ଥା ଆଧାରରେ ଏହା କରାଯାଏ। ଯେହେତୁ କମ୍ପାନୀ ପରବର୍ତ୍ତୀ ଜମା ଗ୍ରହଣ କରିପାରେ ନାହିଁ ତେଣୁ ଏଗୁଡ଼ିକ କେବଳ ଋଣ ପ୍ରଦାନ ସୁବିଧା ପାଇଁ ଲାଗୁ ହେବ :

   i. ଓଟିପି ଜରିଆରେ ସ୍ବୀକୃତିକରଣ ପାଇଁ ଗ୍ରାହକଙ୍କ ଠାରୁ ଏକ ନିର୍ଦ୍ଧାରିତ ସହମତି ରଖାଯିବ।

   ii. ଏଭଳି ଋଣ ଖାତାଗୁଡ଼ିକ ପାଇଁ ଆପଦ ପ୍ରଶମନର ଏକ ପଦକ୍ଷେପ ଭାବେ, କମ୍ପାନୀ କେବଳ ଆଧାର ସହିତ ପଞ୍ଜୀକୃତ ହୋଇଥିବା ଗ୍ରାହକଙ୍କ ମୋବାଇଲ ନମ୍ବରରେ ଟ୍ରାଞ୍ଜାକ୍ସନ୍ ସୂଚନା, ଓଟିପି ଆଦି ପଠାଇବା ସୁନିଶ୍ଚିତ କରିବ। ଏଭଳି ଋଣ ଖାତାରେ ମୋବାଇଲ ନମ୍ବର ପରିବର୍ତ୍ତନ କରିବାର ଅନୁରୋଧଗୁଡ଼ିକର ବୁଝାଶୁଝା କରିବା ପାଇଁ କମ୍ପାନୀ ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ (ଏମଆଇଟିସି)ରେ ଉଚିତ୍ ମୂଲ୍ୟାୟନ (ଡ୍ୟୁ ଡିଲିଜେନ୍ସ)ର ସୁଦୃଢ଼ ପ୍ରକ୍ରିୟାକୁ ପରିଭାଷିତ କରିଛି ।

   iii. iii. କେବଳ ମିଆଦୀ ଋଣ ମଞ୍ଜୁର କରାଯିବ । ମଞ୍ଜୁର କରାଯାଇଥିବା ସର୍ବମୋଟ ଋଣର ପରିମାଣ କମ୍ପାନୀର କ୍ରେଡିଟ୍ ପଲିସିରେ ନିର୍ଦ୍ଧାରିତ ହୋଇଥିବା ଏବଂ ସମୟ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ କେୱାଇସି ପଲିସିରେ ସ୍ଥିର କରାଯାଇଥିବା ପରିମାଣରୁ ଅଧିକ ହେବନାହିଁ।

   iv. ଓଟିପି ଆଧାରିତ E-KYCର ଉପଯୋଗ କରି ଖୋଲାଯାଇଥିବା ଋଣଖାତାଗୁଡ଼ିକୁ ଏକ ବର୍ଷରୁ ଅଧିକ ଅନୁମତି ଦିଆଯିବ ନାହିଁ, ଯାହା ମଧରେ ଏହି ନିୟମ ଆଧାରରେ ଚିହ୍ନଟ କରାଯିବ । ଯଦି V-CIP ଅଧୀନରେ ଆଧାର ବିବରଣୀ ବ୍ୟବହାର ହୋଇଥାଏ, ତେବେ ନୂଆ ଆଧାର ଓଟିପି ପ୍ରମାଣିକରଣ ସହ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯିବ ।

   v. ଉପରୋକ୍ତ ପ୍ରକାରେ ଯଦି ସିଡିଡି ପ୍ରଣାଳୀଟି ଗୋଟିଏ ବର୍ଷ ମଧରେ ସମ୍ପୂର୍ଣ୍ଣ ହୋଇନପାରେ ସେ କ୍ଷେତ୍ରରେ ପରବର୍ତ୍ତୀ

ଡେବିଟକୁ ଅନୁମତି ଦିଆଯାଏ ନାହିଁ।

vi. ଯେକୌଣସି ରିପୋର୍ଟି ସଂସ୍ଥା ସହିତ ନନ୍ ଫେସ୍ ଟୁ ଫେସ୍ ପ୍ରଣାଳୀରେ ଓଟିପି ଆଧାରିତ କେୱାଇସି ବ୍ୟବହାର କରି ଖାତା ଖୋଲା ଯାଇନଥିବା କିମ୍ବା ଖୋଲିବାକୁ ନଥିବା କୌଣସି ଅନ୍ୟ ଆକାଉଣ୍ଟ ନଥିବା ବିଷୟରେ ଗ୍ରାହକଙ୍କ ଠାରୁ ଏକ ଘୋଷଣାନାମା ପ୍ରାପ୍ତ କରାଯିବ। ପୁନଶ୍ଚ ସିକେୱାଇସିଆରଙ୍କୁ କେୱାଇସି ସୂଚନା ଅପଲୋଡ୍ କରାଯାଉଥିବା ସମୟରେ କମ୍ପାନୀ ଏହା ସ୍ପଷ୍ଟ ରୂପେ ସୂଚୀତ କରିବ ଯେ ସେ ପ୍ରକାର ଆକାଉଣ୍ଟ ଗୁଡ଼ିକ ଇ-କେୱାଇସି ଆଧାରିତ ଓଟିପି ବ୍ୟବହାର କରି ଖୋଲାଯାଇଛି। ଅନ୍ୟାନ୍ୟ ରିପୋର୍ଟିଂ ସଂସ୍ଥା ଦ୍ବାରା ନନ୍ ଫେସ ଟୁ ଫେସ୍ ପ୍ରଣାଳୀରେ ଇ କେୱାଇସି ବିଧି ଆଧାରିତ ଓଟିପି ସହିତ ଖୋଲା ଯାଇଥିବା ଆକାଉଣ୍ଟସର କେୱାଇସି ସୂଚନା ଆଧାରରେ କମ୍ପାନୀ ଆକାଉଣ୍ଟ ଖୋଲିବ ନାହିଁ।

vii. ଉପରୋକ୍ତ ବ୍ୟବସ୍ଥାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଏଥିରେ କୌଣସି ବିଶୃଙ୍ଖଳା / ଅଣଅନୁପାଳନ କ୍ଷେତ୍ରରେ ସିଷ୍ଟମକୁ ସଜାଗ ରଖିବା ପାଇଁ ବିଧି ବ୍ୟବସ୍ଥା ଗୁଡ଼ିକୁ କଠୋର ଭାବରେ ଅନୁଧ୍ୟାନ କରିବ।

17. କମ୍ପାନୀ ଭି-ସିଆଇପି କାର୍ଯ୍ୟ ସଞ୍ଚାଳନ କରିପାରେ:

i. ବ୍ୟକ୍ତିବିଶେଷ ଗ୍ରାହକଙ୍କ କ୍ଷେତ୍ରରେ ନୂଆ ଗ୍ରାହକ, ପ୍ରୋପ୍ରାଇଟରସିପ୍ ଫାର୍ମ କ୍ଷେତ୍ରରେ ପ୍ରୋପ୍ରାଇଟର, ଲିଗାଲ ଏନ୍‌ଟିଟି (LE) ଗ୍ରାହକଙ୍କ କ୍ଷେତ୍ରରେ ଅଧିକୃତ ହସ୍ତାକ୍ଷରକର୍ତ୍ତା ଏବଂ ଲାଭାର୍ଥୀ ମାଲିକ (BOs)ଙ୍କ ସିଡିଡି ପାଇଁ ।

ଏହି ସର୍ତ୍ତରେ ଯେ ପ୍ରୋପ୍ରାଇଟରସିପ୍ ଫାର୍ମର ସିଡିଡି କ୍ଷେତ୍ରରେ, ପ୍ରୋପ୍ରାଇଟରଙ୍କ ସିଡିଡି ସହିତ, କମ୍ପାନୀ ପ୍ରୋପ୍ରାଇଟରସିପ୍ ଫାର୍ମର କାର୍ଯ୍ୟକଳାପର ପ୍ରମାଣର ସମତୁଲ୍ୟ ଇ-ଦସ୍ତାବିଜ ମଧ୍ୟ ହାସଲ କରିବ, ଯାହା ସୋଲ୍ ପ୍ରୋପ୍ରାଇଟରସିପ୍ ପାଇଁ ସିଡିଡି ପଦକ୍ଷେପରେ ଦର୍ଶାଯାଇଛି ।

ii. ଉପରୋକ୍ତ ବିନ୍ଦୁ ନଂ. 16 ଅନୁଯାୟୀ ଆଧାର ଓଟିପି ଆଧାରିତ ଇ-କେୱାଇସି ବ୍ୟବହାର କରି ଅଣ-ସାମ୍ନାସାମ୍ନି ପଦ୍ଧତିରେ ଖୋଲାଯାଇଥିବା ବିଦ୍ୟମାନ ଖାତାଗୁଡ଼ିକର ରୂପାନ୍ତରଣ ପାଇଁ ।

iii. ଯୋଗ୍ୟ ଗ୍ରାହକମାନଙ୍କ ପାଇଁ କେୱାଇସିର ଅପଡେସନ୍/ସମୟ ସମୟରେ ଅପଡେସନ୍ ପାଇଁ ।

ଭି-ସିଆଇପି କରିବାର ବିକଳ୍ପ ଚୟନ କରୁଥିବା କମ୍ପାନୀକୁ ନିମ୍ନଲିଖିତ ସର୍ବନିମ୍ନ ମାନକଗୁଡ଼ିକୁ ଅନୁପାଳନ କରିବାକୁ ହେବ:

**(କ) ଭି-ସିଆଇପି ଭିତ୍ତିଭୂମି**

i. କମ୍ପାନୀ ଆରବିଆଇ ଦ୍ବାରା ଜାରି କରାଯାଉଥିବା ତଥା ସମୟ ସମୟରେ ଅପଡେଟ୍ ହେଉଥିବା ବ୍ୟାଙ୍କଗୁଡ଼ିକ ପାଇଁ ମିନିମମ୍ ବେସଲାଇନ୍ ସାଇବର ସିକ୍ୟୁରିଟି ଏବଂ ରେସିଲିଏନ୍ସ ଫ୍ରେମୱାର୍କ ତଥା ଆଇଟି ଆପଦ ଉପରେ ଅନ୍ୟାନ୍ୟ ସାଧାରଣ ମାର୍ଗଦର୍ଶିକାର ଅନୁପାଳନ କରିଥିବା ଆବଶ୍ୟକ। ଟେକ୍ନୋଲୋଜି ଭିତ୍ତିଭୂମି କମ୍ପାନୀର ନିଜସ୍ବ ହତା ମଧ୍ୟରେ ଅବସ୍ଥିତ ହୋଇଥିବା ଏବଂ ଭି-ସିଆଇପି କନେକ୍ସନ ଓ ଇଣ୍ଟରଆକ୍ସନ ନିଶ୍ଚିତ ଭାବେ ଏହାର ନିଜସ୍ବ ସୁରକ୍ଷିତ ନେଟୱର୍କ ଡୋମେନରୁ ଉତ୍ପନ୍ନ ହେଉଥିବା ଆବଶ୍ୟକ । ଏହି ପ୍ରକ୍ରିୟା ପାଇଁ ଯେକୌଣସି ଟେକ୍ନୋଲୋଜି ସମ୍ବନ୍ଧୀୟ ଆଉଟସୋର୍ସିଂ ତତ୍-ସମ୍ବନ୍ଧୀୟ ଆରବିଆଇ ମାର୍ଗଦର୍ଶିକର ଅନୁପାଳନ କରୁଥିବା ଆବଶ୍ୟକ। ଯେଉଁଠାରେ କ୍ଲାଉଡ୍ ଡିପ୍ଲୟମେଣ୍ଟ ମଡେଲ ବ୍ୟବହୃତ ହେଉଥିବ, ସେଠାରେ ଏହା ସୁନିଶ୍ଚିତ କରାଯିବ ଯେ, ଏପରି ମଡେଲରେ ଡାଟାର ମାଲିକାନା କେବଳ କମ୍ପାନୀ ନିକଟରେ ରହିବ ଏବଂ ଭି-ସିଆଇପି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ତୁରନ୍ତ ପରେ ଭିଡିଓ ରେକର୍ଡିଂ ସମେତ ସମସ୍ତ ଡାଟା ଏକାନ୍ତ କମ୍ପାନୀ ମାଲିକାନାଧୀନ / ଲିଜ୍ ସୂତ୍ରରେ ଥିବା ସର୍ଭର(ଗୁଡ଼ିକ) ସମେତ କ୍ଲାଉଡ ସର୍ଭରକୁ ସ୍ଥାନାନ୍ତରିତ ହେଉଥିବ ଏବଂ କୌଣସି ଡାଟା କ୍ଲାଉଡ୍ ସେବା ପ୍ରଦାନକାରୀ କିମ୍ବା କମ୍ପାନୀର ଭି-ସିଆଇପି ପ୍ରକ୍ରିୟାରେ ସହାୟତା କରୁଥିବା ତୃତୀୟ ପକ୍ଷ ଟେକ୍ନାଲୋଜି ପ୍ରଦାନକାରୀଙ୍କ ନିକଟରେ ରହିବ ନାହିଁ।

ii. କମ୍ପାନୀ ଉପଯୁକ୍ତ ଏନକ୍ରିପ୍ସନ୍ ମାନକ ଅନୁଯାୟୀ ଗ୍ରାହକଙ୍କ ଡିଭାଇସ୍ ଏବଂ ଭି-ସିଆଇପି ଆପ୍ଲିକେସନର ହୋଷ୍ଟିଂ ପଏଣ୍ଟ ମଧ୍ୟରେ ଡାଟାଗୁଡ଼ିକର ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ସନକୁ ସୁନିଶ୍ଚିତ କରିବ। ଗ୍ରାହକଙ୍କ ସହମତିକୁ ଶ୍ରବଣଯୋଗ୍ୟ ଏବଂ ହେରଫେର ନିରୋଧୀ ପଦ୍ଧତିରେ ରେକର୍ଡ କରାଯିବା ଆବଶ୍ୟକ।

iii. ଭି-ସିଆଇପି ଭିତ୍ତିଭୂମି / ଆପ୍ଲିକେଶନ ଭାରତ ବାହାରେ ଥିବା ଆଇପି ଆଡ୍ରେସ୍ କିମ୍ବା ଛଦ୍ମବେଶୀ ଆଇପି ଆଡ୍ରେସରୁ କନେକ୍ସନକୁ ପ୍ରତିରୋଧ କରିବାରେ ସମର୍ଥ ହୋଇଥିବା ଆବଶ୍ୟକ ।

iv. ଭିଡିଓ ରେକର୍ଡିଂରେ ଭି-ସିଆଇପି କରାଉଥିବା ଗ୍ରାହକଙ୍କର ଲାଇଭ୍ ଜିପିଏସ୍ ଅବସ୍ଥିତି (ଜିଓ-ଟ୍ୟାଗିଂ) ଏବଂ ତାରିଖ-ସମୟ ଷ୍ଟାମ୍ପ ରହିଥିବା ଆବଶ୍ୟକ। ଭି-ସିଆଇପିରେ ଲାଇଭ୍ ଭିଡିଓର କ୍ୱାଲିଟି ଏପରି ହେବା ଉଚିତ୍ ଯେ, ଯାହାଦ୍ୱାରା ଗ୍ରାହକଙ୍କ ପରିଚୟକୁ କୌଣସି ସନ୍ଦେହ ବିନା ଚିହ୍ନଟ କରିହେଉଥିବ ।

v. ଯଦିଓ ଯେକୌଣସି ଗ୍ରାହକଙ୍କ ପରିଚୟର ଚରମ ଦାୟିତ୍ୱ କମ୍ପାନୀର ହୋଇଥାଏ, ତଥାପି ଆପ୍ଲିକେସନରେ ଫେସ୍ ଲାଇଭନେସ୍ / ସ୍ପୁଫ୍ ଡିଟେକ୍ସନ୍ ତଥା ଫେସ୍ ମ୍ୟାଚିଂ ଟେକ୍ନୋଲୋଜି ରହିବା ଏବଂ ତାହାର ନିର୍ଭୁଲତା ଉଚ୍ଚମାନର ହୋଇଥିବା ଆବଶ୍ୟକ।

vi. ଚିହ୍ନଟ କରାଯାଇଥିବା / ଚେଷ୍ଟା କରାଯାଇଥିବା / ପାଖାପାଖି ସଫଳ ହୋଇଯାଇଥିବା ନକଲି ପରିଚୟ ସମ୍ବନ୍ଧୀୟ ଅଭିଜ୍ଞତାକୁ ଆଧାର କରି ଆପ୍ଲିକେସନ୍ ସଫ୍ଟୱେର୍ ସମେତ ଟେକ୍ନୋଲୋଜି ଭିତ୍ତିଭୂମି ତଥା କାର୍ଯ୍ୟ ପ୍ରବାହକୁ ନିୟମିତ ଭାବେ ଉନ୍ନୀତ କରାଯିବା ଆବଶ୍ୟକ। ଭି-ସିଆଇପି ମାଧ୍ୟମରେ ଚିହ୍ନଟ କରାଯାଇଥିବା ସମସ୍ତ ନକଲି ପରିଚୟ ମାମଲାଗୁଡ଼ିକୁ ପ୍ରଚଳିତ ନିୟାମକ ମାର୍ଗଦର୍ଶିକା ଅନୁସାରେ ଏକ ସାଇବର୍ ଘଟଣା ଭାବେ ରିପୋର୍ଟ କରାଯିବା ଆବଶ୍ୟକ।

vii. ଭି-ସିଆଇପି ଭିତ୍ତିଭୂମିକର ସୁଦୃଢ଼ତା ଏବଂ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ସନ୍ ସାମର୍ଥ୍ୟକୁ ସୁନିଶ୍ଚିତ କରିବା ପାଇଁ ତାହାର ଭଲନରେବିଲିଟୀ ପରୀକ୍ଷା, ପେନିଟ୍ରେସନ୍ ପରୀକ୍ଷଣ ଏବଂ ସିକ୍ୟୁରିଟି ଅଡିଟ୍ କରାଯିବା ଆବଶ୍ୟକ । ଏହି ପ୍ରକ୍ରିୟା ଅଧୀନରେ ରିପୋର୍ଟ ହୋଇଥିବା ଯେକୌଣସି ଗୁରୁତ୍ୱପୂର୍ଣ୍ଣ ତ୍ରୁଟିବିଚ୍ୟୁତିକୁ ସୁଧାରିବା ପରେ ହିଁ ତାହାକୁ କାର୍ଯ୍ୟାନ୍ୱିତ କରାଯିବ। ଏପରି ପରୀକ୍ଷାଗୁଡ଼ିକ ଇଣ୍ଡିଆନ କମ୍ପ୍ୟୁଟର ଇମର୍ଜେନ୍ସି ରେସପନ୍ସ ଟିମ୍ (ସିଇଆରଟି-ଇନ୍)ର ତାଲିକାଭୁକ୍ତ ଅଡିଟରମାନଙ୍କ ଦ୍ୱାରା ସଞ୍ଚାଳିତ କରାଯିବା ଆବଶ୍ୟକ। ଏଭଳି ପରୀକ୍ଷାଗୁଡ଼ିକୁ ନିୟମିତ ବ୍ୟବଧାନରେ ଆଭ୍ୟନ୍ତରୀଣ/ନିୟାମକ ମାର୍ଗଦର୍ଶିକା ଅନୁସାରେ ମଧ୍ୟ ସଞ୍ଚାଳନ କରାଯିବା ଆବଶ୍ୟକ।

viii. ଭି-ସିଆଇପି ଆପ୍ଲିକେସନ୍ ସଫ୍ଟୱେର୍ ଏବଂ ସମ୍ବନ୍ଧିତ ଏପିଆଇ/ୱେବସର୍ଭିସେସ୍ ଗୁଡ଼ିକୁ ଲାଇଭ୍ ପରିବେଶରେ ବ୍ୟବହାର କରିବା ପୂର୍ବରୁ ତାହାର କାର୍ଯ୍ୟକ୍ଷମତା, କାର୍ଯ୍ୟ ପ୍ରଦର୍ଶନ, ରକ୍ଷଣାବେକ୍ଷଣ ଶକ୍ତିର ଉପଯୁକ୍ତ ପରୀକ୍ଷଣ କରାଯିବା ଉଚିତ । ଏଭଳି ପରୀକ୍ଷା ସମୟରେ ନଜରକୁ ଆସିଥିବା ଗୁରୁତ୍ୱପୂର୍ଣ୍ଣ ତ୍ରୁଟିବିଚ୍ୟୁତିକୁ ସୁଧାରିବା ପରେ ହିଁ ତାହାକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏଭଳି ପରୀକ୍ଷାଗୁଡ଼ିକୁ ନିୟମିତ ବ୍ୟବଧାନରେ ଆଭ୍ୟନ୍ତରୀଣ/ନିୟାମକ ମାର୍ଗଦର୍ଶିକା ଅନୁସାରେ ମଧ୍ୟ ସଞ୍ଚାଳନ କରାଯିବା ଆବଶ୍ୟକ।

**(ଖ) ଭି-ସିଆଇପି ପଦ୍ଧତି**

i. କମ୍ପାନୀ ଭି-ସିଆଇପି ପାଇଁ ଏକ ସ୍ୱଷ୍ଟ କାର୍ଯ୍ୟ ପ୍ରବାହ ଏବଂ ମାନକ ପରିଚାଳନା ପଦ୍ଧତି ପ୍ରସ୍ତୁତ କରିବ ଓ ତାହାର ଅନୁପାଳନକୁ ସୁନିଶ୍ଚିତ କରିବ । ଭି-ସିଆଇପି ପ୍ରକ୍ରିୟାକୁ କେବଳ ସେହି ଉଦ୍ଦେଶ୍ୟରେ ବିଶେଷ ଭାବେ ତାଲିମପ୍ରାପ୍ତ କମ୍ପାନୀ ଅଧିକାରୀମାନଙ୍କ ଦ୍ୱାରା ପରିଚାଳନା କରାଯିବ। ଅଧିକାରୀ ଲାଇଭନେସ୍ ଯାଞ୍ଚ କରିବା ଏବଂ ଗ୍ରାହକଙ୍କ ଦ୍ୱାରା ଅନ୍ୟ କୌଣସି ଠକାମିମୂଳକ ହେରଫେର ଅଥବା ସନ୍ଦିଗ୍ଧ ଆଚରଣକୁ ଚିହ୍ନଟ କରିବା ଓ ସେ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇଥିବା ଆବଶ୍ୟକ।

ii. ଭିଡିଓ ଅଟକିଯିବା, କଲ୍ ପୁଣିଥରେ ସଂଯୋଗ ହେବା ଭଳି କୌଣସି ପ୍ରକାର ବିଭ୍ରାଟ କାରଣରୁ ଏକାଧିକ ଭିଡିଓ ଫାଇଲ୍ ସୃଷ୍ଟି ନ ହେବା ଉଚିତ। ଯଦି ଭିଡିଓ ଅଟକିବା କିମ୍ବା ବିଭ୍ରାଟ କାରଣରୁ ଏକାଧିକ ଫାଇଲ୍ ସୃଷ୍ଟି ନ ହେଉଥାଏ, ତେବେ କମ୍ପାନୀ ଦ୍ୱାରା ଏକ ନୂଆ ଅଧିବେଶନ ଆରମ୍ଭ କରିବାର ଆବଶ୍ୟକତା ନାହିଁ । ହେଲେ, କଲ୍ କଟିଯିବା / ସଂଯୋଗ ବିଚ୍ଛିନ୍ନ ହେବା କ୍ଷେତ୍ରରେ, ନୂଆ ଅଧିବେଶନ ଆରମ୍ଭ କରାଯିବା ଆବଶ୍ୟକ।

iii. ଭିଡିଓ ଇଣ୍ଟରଆକ୍ସନ ଯେପରି ବାସ୍ତବିକ-ସମୟରେ ହେଉଛି ଏବଂ ତାହାକୁ ପୂର୍ବରୁ ରେକର୍ଡ କରାଯାଇ ନାହିଁ ତାହାକୁ ସୁନିଶ୍ଚିତ କରିବା ପାଇଁ ଭିଡିଓ ଇଣ୍ଟରଆକ୍ସନ ସମୟରେ ସଞ୍ଚାଳିତ କାର୍ଯ୍ୟଧାରା ଓ ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ବିବିଧ ହେବା ଉଚିତ୍ ଯାହାଦ୍ୱାରା ଭିଡିଓ ଇଣ୍ଟରଆକ୍ସନର ଲାଇଭନେସ୍ ସ୍ୱଷ୍ଟ ହୋଇପାରିବ।

iv. ଗ୍ରାହକଙ୍କୁ କେହି କିଛି କହିବା ପାଇଁ ପ୍ରବର୍ତ୍ତାଉଥିବା କିମ୍ବା ସାହାଯ୍ୟ କରୁଥିବାର ପରିଲକ୍ଷିତ ହେଲେ ଖାତା ଖୋଲା ପ୍ରକ୍ରିୟାକୁ ରଦ୍ଦ କରାଯିବ।

v. ଭି-ସିଆଇପି କରାଉଥିବା ଗ୍ରାହକ ବିଦ୍ୟମାନ କିମ୍ବା ନୂଆ ଗ୍ରାହକ ଅଥବା ପୂର୍ବରୁ ତାଙ୍କର ଖାତା ଖୋଲା ପ୍ରକ୍ରିୟା ରଦ୍ଦ ହୋଇଛି କି ନାହିଁ ଅଥବା ଗ୍ରାହକଙ୍କର ନାମ କୌଣସି ନକାରାତ୍ମକ ସୂଚୀରେ ଅଛି କି ନାହିଁ, ସେ ବାବଦୀୟ ତଥ୍ୟକୁ

ବିଚାରକୁ ନିଆଯିବା ଏବଂ କାର୍ଯ୍ୟ ପ୍ରବାହର ଉପଯୁକ୍ତ ପର୍ଯ୍ୟାୟରେ ତାହାକୁ ସ୍ଥାନିତ କରାଯିବା ଆବଶ୍ୟକ।

vi. ଭି-ସିଆଇପି ସଞ୍ଚାଳନ କରୁଥିବା କମ୍ପାନୀର ପ୍ରାଧିକୃତ ଅଧିକାରୀ ପରିଚୟ ପାଇଁ ଉପସ୍ଥିତ ଥିବା ଗ୍ରାହକଙ୍କର ଅଡିଓ-ଭିଡିଓ ରେକର୍ଡ କରିବା ସହିତ ତାଙ୍କର ଫଟୋଗ୍ରାଫ୍ ଆୟତ୍ତ କରିବା ସହିତ ନିମ୍ନଲିଖିତ ଯେକୌଣସି ପଦ୍ଧତିରେ ତାଙ୍କର ପରିଚୟ ସମ୍ବନ୍ଧୀୟ ସୂଚନା ହାସଲ କରିବେ:

କ. ଓଟିପି ଆଧାରିତ ଆଧାର ଇ-କେୱାଇସି ପ୍ରମାଣୀକରଣ

ଖ. ପରିଚୟ ପାଇଁ ଆଧାରର ଅଫଲାଇନ୍ ଯାଞ୍ଚ

ଗ. ସିଡିଡି ପଦ୍ଧତି ଅନୁଯାୟୀ ସିକେୱାଇସିଆରରୁ ଡାଉନଲୋଡ୍ କରାଯାଇଥିବା କେୱାଇସି ରେକର୍ଡ ଏବଂ ଗ୍ରାହକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କେୱାଇସି ଆଇଡେଣ୍ଟିଫାୟର୍ ବ୍ୟବହାର କରି ସେଣ୍ଟ୍ରାଲ କେୱାଇସି ରେକର୍ଡ ରେଜିଷ୍ଟ୍ରି (ସିକେୱାଇସିଆର୍) ସହିତ କେୱାଇସି ସୂଚନାକୁ ଶେୟାର୍ କରିବା

ଘ. ଡିଜିଲକର୍ ମାଧ୍ୟମରେ ଜାରି ଦସ୍ତାବିଜ ସମେତ ଅଫିସିଆଲି ଭାଲିଡ୍ ଡକ୍ୟୁମେଣ୍ଟ (ଓଭିଡି)ର ସମତୁଲ୍ୟ ଇ-ଦସ୍ତାବିଜ

ଉପରୋକ୍ତ ବିନ୍ଦୁ ନଂ.15 କ୍ଷେତ୍ରରେ କମ୍ପାନୀ ଆଧାର ନମ୍ବରକୁ କାଟିବା କିମ୍ବା ବ୍ଲାକ୍-ଆଉଟ୍ କରିବା ସୁନିଶ୍ଚିତ କରିବ ।

ଏକ୍ସଏମଏଲ ଫାଇଲ୍ କିମ୍ବା ଆଧାର ସୁରକ୍ଷିତ କ୍ୟୁଆର କୋଡ୍ ବ୍ୟବହାର କରି ଆଧାରର ଅଫଲାଇନ୍ ଯାଞ୍ଚ କ୍ଷେତ୍ରରେ, ଏହା ସୁନିଶ୍ଚିତ କରାଯିବ ଯେ, ଏକ୍ସଏମଏଲ୍ ଫାଇଲ୍ କିମ୍ବା କ୍ୟୁଆର୍ କୋଡ୍ ସୃଷ୍ଟିର ତାରିଖଟି ଭି-ସିଆଇପି ସଞ୍ଚାଳନ ତାରିଖରୁ ତିନି ଦିନରୁ ଅଧିକ ପୁରୁଣା ହୋଇ ନ ଥିବ।

ପୁନଶ୍ଚ, ଆଧାର ଏକ୍ସଏମ୍ଏଲ୍ ଫାଇଲ୍ / ଆଧାର କ୍ୟୁଆର୍ କୋଡ୍ ବ୍ୟବହାର ପାଇଁ ତିନିଟି କାର୍ଯ୍ୟଦିବସର ନିର୍ଦ୍ଧାରିତ ଅବଧି ପରିପ୍ରେକ୍ଷୀରେ, ଯଦି କୌଣସି ବିରଳ ମାମଲାରେ, ସମଗ୍ର ପ୍ରକ୍ରିୟା ଯଦି ଏକାଥରକେ କିମ୍ବା ଅବାଧ ଭାବେ ସଞ୍ଚାଳିତ ନ ହୋଇପାରେ, ତେବେ କମ୍ପାନୀ ସୁନିଶ୍ଚିତ କରିବ ଯେ ସିକେୱାଇସିଆର୍ / ଆଧାର ପ୍ରମାଣୀକରଣ / ସମତୁଲ୍ୟ ଇ-ଦସ୍ତାବିଜ ଡାଉନଲୋଡ୍ / ହାସଲ କରିବାର ତିନି ଦିନ ମଧ୍ୟରେ ହିଁ ଭି-ସିଆଇପି ସଞ୍ଚାଳନ କରାଯିବ। ତଥାପି, କମ୍ପାନୀ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ, ଏଭଳି ପ୍ରକ୍ରିୟା କାରଣରୁ ଯେପରି କୌଣସି ଅତିରିକ୍ତ ଆପଦ ସୃଷ୍ଟି ହେଉ ନ ଥାଏ।

vii. ଗ୍ରାହକଙ୍କର ଠିକଣା ଯଦି ଓଭିଡିରେ ଦର୍ଶାଯାଇଥିବା ଠିକଣାରୁ ଭିନ୍ନ ହୋଇଥାଏ, ତେବେ ବିଦ୍ୟମାନ ନିୟମ ଅନୁଯାୟୀ ସାମ୍ପ୍ରତିକ ଠିକଣାର ଉପଯୁକ୍ତ ରେକର୍ଡ ହାସଲ କରାଯିବା ଆବଶ୍ୟକ। ଗ୍ରାହକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅର୍ଥନୈତିକ ଏବଂ ବିତ୍ତୀୟ ପ୍ରୋଫାଇଲ୍/ସୂଚନାକୁ ମଧ୍ୟ ଉପଯୁକ୍ତ ପଦ୍ଧତି ଜରିଆରେ ଭି-ସିଆଇପି କରାଉଥିବା ଗ୍ରାହକଙ୍କଠାରୁ ନିଶ୍ଚିତ କରିନିଆଯିବା ଆବଶ୍ୟକ।

viii. ଗ୍ରାହକଙ୍କ ଦ୍ୱାରା ଇ-ପ୍ୟାନ୍ ଦାଖଲ କରାଯାଇଥିବା ମାମଲାଗୁଡ଼ିକୁ ଛାଡ଼ି, ଏହି ପ୍ରକ୍ରିୟା ସମୟରେ ଗ୍ରାହକଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ପ୍ୟାନ୍ କାର୍ଡର ସ୍ପଷ୍ଟ ଚିତ୍ର ଆୟତ୍ତ କରିବା ମଧ୍ୟ କମ୍ପାନୀ ସୁନିଶ୍ଚିତ କରିବ । ପ୍ୟାନ୍ ବିବରଣୀକୁ ଡିଜିଲକର୍ ସମେତ ଜାରିକର୍ତ୍ତା କର୍ତ୍ତୃପକ୍ଷଙ୍କ ଡାଟାବେସରୁ ଯାଞ୍ଚ କରାଯିବା ଆବଶ୍ୟକ।

ix. ଇ-ପ୍ୟାନ୍ ସମେତ ସମତୁଲ୍ୟ ଇ-ଦସ୍ତାବିଜର ପ୍ରିଣ୍ଟେଡ୍ କପି ଭି-ସିଆଇପି ପାଇଁ ବୈଧ ହେବ ନାହିଁ।

x. କମ୍ପାନୀର ପ୍ରାଧିକୃତ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ, ଆଧାର/ଓଭିଡି ଏବଂ ପ୍ୟାନ୍/ଇ-ପ୍ୟାନ୍ ରେ ରହିଥିବା ଗ୍ରାହକଙ୍କ ଫଟୋ ଭି-ସିଆଇପି କରାଉଥିବା ଗ୍ରାହକଙ୍କ ସହିତ ମେଳ ଖାଉଛି ଏବଂ ଆଧାର/ଓଭିଡି ଏବଂ ପ୍ୟାନ୍/ଇ-ପ୍ୟାନ୍ ରେ ରହିଥିବା ପରିଚୟ ବିବରଣୀଗୁଡ଼ିକ ଗ୍ରାହକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିବରଣୀ ସହିତ ମେଳ ଖାଉଛି ।

xi. ପ୍ରକ୍ରିୟା ଅଖଣ୍ଡତା ଏବଂ ତାହାର ଫଳାଫଳର ଗ୍ରହଣୀୟତାକୁ ସୁନିଶ୍ଚିତ କରିବା ପାଇଁ, ଭି-ସିଆଇପି ପ୍ରକ୍ରିୟା ପରବର୍ତ୍ତୀ ଅଡିଟ୍ ପରେ ହିଁ ଭି-ସିଆଇପି ମାଧ୍ୟମରେ ଖୋଲାଯାଇଥିବା ସମସ୍ତ ଖାତାଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ।

xii. ପାରାଗ୍ରାଫରେ ନିର୍ଦ୍ଧାରିତ ହୋଇ ନ ଥିବା କିନ୍ତୁ ସୂଚନା ପ୍ରଯୁକ୍ତି (ଆଇଟି) ଅଧିନିୟମ ଭଳି ଅନ୍ୟାନ୍ୟ ଆଇନ ଅନୁସାରେ ଆବଶ୍ୟକ ହୋଇଥିବା ସମସ୍ତ ବିଷୟଗୁଡ଼ିକୁ କମ୍ପାନୀ ଦ୍ୱାରା ଉପଯୁକ୍ତ ଢଙ୍ଗରେ ଅନୁପାଳନ କରାଯିବ।

**(ଗ) ଭି-ସିଆଇପି ରେକର୍ଡ ଏବଂ ଡାଟା ମ୍ୟାନେଜମେଣ୍ଟ**

i. ଭି-ସିଆଇପିର ସମସ୍ତ ଡାଟା ଏବଂ ରେକର୍ଡିଂଗୁଡ଼ିକୁ ଭାରତ ମଧ୍ୟରେ ଅବସ୍ଥିତ ସିଷ୍ଟମ୍ / ସିଷ୍ଟମଗୁଡ଼ିକରେ ସଂରକ୍ଷିତ ରଖାଯିବ। କମ୍ପାନୀ ସୁନିଶ୍ଚିତ କରିବ ଯେ ଭିଡିଓ ରେକର୍ଡିଂଗୁଡ଼ିକ ଏକ ସୁରକ୍ଷିତ ଓ ନିରାପଦ ପଦ୍ଧତିରେ ସଂରକ୍ଷିତ ରହିଛି

ଏବଂ ସହଜରେ ପୁରୁଣା ଡାଟା ସନ୍ଧାନକୁ ସହଜ କରିବା ପାଇଁ ସେଥିରେ ତାରିଖ ଓ ସମୟର ଷ୍ଟାମ୍ପ ରହିଛି। ଆଇବିଆଇ କେୱାଇସି ମାଷ୍ଟର ଡାଇରେକ୍ସନରେ ନିର୍ଦ୍ଧାରିତ ହୋଇଥିବା ରେକର୍ଡ ମ୍ୟାନେଜମେଣ୍ଟ ସମ୍ବନ୍ଧୀୟ ବିଦ୍ୟମାନ ନିର୍ଦ୍ଦେଶଗୁଡ଼ିକ ଭି-ସିଆଇପି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ।

ii. ଭି-ସିଆଇପି ସଞ୍ଚାଳନ କରୁଥିବା ଅଧିକାରୀଙ୍କ ବିବରଣୀ ସହିତ ଆକ୍ଟିଭିଟି ଲଗ୍ ମଧ୍ୟ ସଂରକ୍ଷିତ ରଖାଯିବ।

18. **ନନ୍- ବ୍ୟାଙ୍କିଂ ଫାଇନାସ କମ୍ପାନିଜ୍ (ଏନବିଏଫସି) ପାଇଁ ସରଳୀକୃତ ବିଧି :** ଯଦି କୌଣସି ବ୍ୟକ୍ତି ଯିଏ ଋଣ ନେବାକୁ ଚାହୁଁଛନ୍ତି, ସେ ନିର୍ଦ୍ଦିଷ୍ଟ କାଗଜାତ ପ୍ରସ୍ତୁତ କରିବାରେ ଅକ୍ଷମ ଥାନ୍ତି, ତେବେ କମ୍ପାନୀ ନିଜର ବିବେକ ଆଧାରରେ ନିମ୍ନଲିଖିତ ସର୍ତ୍ତ ଅଧୀନରେ ଋଣ ଆକାଉଣ୍ଟ ଖୋଲି ପାରିବେ :

କ. କମ୍ପାନୀ ଗ୍ରାହକଙ୍କ ଠାରୁ ସ୍ବସାକ୍ଷରିତ ଫଟୋଗ୍ରାଫ ରଖିବେ।

ଖ. କମ୍ପାନୀର ପ୍ରାଧୀକୃତ ଅଧିକାରୀ ଲୋନ୍ ଆକାଉଣ୍ଟ ଖୋଲୁଥିବା ବ୍ୟକ୍ତିଙ୍କର ସ୍ବାକ୍ଷରକୁ ପ୍ରମାଣିତ କରିବେ ଯେଉଁଥିରେ ଗ୍ରାହକ ସ୍ବାକ୍ଷର କରିଥିବେ କିମ୍ବା ତାଙ୍କ ଉପସ୍ଥିତିରେ ବୃଦ୍ଧାଙ୍ଗୁଷ୍ଠି ଛାପ ଦେଇଥିବେ।

ଗ. ଋଣ ଆକାଉଣ୍ଟଟି ପ୍ରାରମ୍ଭିକ ପର୍ଯ୍ୟାୟରେ 12 ମାସ ଅବଧି ପାଇଁ କାର୍ଯ୍ୟକାରୀ ରହିବ ଯାହା ମଧ୍ୟରେ ସିଡିଡି ସମ୍ପାଦିତ ହେବ।

ଘ. ସେମାନଙ୍କ ଆକାଉଣ୍ଟରେ ମଞ୍ଜୁର ହୋଇଥିବା ଋଣ / ବଳକା ଏକତ୍ର ଯେକୌଣସି ସମୟରେ ପଚାଶ ହଜାର ଟଙ୍କାରୁ ଅଧିକ ହେବ ନାହିଁ।

ଙ. ସବୁ ଦିଗରୁ ଗ୍ରହଣ କରାଯାଇଥିବା ସମୁଦାୟ କ୍ରେଡିଟ୍ ପରିମାଣ ଗୋଟିଏ ବର୍ଷରେ ଏକ ଲକ୍ଷରୁ ଅଧିକ ଅତିକ୍ରମ କରିବ ନାହିଁ।

ଚ. ଗ୍ରାହକ ଏହା ସଚେତନ ରହିବେ ଯେ ତାଙ୍କ ଦ୍ବାରା ଯଦି ଉପରୋକ୍ତ (ଗ) ର ଶୃଙ୍ଖଳାଭଙ୍ଗ ହୋଇଥାଏ ଓ ସେ କେୱାଇସି ବିଧି ବ୍ୟବସ୍ଥା ପାଳନ ନକରିବା ପର୍ଯ୍ୟନ୍ତ କୌଣସି ପରବର୍ତ୍ତୀ ଟ୍ରାନ୍‌ଜାକ୍‌ସନ କରିପାରିବେ ନାହିଁ।

ଛ. ଯେତେବେଳେ ଚାଳିଶ ହଜାର ଟଙ୍କା କିମ୍ବା ଗୋଟିଏ ବର୍ଷରେ ସମୁଦାୟ କ୍ରେଡିଟ୍ ଅଶି ହଜାର ଟଙ୍କାରେ ପହଞ୍ଚିଥିବ ସେତେବେଳେ ଏହି ବାଲାନ୍‌ସ ବିଷୟରେ ଗ୍ରାହକଙ୍କୁ ସୂଚନା ପ୍ରଦାନ କରାଯିବ ଯେ ତାଙ୍କୁ ଉପଯୁକ୍ତ ପ୍ରକାରେ କେୱାଇସି ନଥିପତ୍ର ଦାଖଲ କରିବା ଆବଶ୍ୟକ ଅନ୍ୟଥା ତାଙ୍କର ଆକାଉଣ୍ଟ ପରିଚାଳନା ବନ୍ଦ ହୋଇଯିବ ଯେତେବେଳେ ସମୁଦାୟ ବାଲାନ୍‌ସ ସମସ୍ତ ଦିଗରୁ ଉପରୋକ୍ତ (ଘ) ଓ (ଙ) ସୀମା ଠାରୁ ଅତିକ୍ରମ କରିଥିବ।

ଜ. କମ୍ପାନୀ ଗ୍ରାହକଙ୍କୁ ସୂଚନା ପ୍ରଦାନ କରିବାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ଓ ତାଙ୍କୁ କେୱାଇସି ପ୍ରକ୍ରିୟା ସମ୍ପାଦନ କରିବାକୁ କହିବ ଅନ୍ୟଥା ତାଙ୍କ ପାଇଁ ପରବର୍ତ୍ତୀ ଡେବିଟ୍ ଅନୁମୋଦନ କରାଯିବ ନାହିଁ।

ଝ. ଋଣ ଖାତା ଉପରେ ନଜର ରଖାଯିବ ଏବଂ ଯଦି ଏମଏଲ/ଟିଏଫ୍ ଗତିବିଧି କିମ୍ବା ଅନ୍ୟାନ୍ୟ ଉଚ୍ଚ ଆପଦଯୁକ୍ତ ଗତିବିଧିର ସନ୍ଦେହ ହେଲେ, ଧାରା 15 ଓ ଧାରା 17 ଅନୁଯାୟୀ ଗ୍ରାହକଙ୍କର ପରିଚୟକୁ ପ୍ରମାଣିତ କରାଯିବ।

19. କମ୍ପାନୀର ଗୋଟିଏ ଶାଖା/ ଅଫିସ୍ ଦ୍ବାରା ଥରେ କେୱାଇସି ଯାଞ୍ଚ ହେବା ପରେ ତାହା ସେହି କମ୍ପାନୀର ଅନ୍ୟାନ୍ୟ ଶାଖା/ ଅଫିସ୍ ପାଇଁ ଋଣ ଆକାଉଣ୍ଟର ଟ୍ରାନ୍‌ସଫର ଲାଗି ବୈଧ ବିବେଚିତ ହେବ। ସଂପୃକ୍ତ ଲୋନ୍ ଆକାଉଣ୍ଟ ପାଇଁ କେୱାଇସି ଯାଞ୍ଚ ପ୍ରକ୍ରିୟା କରାଯିବ ଓ ତାହା ସାମୟିକ ଅପଡେସନ ପାଇଁ ନିଆଯିବ ନାହିଁ।

## ଭାଗ – II - ଏକକ ମାଲିକାନା ଫାର୍ମ ପାଇଁ ସିଡିଡି ପଦକ୍ଷେପ

20. ଗୋଟିଏ ଏକକ ମାଲିକାନା ଫାର୍ମ ନାମରେ ଏକ ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ବ୍ୟକ୍ତିଗତ (ମାଲିକ) ଙ୍କ ସିଡିଡି ସମ୍ପାଦିତ ହେବ।

21. ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଯେକୌଣସି ଦୁଇଗୋଟି ନିମ୍ନଲିଖିତ ନଥିପତ୍ର କିମ୍ବା ତତୁଲ୍ୟ ଇନଥିପତ୍ରକୁ ମାଲିକାନାଧୀନ ଫାର୍ମର ନାମରେ ଥିବା ବ୍ୟବସାୟ/ କାର୍ଯ୍ୟକ୍ରମର ପ୍ରମାଣ ସ୍ବରୂପ ରଖାଯିବ।

କ. ପଞ୍ଜୀକରଣ ପ୍ରମାଣପତ୍ର, ଯାହା ମଧ୍ୟରେ ସରକାରଙ୍କ ଦ୍ବାରା ଜାରି ଉଦ୍ୟମ ପଞ୍ଜୀକରଣ ପ୍ରମାଣପତ୍ର (ୟୁଆରସି) ଅନ୍ତର୍ଭୁକ୍ତ

ଖ. ଦୋକାନ ଓ ପ୍ରତିଷ୍ଠାନ ଅଧିନିୟମ ଅଧୀନରେ ପୌରକର୍ତ୍ତୃପକ୍ଷଙ୍କ ଦ୍ବାରା ଜାରି ପ୍ରମାଣ ପତ୍ର/ ଲାଇସେନ୍ସ

ଗ. ବିକ୍ରୟ ଓ ଆୟକର ରିଟର୍ଣ୍ଣ

ଘ. ସିଏସଟି/ ଭାଟ୍/ ଜିଏସଟି ପ୍ରମାଣ ପତ୍ର (ପ୍ରୋଭିଜନାଲ୍/ ଫାଇନାଲ୍)

ଙ. ସେଲ୍ସ ଟାକ୍ସ/ ସର୍ଭିସ୍ ଟାକ୍ସ / ପ୍ରଫେସନାଲ୍ ଟାକ୍ସ ଅଥୋରିଟିଙ୍କ ଦ୍ବାରା ଜାରି ପ୍ରମାଣ ପତ୍ର/ ପଞ୍ଜୀକରଣ ନଥିପତ୍ର

ଚ. ଏକ ରାଜ୍ୟ ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ପେଶାଦାରୀ ସଂସ୍ଥା ଦ୍ବାରା ସଂପୃକ୍ତ ପ୍ରୋପ୍ରାଇଟରିର ନାମରେ ଜାରି ହୋଇଥିବା ଲାଇସେନ୍ସ/ ପ୍ରମାଣପତ୍ର କିମ୍ବା ଡିଜିଏଫଟି ଅଫିସ ଦ୍ବାରା ସଂପୃକ୍ତ ପ୍ରୋପ୍ରାଇଟରି ପାଇଁ ଜାରି ଆଇଇସି (ଇମ୍ପୋର୍ଟର ଏକ୍ସପୋର୍ଟର କୋଡ୍)।

ଛ. ସମ୍ପୂର୍ଣ୍ଣ ଆୟକର ଟିକସ ରିଟର୍ଣ୍ଣ (କେବଳ ସ୍ବୀକୃତିନାମା ନୁହେଁ) ଏକକ ପ୍ରୋପ୍ରାଇଟରଙ୍କ ନାମରେ ଯେଉଁଠାରେ ଫାର୍ମର ଆୟ ପ୍ରତିଫଳିତ ହୋଇଥାଏ ତାହାର ବିଧିବଦ୍ଧ ସ୍ବୀକୃତିକରଣ ଆୟକର କର୍ତ୍ତୃପକ୍ଷଙ୍କ ଦ୍ବାରା ରହିଥିବା ଆବଶ୍ୟକ।

ଜ. ୟୁଟିଲିଟି ବିଲ୍ ଯଥା ଇଲେକ୍ଟ୍ରିସିଟି, ପାଣି, ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ବିଲ୍ ଇତ୍ୟାଦି।

22. ଯେଉଁ କ୍ଷେତ୍ରରେ କମ୍ପାନୀ ଏ ପ୍ରକାର ଦୁଇଗୋଟି ନଥିପତ୍ର ସମ୍ପାଦନ କରିବା ସମ୍ଭବ ନଥିବ ସେ କ୍ଷେତ୍ରରେ କମ୍ପାନୀ ଏହାର ବିବେଚନା ଅଧୀନରେ ବ୍ୟବସାୟ/ କାର୍ଯ୍ୟକ୍ରମ ପ୍ରମାଣସ୍ବରୂପ କେବଳ ଗୋଟିଏ ନଥିପତ୍ରକୁ ଗ୍ରହଣ କରିପାରେ।
ଏହା ବ୍ୟବସ୍ଥିତ ରହିବ ଯେ କମ୍ପାନୀ ଯୋଗାଯୋଗ ସ୍ଥଳ ଯାଞ୍ଚ କରିପାରେ ଏବଂ ଅନ୍ୟାନ୍ୟ ସୂଚନା ସଂଗ୍ରହ କରିପାରେ ଓ ସେ ପ୍ରକାର ଫାର୍ମର ବିଦ୍ୟମାନତା ଆବଶ୍ୟକତା ଅନୁସାରେ ସ୍ପଷ୍ଟ ଚିତ୍ର ନେଇପାରେ ଓ ସଂପୃକ୍ତ ପ୍ରୋପ୍ରାଇଟରିଙ୍କ ଠିକଣାରୁ ତାଙ୍କର ବ୍ୟାବସାୟିକ କାର୍ଯ୍ୟକୁ ଯାଞ୍ଚ କରି ସନ୍ତୋଷତା ପ୍ରକଟ କରିପାରେ।

## ଭାଗ – III – ବୈଧାନିକ ସଂସ୍ଥା ଗୁଡ଼ିକ ପାଇଁ ସିଡିଡି ପଦକ୍ଷେପ

23. ଗୋଟିଏ କମ୍ପାନୀରେ ଏକ ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ନିମ୍ନଲିଖିତ ନଥିପତ୍ର କିମ୍ବା ତତ୍ତୁଲ୍ୟ ଇ-ନଥିପତ୍ରର ପ୍ରମାଣିତ କପିଗୁଡ଼ିକୁ ରଖାଯିବା ଆବଶ୍ୟକ :

କ. ଇନକର୍ପୋରେସନ ପ୍ରମାଣପତ୍ର

ଖ. ମେମୋରାଣ୍ଡମ୍ ଏବଂ ଆର୍ଟିକିଲ୍ ଅଫ ଆସୋସିଏସନ୍

ଗ. କମ୍ପାନୀର ପରମାନେଣ୍ଟ ଆକାଉଣ୍ଟ ନମ୍ବର

ଘ. ନିର୍ଦ୍ଦେଶକ ମଣ୍ଡଳୀଙ୍କ ଏକ ସଙ୍କଳ୍ପ ପତ୍ର ଏବଂ ଏହାର ମ୍ୟାନେଜର, ଅଫିସର କିମ୍ବା କର୍ମଚାରୀଙ୍କ ପାଇଁ କ୍ଷମତାପତ୍ରଧାରୀ

ଙ. ହିତାଧିକାରୀ ମାଲିକ, ମ୍ୟାନେଜର, ଅଫିସର କିମ୍ବା କର୍ମଚାରୀଙ୍କ ପାଇଁ ଏଥିସମ୍ବନ୍ଧିତ ସିଡିଡି ନଥିପତ୍ର ଯେଉଁ କ୍ଷେତ୍ରରେ ଯାହା ହୋଇପାରେ ଯିଏକି କମ୍ପାନୀ ପକ୍ଷରୁ ସଞ୍ଚାଳନ କରିବା ପାଇଁ ଆଟର୍ଣ୍ଣି ହୋଇଥାନ୍ତି।

ଚ. ସିନିୟର ମ୍ୟାନେଜମେଣ୍ଟ ପଦବୀରେ ଅବସ୍ଥାପିତ ବ୍ୟକ୍ତିମାନଙ୍କର ନାମ; ଏବଂ

ଛ. ତାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏବଂ ବ୍ୟବସାୟର ପ୍ରଧାନ ସ୍ଥାନ, ଯଦି ସେଗୁଡ଼ିକ ଭିନ୍ନ ହୋଇଥାଏ

24. ଗୋଟିଏ ପାର୍ଟନରସିପ୍ ଫାର୍ମର ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ନିମ୍ନଲିଖିତ ନଥିପତ୍ର କିମ୍ବା ତତ୍ତୁଲ୍ୟ ଇନଥିପତ୍ର ଗୁଡ଼ିକର ପ୍ରମାଣିତ କପିକୁ ପ୍ରାପ୍ତ କରାଯିବା ଆବଶ୍ୟକ।

କ. ପଞ୍ଜୀକରଣ ପ୍ରମାଣପତ୍ର

ଖ. ପାର୍ଟନରସିପ୍ ଦଲିଲ୍

ଗ. ପାର୍ଟନରସିପ୍ ଫାର୍ମର ପରମାନେଣ୍ଟ ଆକାଉଣ୍ଟ ନମ୍ବର

ଘ. ଧାରା 16 ରେ ନିର୍ଦ୍ଧାରିତ ପ୍ରକାରେ ନଥିପତ୍ର ଯାହା ହିତାଧିକାରୀ ମାଲିକ, ମ୍ୟାନେଜର, ଅଫିସର କିମ୍ବା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁ କ୍ଷେତ୍ରରେ ହୋଇପାରେ। ଏହାଙ୍କ ପକ୍ଷରୁ ସଞ୍ଚାଳନ କରିବା ପାଇଁ ଏକ ଆଟର୍ଣ୍ଣିଧାରୀ ଭାବରେ

ଙ. ସମସ୍ତ ପାର୍ଟନରମାନଙ୍କ ନାମ ଏବଂ

ଚ. ତାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏବଂ ବ୍ୟବସାୟର ପ୍ରଧାନ ସ୍ଥାନର ଠିକଣା, ଯଦି ସେଗୁଡ଼ିକ ଭିନ୍ନ ହୋଇଥାଏ

25. ଗୋଟିଏ ଟ୍ରଷ୍ଟର ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ନିମ୍ନଲିଖିତ ନଥିପତ୍ର କିମ୍ବା ତତୁଲ୍ୟ ଇନଥିପତ୍ର ଗୁଡ଼ିକର ପ୍ରମାଣିତ କପିକୁ ପ୍ରାପ୍ତ କରାଯିବା ଆବଶ୍ୟକ।

କ. ପଞ୍ଜୀକରଣ ପ୍ରମାଣପତ୍ର

ଖ. ଟ୍ରଷ୍ଟ ଦଲିଲ୍

ଗ. ଟ୍ରଷ୍ଟର ଫର୍ମ ନଂ 60 କିମ୍ବା ପରମାନେଣ୍ଟ ଆକାଉଣ୍ଟ ନମ୍ବର

ଘ. ଧାରା 16 ରେ ନିର୍ଦ୍ଧାରିତ ପ୍ରକାରେ ନଥିପତ୍ର ଯାହା ହିତାଧିକାରୀ ମାଲିକ, ମ୍ୟାନେଜର, ଅଫିସର କିମ୍ବା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁ କ୍ଷେତ୍ରରେ ହୋଇପାରେ। ଏହାଙ୍କ ପକ୍ଷରୁ ସଞ୍ଚାଳନ କରିବା ପାଇଁ ଏକ ଆଟର୍ଣ୍ଣିଧାରୀ ଭାବରେ

ଙ. ହିତାଧିକାରୀ, ଟ୍ରଷ୍ଟି, ସେଟଲର୍, ପ୍ରୋଟେକ୍ଟର, ଯଦି ଥାନ୍ତି ଏବଂ ଟ୍ରଷ୍ଟର ସ୍ରଷ୍ଟାଙ୍କ ନାମ

ଚ. ଟ୍ରଷ୍ଟର ପଞ୍ଜୀକୃତ କାର୍ଯ୍ୟାଳୟର ଠିକଣା; ଏବଂ

ଛ. ବ୍ୟକ୍ତିବିଶେଷଙ୍କ ପାଇଁ ସିଡିଡି ପ୍ରକ୍ରିୟାରେ ଦର୍ଶାଯାଇଥିବା ଅନୁଯାୟୀ, ଟ୍ରଷ୍ଟିର ଭୂମିକା ତୁଲାଉଥିବା ଏବଂ ଟ୍ରଷ୍ଟ ତରଫରୁ କାରବାର କରିବା ପାଇଁ ପ୍ରାଧିକୃତ ହୋଇଥିବା ଟ୍ରଷ୍ଟିମାନଙ୍କ ତାଲିକା ଓ ଦସ୍ତାବିଜ ।

26. ଏକ ଅନ ଇନକର୍ପୋରେଟେଡ୍ ଆସୋସିଏସନ୍ କିମ୍ବା ବ୍ୟକ୍ତି ବିଶେଷଙ୍କ ସଂସ୍ଥାର ଏକ ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ନିମ୍ନଲିଖିତ ନଥିପତ୍ର କିମ୍ବା ତତୁଲ୍ୟ ଇନଥିପତ୍ର ଗୁଡ଼ିକର ପ୍ରମାଣିତ କପିକୁ ପ୍ରାପ୍ତ କରାଯିବା ଆବଶ୍ୟକ।

କ. ସେ ପ୍ରକାର ଆସୋସିଏସନ କିମ୍ବା ବ୍ୟକ୍ତିବିଶେଷ ସଂସ୍ଥାର ମ୍ୟାନେଜିଂ ବଡିର ସଙ୍କଳ୍ପ

ଖ. ଅନଇନକର୍ପୋରେଟଡ୍ ଆସୋସିଏସନ୍ କିମ୍ବା ବ୍ୟକ୍ତି ବିଶେଷ ସଂସ୍ଥାର ଫର୍ମ ନଂ 60 କିମ୍ବା ପରମାନେଣ୍ଟ ଆକାଉଣ୍ଟ ନମ୍ବର

ଗ. ଏହାଙ୍କ ପକ୍ଷରୁ ସଞ୍ଚାଳନ କରିବା ପାଇଁ ମଞ୍ଜୁରିପ୍ରାପ୍ତ ପାୱାର ଅଫ୍ ଆଟର୍ଣ୍ଣି

ଘ. ହିତାଧିକାରୀ ମାଲିକ, ମ୍ୟାନେଜର, ଅଫିସର କିମ୍ବା କର୍ମଚାରୀ ଯାହା ହୋଇଥାନ୍ତୁ ନା କାହିଁକି ତାଙ୍କ ପାଇଁ ପ୍ରଯୁଜ୍ୟ ସିଡିଡି ନଥିପତ୍ର, ଏହାଙ୍କ ପକ୍ଷରୁ ଟ୍ରାନ୍‌ଜାକ୍ଟ କରିବା ପାଇଁ ଆଟର୍ଣ୍ଣିଧାରୀ ଏବଂ

ଙ. ସେ ପ୍ରକାର ଆସୋସିଏସନ୍ କିମ୍ବା ବ୍ୟକ୍ତି ବିଶେଷ ସଂସ୍ଥାର ବୈଧାନିକ ଉପସ୍ଥିତିକୁ ସାମୁଦାୟିକ ରୂପେ ଜଣାଇବା ଉଦ୍ଦେଶ୍ୟରେ କମ୍ପାନୀ ଦ୍ବାରା ଆବଶ୍ୟକତା ଅନୁସାରେ ସେ ପ୍ରକାର ସୂଚନା।

ବ୍ୟାଖ୍ୟା : ଅନରେଜିଷ୍ଟରଡ୍ ଟ୍ରଷ୍ଟ/ ପାର୍ଟନରସିପ୍ ଫାର୍ମଙ୍କୁ ଅନଇନର୍କେପାରେଟେଡ୍ ଆସୋସିଏସନ ସର୍ତ୍ତ ଅଧୀନରେ ଅନ୍ତର୍ଭୁକ୍ତ କରାଯିବ।

ବ୍ୟାଖ୍ୟା : ବ୍ୟକ୍ତି ବିଶେଷ ସଂସ୍ଥାର ଅର୍ଥ ସମିତି ଅନ୍ତର୍ଭୁକ୍ତ

27. ପୂର୍ବବର୍ତ୍ତି ଭାଗରେ ଆସୁନଥିବା ନିର୍ଦ୍ଦିଷ୍ଟ ଭାବରେ କ୍ଷେତ୍ରାଧିକାର ବ୍ୟକ୍ତି ହୋଇଥିବା ଜଣେ ଗ୍ରାହକଙ୍କ ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ଯଥା ସମିତି, ବିଶ୍ବ ବିଦ୍ୟାଳୟ ଓ ସ୍ଥାନୀୟ ସଂସ୍ଥା ଯଥା ଗ୍ରାମ ପଞ୍ଚାୟତ, କିମ୍ବା ଏଭଳି କ୍ଷେତ୍ରାଧିକାର ବ୍ୟକ୍ତି କିମ୍ବା ବ୍ୟକ୍ତିବିଶେଷ କିମ୍ବା ଟ୍ରଷ୍ଟ ତରଫରୁ କାର୍ଯ୍ୟ କରୁଥିବା ଗ୍ରାହକ, ଉଦ୍ଦେଶ୍ୟରେ ନିମ୍ନଲିଖିତ ନଥିପତ୍ରର ପ୍ରମାଣିତ କପି କିମ୍ବା ତତୁଲ୍ୟ ଇନଥିପତ୍ରକୁ ପ୍ରାପ୍ତ ଓ ଯାଞ୍ଚ କରାଯିବା ଆବଶ୍ୟକ :

କ. ସଂସ୍ଥା ପକ୍ଷରୁ କାର୍ଯ୍ୟ କରୁଥିବା ସ୍ବୀକୃତ ବ୍ୟକ୍ତିଙ୍କର ନାମ ଦର୍ଶାଉଥିବା ନଥିପତ୍ର

ଖ. ନଥିପତ୍ର, ଯାହାକୁ ବ୍ୟକ୍ତିବିଶେଷଙ୍କ ପାଇଁ ସିଡିଡି ପଦ୍ଧତି ବିନ୍ଦୁରେ ଦର୍ଶାଯାଇଛି, ଏହାଙ୍କ ପକ୍ଷରୁ କାରବାର କରିବା ପାଇଁ କ୍ଷମତାପତ୍ର ପାଇଥିବା ବ୍ୟକ୍ତି;

ଗ. ସେ ପ୍ରକାର ସଂସ୍ଥା/ କ୍ଷେତ୍ରାଧିକାର ବ୍ୟକ୍ତିଙ୍କର ବୈଧାନିକ ସ୍ଥିତିକୁ ଜାଣିବା ପାଇଁ କମ୍ପାନୀ ଦ୍ବାରା ଆବଶ୍ୟକ କରାଯାଉଥିବା ଅନୁରୂପ

ନଥିପତ୍ର

ଏହି ସର୍ତ୍ତରେ ଯେ, ଏକ ଟ୍ରଷ୍ଟ କ୍ଷେତ୍ରରେ, କମ୍ପାନୀ ସୁନିଶ୍ଚିତ କରିବ ଯେ, ଏକ ଖାତା-ଆଧାରିତ ସମ୍ପର୍କ ଆରମ୍ଭ ରିବା କିମ୍ବା ଆରବିଆଇ କେୱାଇସି ମାଷ୍ଟର ଡାଇରେକ୍ସନର ବିଭାଗ 13ର ଧାରା (ଖ), (ଙ) ଏବଂ (ଚ)ରେ ନିର୍ଦ୍ଧାରିତ ହୋଇଥିବା ଟ୍ରାଞ୍ଜାକ୍ସନ ସଞ୍ଚାଳନ କରିବା ସମୟରେ ଟ୍ରଷ୍ଟିମାନେ ସେମାନଙ୍କର ସ୍ଥିତିକୁ ପ୍ରକାଶ କରିଛନ୍ତି ।

## ଭାଗ – IV – ହିତାଧିକାରୀ ମାଲିକଙ୍କ ପରିଚୟ

28. ଜଣେ ଆଇନଗତ ବ୍ୟକ୍ତିଙ୍କ ଲୋନ୍ ଆକାଉଣ୍ଟ ଖୋଲିବା ପାଇଁ ଯିଏକି ଜଣେ ପ୍ରକୃତ ବ୍ୟକ୍ତି ହୋଇ ନଥିବେ, ହିତାଧିକାରୀ ମାଲିକ (ସମୂହ) ଙ୍କୁ ରୁଲର ରୁଲ୍ 9ର ସବରୁଲ୍ (3) ସର୍ତ୍ତ ଅଧୀନରେ ଚିହ୍ନଟ କରାଯିବ ଓ ସମସ୍ତ ଆବଶ୍ୟକୀୟ କାଗଜାତ ସମ୍ପାଦିତ କରିବାକୁ ହେବ ଯେଉଁଥିରେ ତାଙ୍କର ପରିଚୟ ସାବ୍ୟସ୍ତ ହେଉଥିବ ଓ ଏହି ବିଷୟକୁ ନିମ୍ନ ପରିପ୍ରେକ୍ଷୀରେ ରଖାଯିବ।

କ. ଯେଉଁଠାରେ ଗ୍ରାହକ କିମ୍ବା ନିୟନ୍ତ୍ରକ ସ୍ୱାର୍ଥର ମାଲିକ (i) ଭାରତରେ ଏକ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଜଣେ ସତ୍ତା କିମ୍ବା (ii) କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିସୂଚୀ କ୍ଷେତ୍ରାଧିକାରରେ ଜଣେ ସତ୍ତା ନିବାସୀ ଏବଂ ଏଭଳି କ୍ଷେତ୍ରାଧିକାରରେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥାନ୍ତି, କିମ୍ବା (iii) ଏଭଳି ତାଲିକାଭୁକ୍ତ ସତ୍ତାଗୁଡ଼ିକର ଅଧୀନସ୍ଥ କମ୍ପାନୀ ହୋଇଥାନ୍ତି; ତେବେ ଏଭଳି ସତ୍ତାଗୁଡ଼ିକର କେଣସି ଶେୟାରହୋଲ୍ଡର କିମ୍ବା ହିତାଧିକାରୀ ମାଲିକଙ୍କ ପରିଚୟ ଚିହ୍ନଟ କରିବା ଏବଂ ଯାଞ୍ଚ କରିବା ଆବଶ୍ୟକ ନୁହେଁ।

ଖ. ଟ୍ରଷ୍ଟ/ ନୋମିନି କିମ୍ବା ଦାୟୀତ୍ୱପ୍ରାପ୍ତ ବ୍ୟକ୍ତିଙ୍କ ଆକାଉଣ୍ଟ ଯେଉଁଠାରେ ଗ୍ରାହକ ଟ୍ରଷ୍ଟି/ ନୋମିନି ଭାବରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ପକ୍ଷରୁ କାର୍ଯ୍ୟ କରୁଛନ୍ତି କିମ୍ବା ଅନ୍ୟ କୌଣସି ଇଣ୍ଟରମେଡିଆରି ସ୍ଥିରିକୃତ ହୋଇଛି। ଏପରି କ୍ଷେତ୍ରରେ ସେହି ଇଣ୍ଟରମେଡିଆରି ଓ ଯାହାଙ୍କ ପକ୍ଷରୁ ବ୍ୟକ୍ତିଜଣ କାର୍ଯ୍ୟ କରୁଛନ୍ତି ତାଙ୍କର ପରିଚୟ ପ୍ରମାଣର ସନ୍ତୋଷତା ଉପରେ ନିର୍ଭର କରିବ ଯେପରିକି ଆହୁରି ମଧ୍ୟ ସେହି ଟ୍ରଷ୍ଟର ପ୍ରକୃତ ବିବରଣୀ କିମ୍ବା ଅନ୍ୟାନ୍ୟ ବ୍ୟବସ୍ଥା ରଖାଯିବ।

## ଭାଗ – V – ଚାଲୁ ରହିଥିବା ସତର୍କତା

29. କମ୍ପାନୀ ଗ୍ରାହକଙ୍କ ପାଇଁ ଚାଲୁ ରହିଥିବା ସତର୍କତା ନୀତି ଅବଲମ୍ବନ କରି ଏହା ସୁନିଶ୍ଚିତ ହେବ ଯେ ସେମାନଙ୍କ ଟ୍ରାନଜାକ୍ସନ ଗୁଡ଼ିକ ଗ୍ରାହକଙ୍କ ସମ୍ବନ୍ଧିତ ଜ୍ଞାନ, ଗ୍ରାହକଙ୍କ ବ୍ୟବସାୟ ଓ ଆପଦ ପ୍ରୋଫାଇଲ୍ ତଥା ପାଣ୍ଠି/ଧନର ଉତ୍ସ ଅନୁସାରେ ରହିଛି।

30. ସାଧାରଣ ବିଷୟ ସହିତ ବିନା ପକ୍ଷପାତରେ ଅନୁଧ୍ୟାନ କରାଯିବାକୁ ଥିବା ନିମ୍ନଲିଖିତ ଟ୍ରାନ୍ଜାକ୍ସନ ଗୁଡ଼ିକର ଅନୁଧ୍ୟାନକୁ ବନ୍ଦ କରିବା ପାଇଁ କଲ୍ କରାଯାଇପାରେ।

କ. ବୃହତ୍ ଓ ଜଟିଳ ଟ୍ରାନ୍ଜାକ୍ସନ ଓ ଯେଉଁ ଗୁଡ଼ିକ ଅସ୍ୱାଭାବିକ ପ୍ରଣାଳୀରେ ହୋଇଥିବ ଗ୍ରାହକଙ୍କ ଆଶା କରାଯାଉ ନଥିବା ଓ ସ୍ୱାଭାବିକ ଅବସ୍ଥାରେ ନଥିବ ଯେଉଁଥିରେ ଅର୍ଥନୈତିକ ସମାନୁପାତିକତା ନଥିବ କିମ୍ବା ନ୍ୟାୟିକ ଉଦ୍ଦେଶ୍ୟରେ ନଥିବ

ଖ. ନିର୍ଦ୍ଧାରିତ ସୀମା ଠାରୁ ଯେଉଁ ଟ୍ରାନ୍ଜାକ୍ସନ ଅତିକ୍ରମ କରିଥିବ।

ଗ. ଗ୍ରାହକଙ୍କ ପ୍ରୋଫାଇଲ୍ ସହିତ ମେଳ ଖାଉ ନଥିବା ଉଚ୍ଚ ପରିମାଣର ଟର୍ଣ୍ଣ ଓଭର

ଘ. ଥାର୍ଡ ପାର୍ଟି ଚେକ / ଡ୍ରାଫ୍ଟ ଇତ୍ୟାଦି ବ୍ୟବସ୍ଥା । ଚାଲୁ ରହିଥିବା ସତର୍କତା ନୀତି ବା ଉଚିତ ମୂଲ୍ୟାୟନ ପାଇଁ, ପ୍ରଭାବୀ ତତ୍ତ୍ୱାବଧାନରେ ସହାୟତା ପାଇବା ଲାଗି କମ୍ପାନୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ୍ ଲର୍ନିଂ (ଏଆଇ ଏବଂ ଏମଏଲ୍) ଟେକ୍ନୋଲୋଜି ସମେତ ଉପଯୁକ୍ତ ଅଭିନବ ପଦ୍ଧତିକୁଗ୍ରହଣ କରିବା କଥା ବିଚାରକୁ ନେଇପାରିବ।

31. ଗ୍ରାହକଙ୍କର ଏହି ଆପଦ ବର୍ଗ ସହିତ ରହିଥିବା ବିଷୟକୁ ଯଥା ସମ୍ଭବ ଅନୁଧ୍ୟାନ କରାଯିବ।

ବ୍ୟାଖ୍ୟା : ଉଚ୍ଚ ଆପଦ ଥିବା ଆକାଉଣ୍ଟ ଗୁଡ଼ିକ ପ୍ରତି ଅଧିକ ଅନୁଧ୍ୟାନର ଆବଶ୍ୟକତା ରହିପାରେ।

କ. ଆପଦ ବର୍ଗିକୃତ ଆକାଉଣ୍ଟ ଗୁଡ଼ିକର ସାମୟିକ ସମୀକ୍ଷା ପ୍ରଣାଳୀ ସହିତ ସେ ପ୍ରକାର ଅବଧିକୁ ଅତି କମରେ 6 ମାସକୁ ଥରେ ରଖାଯିବ ଓ ସେହି ଆକାଉଣ୍ଟ ଗୁଡ଼ିକ ପାଇଁ ଅତ୍ୟନ୍ତ ସତର୍କତା ପଦକ୍ଷେପ ଗ୍ରହଣ କରାଯିବ।

32. **କେୱାଇସିର ଅପଡେସନ/ସାମୟିକ ଅପଡେସନ**

ବିଶେଷକରି ଉଚ୍ଚ ଆପଦ ରହିଥିବା କ୍ଷେତ୍ରରେ, ସିଡିଡି ଅଧୀନରେ ସଂଗୃହୀତ ତଥ୍ୟ ଯେପରି ଅଧୁନାତନ ଏବଂ ପ୍ରାସଙ୍ଗିକ ରହେ ତାହା ସୁନିଶ୍ଚିତ କରିବା ପାଇଁ, କେୱାଇସିର ସାମୟିକ ଅପଡେସନ ନିମନ୍ତେ କମ୍ପାନୀ ଏକ ଆପଦ-ଆଧାରିତ ମାର୍ଗ ଆପଣାଇବ। ତଥାପି, ଉଚ୍ଚ ଆପଦ ଥିବା ଗ୍ରାହକମାନଙ୍କ ପାଇଁ ପ୍ରତି ଦୁଇ ବର୍ଷକୁ ଅତି କମରେ ଗୋଟିଏ ଥର ସାମୟିକ ଅପଡେସନ, ମଧ୍ୟମ ଆପଦ ଗ୍ରାହକଙ୍କ ପାଇଁ ପ୍ରତି ଆଠ ବର୍ଷକୁ ଗୋଟିଏ ଥର ଓ ନିମ୍ନ ଆପଦ ଗ୍ରାହକଙ୍କ ପାଇଁ ଦଶ ବର୍ଷକୁ ଗୋଟିଏ ଥର ସାମୟିକ ଅପଡେସନ କାର୍ଯ୍ୟ କରାଯିବ ଓ ଏହା ନିମ୍ନ ପ୍ରଣାଳୀ ଅଧୀନରେ ସମ୍ପାଦିତ ହେବ:

a) ବ୍ୟକ୍ତିଗତ ଗ୍ରାହକମାନେ:

KYC ସୂଚନାରେ କୌଣସି ପରିବର୍ତ୍ତନ ନାହିଁ: KYC ସୂଚନାରେ କୌଣସି ପରିବର୍ତ୍ତନ ନ ଥିବାସ୍ଥଳେ, ଏ ସମ୍ପର୍କରେ ଗ୍ରାହକଙ୍କ ପକ୍ଷରୁ ଏକ ଆତ୍ମଘୋଷଣା, କମ୍ପାନୀପାଖରେ ଥିବା ଗ୍ରାହକଙ୍କର ପଞ୍ଜୀକୃତ ଇ-ମେଲ୍ ଆଇଡି, କମ୍ପାନୀ ପାଖରେ ଥିବା ଗ୍ରାହକଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବର, ଡିଜିଟାଲ୍ ମାଧ୍ୟମ(ଯେପରିକି ଅନ୍‌ଲାଇନ୍ ବ୍ୟାଙ୍କିଂ/ଇଣ୍ଟରନେଟ୍ ବ୍ୟାଙ୍କିଂ, କମ୍ପାନୀର ମୋବାଇଲ୍ ଆପ୍ଲିକେସନ୍), ଚିଠି ଇତ୍ୟାଦି ମାଧ୍ୟମରେ ନିଆଯିବ ।

ଠିକଣାରେ ପରିବର୍ତ୍ତନ : କେବଳ ଗ୍ରାହକଙ୍କ ଠିକଣା ବିବରଣୀ ପରିବର୍ତ୍ତନ ହେବା ସ୍ଥଳେ, ଏ ସମ୍ପର୍କରେ ଗ୍ରାହକଙ୍କ ପକ୍ଷରୁ ନୂଆ ଠିକଣା ସମ୍ପର୍କରେ ଏକ ଆତ୍ମଘୋଷଣା, କମ୍ପାନୀପାଖରେ ଥିବା ଗ୍ରାହକଙ୍କର ପଞ୍ଜୀକୃତ ଇ-ମେଲ୍ ଆଇଡି, କମ୍ପାନୀ ପାଖରେ ଥିବା ଗ୍ରାହକଙ୍କର ପଞ୍ଜୀକୃତ ମୋବାଇଲ୍ ନମ୍ବର, ଡିଜିଟାଲ୍ ମାଧ୍ୟମ(ଯେପରିକି ଅନ୍‌ଲାଇନ୍ ବ୍ୟାଙ୍କିଂ/ଇଣ୍ଟରନେଟ୍ ବ୍ୟାଙ୍କିଂ, କମ୍ପାନୀର ମୋବାଇଲ୍ ଆପ୍ଲିକେସନ୍), ଚିଠି ଇତ୍ୟାଦି ମାଧ୍ୟମରେ ନିଆଯିବ ଏବଂ ଘୋଷିତ ଠିକଣା ଦୁଇ ମାସ ମଧ୍ୟରେ ସକାରାତ୍ମକ ନିଶ୍ଚିତକରଣ ଦ୍ୱାରା ଠିକଣା ଯାଂଚ ଚିଠି, ଯୋଗାଯୋଗ ବିନ୍ଦୁ ଯାଂଚ, ଡେଲିଭରେବୁଲ୍‌ସ ଇତ୍ୟାଦି ମାଧ୍ୟମରେ ଯାଂଚ କରାଯିବ ।

ଆହୁରି ମଧ୍ୟ, କମ୍ପାନୀ ସମୟ ସମୟରେ ଗ୍ରାହକଙ୍କ ଦ୍ୱାରା ଘୋଷିତ ଠିକଣାର ପ୍ରମାଣ ଉଦ୍ଦେଶ୍ୟରେ, ଡାଇରେକ୍ସନର ଧାରା 3 (a) (xiv)ରେ ପରିଭାଷିତ OVD ବା ଡିମ୍ଡ OVD ବା ଡାଇରେକ୍ସନର ଧାରା 3 (a) (x)ରେ ପରିଭାଷିତ ତା' ସହ ସମାନ ଇ-ଦସ୍ତାବିଜ ପ୍ରାପ୍ତ କରିପାରେ ।

ଗ୍ରାହକଙ୍କ ଖାତାଗୁଡ଼ିକ, ଯେଉଁମାନେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସମୟରେ ନାବାଳକ ଥିଲେ ସେମାନେ ସାବାଳକ ହେବାପରେ: ସେହି ଗ୍ରାହକଙ୍କ କ୍ଷେତ୍ରରେ ଯାହାଙ୍କ ପାଇଁ ଆକାଉଣ୍ଟ ସେମାନେ ନାବାଳକ ଥିବାବେଳେ ଖୋଲାଯାଇଥିଲା, ସେମାନେ ସାବାଳକ ହେବା ପରେ ନୂଆ ଫଟୋଗ୍ରାଫ ନିଆଯିବ ଏବଂ ସେହି ସମୟରେ ଏହା ସୁନିଶ୍ଚିତ କରାଯିବ ଯେ ସିଡିଡି ଦସ୍ତାବିଜ କମ୍ପାନୀର ବର୍ତ୍ତମାନର ସିଡିଡି ମାନକ ଅନୁସାରେ ଉପଲବ୍ଧ ଅଛି । ଯେତେବେଳେ ଆବଶ୍ୟକ ପଡ଼ିବ, କମ୍ପାନୀ ସେହି ଗ୍ରାହକମାନଙ୍କର ନୂଆ KYC କରାଇପାରେ ଯାହାକି ସେହି ଗ୍ରାହକଙ୍କ ପାଇଁ ଯେଉଁମାନେ ନାବାଳକ ଥିବାବେଳେ ସେମାନଙ୍କ ପାଇଁ ଆକାଉଣ୍ଟ ଖୋଲାଯାଇଥିଲା, ସେମାନେ ସାବାଳକ ହେବା ସ୍ଥଳେ ।

ଅଣ ସାମ୍ନାସାମ୍ନି ପଦ୍ଧତିରେ ଆଧାର ଓଟିପି ଆଧାରିତ ଇ-କେୱାଇସିକୁ ସାମୟିକ ଅପଡେସନ ପାଇଁ ବ୍ୟବହାର କରାଯାଇପାରେ। ସ୍ପଷ୍ଟୀକରଣ ପାଇଁ, ଅଣ ସାମ୍ନାସାମ୍ନି ପଦ୍ଧତିରେ ଆଧାର ଓଟିପି ଆଧାରିତ ଇ-କେୱାଇସି ମାଧ୍ୟମରେ କେୱାଇସିର ଅପଡେସନ/ସାମୟିକ ଅପଡେସନ କ୍ଷେତ୍ରରେ ଉପରୋକ୍ତ ବିନ୍ଦୁ ନଂ.16ରେ ଦର୍ଶାଯାଇଥିବା ସର୍ତ୍ତାବଳୀ ପ୍ରଯୁଜ୍ୟ ହେବନାହିଁ।

ଯଦି ସାମ୍ପ୍ରତିକ ଠିକଣା ଆଧାରରେ ରହିଥିବା ଠିକଣାରୁ ଭିନ୍ନ ହୋଇଥାଏ, ତେବେ ସାମ୍ପ୍ରତିକ ଠିକଣାର ଘୋଷଣାନାମା ଏହି କ୍ଷେତ୍ରରେ ସକାରାତ୍ମକ ନିଶ୍ଚିତକରଣ ଆବଶ୍ୟକ କରିବ ନାହିଁ। କୌଣସି ଠକାମିକୁ ପ୍ରତିରୋଧ କରିବା ପାଇଁ, କମ୍ପାନୀ ଏହା ସୁନିଶ୍ଚିତ କରିବ ଯେ ଆଧାର ପ୍ରମାଣୀକରଣ ପାଇଁ ମୋବାଇଲ ନମ୍ବରଟି ଗ୍ରାହକଙ୍କ ପ୍ରୋଫାଇଲରେ ସେମାନଙ୍କ ନିକଟରେ ରହିଥିବା ମୋବାଇଲ ନମ୍ବର ସହିତ ସମାନ ଅଟେ।

b) ବ୍ୟକ୍ତିବିଶେଷମାନଙ୍କ ବ୍ୟତୀତ ଗ୍ରାହକମାନେ:

KYC ସୂଚନାରେ କୌଣସି ପରିବର୍ତ୍ତନ ନାହିଁ : ଲିଗାଲ୍ ଏନ୍‌ଟିଟି (LE) ଗ୍ରାହକଙ୍କର KYC ସୂଚନାରେ କୌଣସି ପରିବର୍ତ୍ତନ ନ ଥିବା ସ୍ଥଳେ, ଏ ସମ୍ପର୍କରେ ଏକ ଆତ୍ମଘୋଷଣା LE ଗ୍ରାହକଙ୍କଠାରୁ କମ୍ପାନୀପାଖରେ ଥିବା ଗ୍ରାହକଙ୍କର ପଞ୍ଜୀକୃତ ଇ-ମେଲ୍ ଆଇଡି, ଡିଜିଟାଲ୍ ମାଧ୍ୟମ(ଯେପରିକି ଅନ୍‌ଲାଇନ୍ ବ୍ୟାଙ୍କିଂ/ଇଣ୍ଟରନେଟ୍ ବ୍ୟାଙ୍କିଂ, କମ୍ପାନୀର ମୋବାଇଲ୍ ଆପ୍ଲିକେସନ୍), ଏ ସମ୍ପର୍କରେ LE ପକ୍ଷରୁ ଅଧିସ୍ୱୀକୃତ ଜଣେ ଅଧିକାରୀଙ୍କଠାରୁ ଚିଠି, ବୋର୍ଡ ରିଜୋଲ୍ୟୁସନ୍ ମାଧ୍ୟମରେ ନିଆଯିବ । ଏହାଛଡ଼ା, କମ୍ପାନୀ ଏହି ପ୍ରକ୍ରିୟା

ସମୟରେ ଏକଥା ସୁନିଶ୍ଚିତ କରିବ ଯେ ତା’ ପାଖରେ ଉପଲବ୍ଧ ବେନିଫିସିଆଲ୍ ଓନରସିପ୍(BO)ର ସୂଚନା ସଠିକ୍ ଅଟେ ଏବଂ ଆବଶ୍ୟକସ୍ଥଳେ, ଏହାକୁ ଯଥାସମ୍ଭବ ଅପ୍-ଟୁ-ଡେଟ୍ ରଖାଯିବ ।

KYC ସୂଚନାରେ ପରିବର୍ତ୍ତନ : KYC ସୂଚନାରେ ପରିବର୍ତ୍ତନ ହେଲେ, କମ୍ପାନୀ ଏକ ନୂଆ LE ଗ୍ରାହକଙ୍କ ଅନ୍‌ବୋର୍ଡିଂ ପାଇଁ ଲାଗୁ ହେଉଥିବା KYC ପ୍ରକ୍ରିୟା ଭଳି ସମାନ ପ୍ରକ୍ରିୟା ଅନୁସରଣ କରିବ ।

c) ଅତିରିକ୍ତ ଉପାୟଗୁଡ଼ିକ: ଉପରୋକ୍ତଗୁଡ଼ିକ ସହ, କମ୍ପାନୀ ସୁନିଶ୍ଚିତ କରିବ ଯେ,

ବର୍ତ୍ତମାନର CDD ମାନକ ଅନୁସାରେ ଗ୍ରାହକଙ୍କର KYC ଦସ୍ତାବିଜ ତା’ ନିକଟରେ ରହିବ । ଯଦି ଗ୍ରାହକଙ୍କ ସୂଚନାରେ କୌଣସି ପରିବର୍ତ୍ତନ ନ ହୁଏ ତାହେଲେ ମଧ୍ୟ ଏହା ଲାଗୁ ହେବ, କିନ୍ତୁ କମ୍ପାନୀ ପାଖରେ ଉପଲବ୍ଧ ଥିବା ଦସ୍ତାବିଜ ବର୍ତ୍ତମାନର CDD ମାନକ ଅନୁସାରେ ହେବ ନାହିଁ । ଏହା ଛଡ଼ା, ଯଦି କମ୍ପାନୀ ପାଖରେ ଥିବା CDD ଦସ୍ତାବିଜର ବୈଧତା ସମୟ ସମୟରେ KYCର ଅପ୍‌ଡେଟ୍ ସମୟରେ ସମାପ୍ତ ହୋଇଯାଇଥିବ, ସେପରି ସ୍ଥଳେ କମ୍ପାନୀ ନୂଆ ଗ୍ରାହକଙ୍କ ଅନ୍‌ବୋର୍ଡିଂ ପାଇଁ ଲାଗୁ KYC ପ୍ରକ୍ରିୟା ଭଳି ପ୍ରକ୍ରିୟା ଅନୁସରଣ କରିବ ।

ଗ୍ରାହକଙ୍କର PAN ବିବରଣୀ, ଯଦି କମ୍ପାନୀ ନିକଟରେ ଥାଏ, ତେବେ ସମୟ ସମୟରେ KYC ଅପ୍‌ଡେଟ୍ କରାଯିବା ସମୟରେ ଜାରି କରାଯାଇଥିବା କର୍ତ୍ତୃପକ୍ଷଙ୍କ ଡାଟାବେସ୍‌ରୁ ଯାଂଚ କରାଯାଏ ।

ସମୟ ସମୟରେ ଅପ୍‌ଡେଟ୍ କରିବା ପାଇଁ ଗ୍ରାହକଙ୍କଠାରୁ ଆତ୍ମଘୋଷଣା ସହ ସମ୍ପର୍କିତ ଦସ୍ତାବିଜ ସମେତ ସମ୍ପୃକ୍ତ ଦସ୍ତାବିଜ(ଗୁଡ଼ିକ)ର ଗ୍ରହଣ ତାରିଖ ଉଲ୍ଲେଖ କରି ଗ୍ରାହକଙ୍କୁ ପ୍ରାପ୍ତି ସ୍ୱୀକାର ପ୍ରଦାନ କରାଯାଏ । ଏହାଛଡ଼ା, ଏହା ସୁନିଶ୍ଚିତ କରାଯିବ ଯେ ସମୟ ସମୟରେ KYC ଅପ୍‌ଡେଟ୍ ବେଳେ ଗ୍ରାହକଙ୍କଠାରୁ ପ୍ରାପ୍ତ ସୂଚନା/ଦସ୍ତାବିଜଗୁଡ଼ିକୁ କମ୍ପାନୀର ରେକର୍ଡସ୍/ଡାଟାବେସ୍‌ରେ ତୁରନ୍ତ ଅପ୍‌ଡେଟ୍ କରାଯିବ ଏବଂ KYC ଅପ୍‌ଡେଟ୍ ହୋଇଥିବା ତାରିଖ ଉଲ୍ଲେଖ କରି ଗ୍ରାହକଙ୍କୁ ଏକ ସୂଚନା ଦିଆଯାଏ ।

ଗ୍ରାହକଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଯେ କୌଣସି ଶାଖାରେ ସମୟ ସମୟରେ KYC ଅପ୍‌ଡେଟ୍ କରିବାର ସୁବିଧା ଉପଲବ୍ଧ କରାଇବା ନେଇ ବିଚାର କରିପାରେ ।

କମ୍ପାନୀ ଆଧାର ସ୍ୱୀକୃତିକରଣ / ଅଫଲାଇନ୍ ଯାଞ୍ଚ କାର୍ଯ୍ୟ ପାଇଁ ସହମତି ସମ୍ପାଦନ କିମ୍ବା ଓଭିଡି ସମ୍ପାଦନ ଉଦ୍ଦେଶ୍ୟରେ ଗ୍ରାହକଙ୍କ ନିକଟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି କାର୍ଯ୍ୟ ବିଧି ଗ୍ରହଣ କରିବ। ଏଥି ସହିତ ଯଦି ଆକାଉଣ୍ଟଧାରୀ / ଧାରକଙ୍କ ବ୍ୟକ୍ତିଗତ ଉପସ୍ଥିତି ହେବା ପାଇଁ ପର୍ଯ୍ୟାପ୍ତ କାରଣ ରହିଥାଏ ତେବେ ତାଙ୍କର ବୋନାଫାଇଡଙ୍କୁ ସ୍ୱୀକୃତ କରିବ। ସ୍ୱାଭାବିକ ଭାବରେ ଗ୍ରାହକଙ୍କ ଦ୍ୱାରା ମେଲ୍ /ପୋଷ୍ଟ ଜରିଆରେ ପଠା ଯାଉଥିବା ଓଭିଡି / ମତାମତ ଗ୍ରହଣଯୋଗ୍ୟ ହେବ।

ସମୟ ସମୟରେ KYC ଅପ୍‌ଡେଟ୍ କରିବା ପାଇଁ କମ୍ପାନୀ ଏକ ବିପଦ ଆଧାରିତ ଆଭିମୁଖ୍ୟ ଗ୍ରହଣ କରିବ । କୌଣସି ଅତିରିକ୍ତ ଏବଂ ଅସାଧାରଣ ପଦକ୍ଷେପ, ଯାହା ଅନ୍ୟଥା କମ୍ପାନୀ ପକ୍ଷରୁ ଅନୁସରଣ କରାଯାଇଥିବା ଉପରୋକ୍ତ ନିର୍ଦ୍ଦେଶ ଅନୁସାରେ ଅନିର୍ବାର୍ଯ୍ୟ ନାହିଁ, ଯେମିତିକି ଏବେର ଫଟୋ ପ୍ରାପ୍ତ କରିବାର ଆବଶ୍ୟକତା, ଗ୍ରାହକଙ୍କ ଭୌତିକ ଉପସ୍ଥିତିର ଆବଶ୍ୟକତା, କେବଳ କମ୍ପାନୀର ଶାଖାରେ KYCର ସମୟ ସମୟରେ ଅପ୍‌ଡେଟ୍ କରିବାର ଆବଶ୍ୟକତା ଯେଉଁଠାରେ ଖାତା ଅଛି, ସର୍ବନିମ୍ନ ନିର୍ଦ୍ଦିଷ୍ଟ ଥରଠାରୁ ଅଧିକ ଥର KYC ଅପ୍‌ଡେଟ୍ କରିବା ଇତ୍ୟାଦି କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବା ବୋର୍ଡର କୌଣସି କମିଟି ଯାହାକୁ କ୍ଷମତା ଦିଆଯାଇଛି ତାହା ଦ୍ୱାରା ଅନୁମୋଦିତ କମ୍ପାନୀର ଆଭ୍ୟନ୍ତରୀଣ KYC ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ ।

d) କମ୍ପାନୀ ଗ୍ରାହକମାନଙ୍କୁ ପରାମର୍ଶ ଦେବ ଯେ, ପିଏମଏଲ ନିୟମାବଳୀର ଅନୁପାଳନ କରିବା ପାଇଁ, ବ୍ୟବସାୟ ସମ୍ପର୍କ / ଖାତା-ଆଧାରିତ ସମ୍ପର୍କ ସ୍ଥାପନ କରିବା ସମୟରେ ଗ୍ରାହକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦସ୍ତାବିଜରେ କୌଣସି ଅପଡେଟ୍ ହେଲେ, ଗ୍ରାହକମାନେ ଏଭଳି ଅପଡେଟ୍ ଦସ୍ତାବିଜଗୁଡ଼ିକୁ କମ୍ପାନୀ ନିକଟରେ ଦାଖଲ କରିବେ। କମ୍ପାନୀର ରେକର୍ଡରେ ଏପରି ଦସ୍ତାବିଜଗୁଡ଼ିକୁ ଅପଡେଟ୍ କରିବା ପାଇଁ ଦସ୍ତାବିଜଗୁଡ଼ିକରେ ହୋଇଥିବା ଅପଡେଟର 30 ଦିନ ମଧ୍ୟରେ ଗ୍ରାହକମାନେ ଏପରି ଦସ୍ତାବିଜଗୁଡ଼ିକୁ ଦାଖଲ କରିବେ।

33. ବିଦ୍ୟମାନ ଗ୍ରାହକଙ୍କ କ୍ଷେତ୍ରରେ କମ୍ପାନୀ ସେମାନଙ୍କ ଠାରୁ ପରମାନେଣ୍ଟ ଆକାଉଣ୍ଟ ନମ୍ବର କିମ୍ବା ତତୁଲ୍ୟ ଇ-ନଥିପତ୍ର କିମ୍ବା ଫର୍ମ

ନମ୍ବର 60 କୁ ରଖିବ ଯାହା ସେ ପ୍ରକାର ଯେଉଁ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ବାରା ଦାଖଲ ପାଇଁ ସୂଚୀତ କରାଯାଇଥିବ। ଅନ୍ୟଥା କମ୍ପାନୀ ଅସ୍ଥାୟୀ ଭାବରେ ସେ ପ୍ରକାର ସ୍ଥାୟୀ ଆକାଉଣ୍ଟ ନମ୍ବର କିମ୍ବା ତତୁଲ୍ୟ ଇ-ନଥିପତ୍ର ବା ଫର୍ମ ନମ୍ବର 60 କୁ ଗ୍ରାହକଙ୍କ ଦ୍ବାରା ଦାଖଲ କରିବା ପର୍ଯ୍ୟନ୍ତ ତାଙ୍କର ଆକାଉଣ୍ଟକୁ ବନ୍ଦ ରଖିବ।

ଏହା ବ୍ୟବସ୍ଥିତ ହେବ ଯେ ଏକ ଲୋନ ଆକାଉଣ୍ଟ ପାଇଁ ଅସ୍ଥାୟୀ ରୂପେ କାର୍ଯ୍ୟ ବନ୍ଦ କରିବା ପୂର୍ବରୁ (ଯଥା କୌଣସି ପରବର୍ତ୍ତୀ ଡେବିଟକୁ ସସ୍‌ପେଣ୍ଡ କରି) କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ଉପଯୁକ୍ତ ନୋଟିସ୍ ପ୍ରଦାନ କରାଯିବ ଓ ଶୁଣାଣି ପାଇଁ ଉପଯୁକ୍ତ ସୁଯୋଗ ଦିଆଯିବ। ପୁନଶ୍ଚ କମ୍ପାନୀ ଏହାର ଆଭ୍ୟନ୍ତରୀଣ ନୀତି ବ୍ୟବସ୍ଥାକୁ ରଖିବ। ଯେଉଁ ସବୁ ଗ୍ରାହକମାନେ ପରମାନେଣ୍ଟ ଆକାଉଣ୍ଟ ନମ୍ବର କିମ୍ବା ତତୁଲ୍ୟ ଇ-ନଥିପତ୍ର ବା ଫର୍ମ ନମ୍ବର 60 କୁ ଆଘାତ, ଅସୁସ୍ଥତା ବା ବାର୍ଦ୍ଧକ୍ୟଜନିତ ଅକ୍ଷମତା କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ ଦାଖଲ କରିପାରିନଥିବେ ସେମାନଙ୍କ ପାଇଁ ଉପଯୁକ୍ତ କୋହଳ ନୀତି ଗ୍ରହଣ କରିବ। ସେ ପ୍ରକାର ଗ୍ରାହକଙ୍କ ସହିତ ସମ୍ପର୍କ ରକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଅନୁଧ୍ୟାନ ପ୍ରଦାନ କରାଯିବ।

ପୁନଶ୍ଚ ଏହା ବ୍ୟବସ୍ଥିତ ହେବ ଯେ ଯଦି ଜଣେ ଗ୍ରାହକ କମ୍ପାନୀ ସହିତ ବିଦ୍ୟମାନ ଋଣ ଆଧାରିତ ସମ୍ପର୍କ ରଖିଥାନ୍ତି ଓ କମ୍ପାନୀକୁ ଏକ ଲିଖିତ ଆକାରରେ ଅନୁରୋଧ କରନ୍ତି ଯେ ସେ ପରମାନେଣ୍ଟ ଆକାଉଣ୍ଟ ନମ୍ବର କିମ୍ବା ତତୁଲ୍ୟ ଇନଥିପତ୍ର କିମ୍ବା ଫର୍ମ ନମ୍ବର 60 ଦାଖଲ କରିବାକୁ ଚାହୁଁ ନାହାନ୍ତି ତେବେ ସେ କ୍ଷେତ୍ରରେ କମ୍ପାନୀ ଲୋନ୍ ଆକାଉଣ୍ଟକୁ ବନ୍ଦ କରିଦେବ (ଯଥା ପରବର୍ତ୍ତୀ ଡେବିଟକୁ ସସପେଣ୍ଡ କରିବ) ଏବଂ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟତା ପ୍ରକାରେ ପରିଚୟ ନଥିପତ୍ର ପ୍ରାପ୍ତ ଦ୍ବାରା ଗ୍ରାହକଙ୍କ ପରିଚୟ ସାବ୍ୟସ୍ତ ହେବା ପରେ ଯାଇ ଉପଯୁକ୍ତ ସମାଧାନ କରାଯାଇ ପୁଣି ଥରେ କାର୍ଯ୍ୟକାରୀ କରାଯିବ।

ବ୍ୟାଖ୍ୟା – ଏହି ବିଭାଗର ଉଦ୍ଦେଶ୍ୟ ପାଇଁ ଏକ ଆକାଉଣ୍ଟ ସମ୍ବନ୍ଧିତ ପରିଚାଳନାକୁ ଅସ୍ଥାୟୀ ରୂପେ ବନ୍ଦ ରଖିବା ଅର୍ଥ ହେଉଛି କମ୍ପାନୀ ଦ୍ବାରା ସେହି ସମୟ ପର୍ଯ୍ୟନ୍ତ ଆକାଉଣ୍ଟ ସମ୍ବନ୍ଧିତ ସମସ୍ତ ଟ୍ରାନ୍‌ଜାକ୍‌ସନ କିମ୍ବା କାର୍ଯ୍ୟକୁ ଅଟକ ରଖିବା ଯେପର୍ଯ୍ୟନ୍ତ ଗ୍ରାହକ ଏହି ସେକ୍‌ସନରେ ଥିବା ବ୍ୟବସ୍ଥାବଳୀ ଗୁଡ଼ିକ ପୂରଣ କରିନଥିବେ। ଆସେଟ୍ ଆକାଉଣ୍ଟସ କ୍ଷେତ୍ରରେ ଯେପରିକି ଲୋନ୍ ଆକାଉଣ୍ଟ। ଏହି ଆକାଉଣ୍ଟରେ ପରିଚାଳନାକୁ ବନ୍ଦ ରଖିବା ଉଦ୍ଦେଶ୍ୟ ପାଇଁ କେବଳ କ୍ରେଡିଟ୍ ଅନୁମତି ଦିଆଯିବ।

## ଭାଗ – VI – ବର୍ଦ୍ଧିତ ଓ ସରଳ ଗ୍ରାହକ ସତର୍କତା ନୀତି

### କ. ବର୍ଦ୍ଧିତ ସତର୍କତା ନୀତି

34. **ନନ୍ ଫେସ ଟୁ ଫେସ୍ ଅନବୋର୍ଡିଂ ଗ୍ରାହକଙ୍କର ଲୋନ୍ ଆକାଉଣ୍ଟ (ଆଧାର ଓଟିପି ଆଧାରିତ ଅନ୍ ବୋର୍ଡିଂ ବ୍ୟତୀତ) :** କମ୍ପାନୀ ଏହା ସୁନିଶ୍ଚିତ କରିବ ଯେ ପ୍ରଥମ ପେମେଣ୍ଟ/ ବଣ୍ଟନ ଅନ୍ୟ କମ୍ପାନୀ ସହିତ ଗ୍ରାହକଙ୍କ କେୱାଇସି ଅନୁପାଳିତ ଆକାଉଣ୍ଟ ଜରିଆରେ ପ୍ରଭାବିତ ହୋଇଛି। ନନ୍ ଫେସ ଟୁ ଫେସ୍ ଗ୍ରାହକଙ୍କ ପାଇଁ ଏହି ବର୍ଦ୍ଧିତ ସତର୍କତା ବ୍ୟବସ୍ଥା ଲାଗୁ ହେବ।

ନନ୍ ଫେସ ଟୁ ଫେସ୍ ଅନବୋର୍ଡିଂ ସୁବିଧା ଦ୍ୱାରା କମ୍ପାନୀ ଗ୍ରାହକଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ ନ କରି କିମ୍ବା ଭି-ସିଆଇପି ମାଧ୍ୟମରେ ସମ୍ପର୍କ ସ୍ଥାପନ କରିପାରିଥାଏ । ଏହି ବିଭାଗ ପାଇଁ ନନ୍ ଫେସ ଟୁ ଫେସ୍ ପଦ୍ଧତି ମଧ୍ୟରେ ସିକେୱାଇସିଆର, ଡିଜିଲକର୍, ସମତୁଲ୍ୟ ଇ-ଦସ୍ତାବିଜ ଇତ୍ୟାଦି ଭଳି ଡିଜିଟାଲ୍ ଚ୍ୟାନଲ୍ ଏବଂ ଏନଆରଆଇ ଏବଂ ପିଆଇଓଙ୍କ ପାଇଁ ଅନୁମତିଯୋଗ୍ୟ ହୋଇଥିବା ଅନୁଯାୟୀ ଅତିରିକ୍ତ ପ୍ରମାଣୀକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ ଓଭିଡିର ପ୍ରତିଲିପି ହାସଲ କରିବା ପାଇଁ ଅଣ-ଡିଜିଟାଲ୍ ଚ୍ୟାନେଲ୍ ବ୍ୟବହାର କରିବା ଅନ୍ତର୍ଭୁକ୍ତ ଅଟେ । ନନ୍ ଫେସ ଟୁ ଫେସ୍ ଅନବୋର୍ଡିଂ (ବିନ୍ଦୁ ନଂ. 16 ପ୍ରସଙ୍ଗରେ ଗ୍ରାହକଙ୍କ ଅନବୋର୍ଡିଂକୁ ଛାଡ଼ି) ନିମନ୍ତେ କମ୍ପାନୀ ଦ୍ୱାରା ନିମ୍ନଲିଖିତ ଇଡିଡି ପଦକ୍ଷେପ ଗ୍ରହଣ କରାଯିବ:

କ) ଯଦି କମ୍ପାନୀ ଭି-ସିଆଇପିର ପ୍ରକ୍ରିୟା ପ୍ରଚଳନ କରିଥାଏ, ତେବେ ସୁଦୂର ଅନବୋର୍ଡିଂ ପାଇଁ ତାହାକୁ ପ୍ରଥମ ବିକଳ୍ପ ଭାବେ ଗ୍ରାହକଙ୍କୁ ଉପଲବ୍ଧ କରାଯିବ। ଏହା ଦୋହରାଇଦିଆଯାଉଛି ଯେ, ଆରବିଆଇ ମାଷ୍ଟର ଡାଇରେକ୍ସନ ଉଦ୍ଦେଶ୍ୟରେ ଭି-ସିଆଇପି ନିମନ୍ତେ ନିର୍ଦ୍ଧାରିତ ମାନକ ଏବଂ ପଦ୍ଧତିଗୁଡ଼ିକର ଅନୁପାଳନ ଫେସ-ଟୁ-ଫ୍ରେସ୍ ସିଆଇପିର ମାନକ ଏବଂ ପଦ୍ଧତି ସହିତ ସମାନ ହେବ।

ଖ) ଠକାମିର ପ୍ରତିରୋଧ ପାଇଁ, ସିଡିଡି ପରେ ଏଭଳି ଆକାଉଣ୍ଟଗୁଡ଼ିକରେ ଟ୍ରାଞ୍ଜାକ୍ସନ ଓଟିପି, ଟ୍ରାଞ୍ଜାକ୍ସନ ଅପଡେଟ୍ ଇତ୍ୟାଦି ପାଇଁ ବିକଳ୍ପ ମୋବାଇଲ ନମ୍ବର ଲିଙ୍କ୍ କରାଯିବ ନାହିଁ। କେବଳ ଲୋନ୍ ଆକାଉଣ୍ଟ ଖୋଲାଯିବା ପାଇଁ ବ୍ୟବହୃତ ମୋବାଇଲ ନମ୍ବରରେ ହିଁ ଟ୍ରାଞ୍ଜାକ୍ସନଗୁଡ଼ିକ ଅନୁମତିଯୋଗ୍ୟ ହେବ । ଏଭଳି ଲୋନ୍ ଆକାଉଣ୍ଟରେ ମୋବାଇଲ ନମ୍ବର ପରିବର୍ତ୍ତନ ସଂକ୍ରାନ୍ତୀୟ ଅନୁରୋଧର ବୁଝାଶୁଝା ପାଇଁ କମ୍ପାନୀ ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ (ଏମଆଇଟିସି)ରେ ସୁଦୃଢ଼ ପ୍ରକ୍ରିୟାକୁ ପରିଭାଷିତ

କରିଛି।

ଗ) ଏଭଳି ଲୋନ୍ ଆକାଉଣ୍ଟରେ କାରବାରକୁ ଅନୁମତି ଦେବା ପୂର୍ବରୁ କମ୍ପାନୀ ସାମ୍ପ୍ରତିକ ଠିକଣାର ପ୍ରମାଣ ହାସଲ କରିବା ଅତିରିକ୍ତ ସାମ୍ପ୍ରତିକ ଠିକଣାକୁ ସକାରାତ୍ମକ ନିଶ୍ଚିତକରଣ ଦ୍ୱାରା ଯାଞ୍ଚ କରିବ। ଠିକଣା ଯାଞ୍ଚ ପତ୍ର, କଣ୍ଟାକ୍ଟ ପଏଣ୍ଟ ଯାଞ୍ଚ, ଡେଲିଭରେବଲ୍ ଆଦି ଭଳି ମାଧ୍ୟମ ଜରିଆରେ ସକାରାତ୍ମକ ନିଶ୍ଚିତକରଣ (ପଜିଟିଭ୍ କନଫର୍ମେସନ୍) ସଞ୍ଚାଳନ କରାଯିବ।

ଘ) କମ୍ପାନୀ ଗ୍ରାହକଙ୍କଠାରୁ ପ୍ୟାନ୍ ସଂଗ୍ରହ କରିବ ଏବଂ ଜାରିକର୍ତ୍ତା କର୍ତ୍ତୃପକ୍ଷଙ୍କ ଯାଞ୍ଚ ସୁବିଧା ମାଧ୍ୟମରେ ପ୍ୟାନକୁ ଯାଞ୍ଚ କରାଯିବ।

ଙ) ଏଭଳି ଆକାଉଣ୍ଟରେ ପ୍ରଥମ ଟ୍ରାଞ୍ଜାକ୍ସନ ଗ୍ରାହକଙ୍କ ବିଦ୍ୟମାନ କେୱାଇସି-ଅନୁପାଳନକାରୀ ବ୍ୟାଙ୍କ ଖାତାରୁ ଏକ କ୍ରେଡିଟ୍ ହେବା ଆବଶ୍ୟକ ।

ଚ) ଏଭଳି ଗ୍ରାହକମାନଙ୍କୁ ଉଚ୍ଚ ଆପଦ ଶ୍ରେଣୀର ଗ୍ରାହକ ଭାବେ ବର୍ଗୀକୃତ କରାଯିବ ଏବଂ ଫେସ-ଟୁ-ଫେସ୍ ପଦ୍ଧତି କିମ୍ବା ଭି-ସିଆଇପି ମାଧ୍ୟମରେ ଗ୍ରାହକଙ୍କ ପରିଚୟ ଯାଞ୍ଚ ନ ହେବା ପର୍ଯ୍ୟନ୍ତ ନନ୍ ଫେସ ଟୁ ଫେସ୍ ପଦ୍ଧତିରେ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକ ଉପରେ ବର୍ଦ୍ଧିତ ତତ୍ତ୍ୱାବଧାନ କରାଯିବ ।

35. **ରାଜନୈତିକ ବ୍ୟକ୍ତିଙ୍କର ଲୋନ୍ ଆକାଉଣ୍ଟ (ପିଇପି)**

କ. କମ୍ପାନୀ ପିଇପିଙ୍କ ସହିତ ଏକ ସମ୍ପର୍କ ରକ୍ଷା କରିବା ପାଇଁ ଏକ ବିକଳ୍ପ ରଖିବ (ଗ୍ରାହକ ଭାବେ କିମ୍ବା ଲାଭକାରୀ ମାଲିକ ଭାବେ); ଏହି ସର୍ତ୍ତରେ ଯେ, ସ୍ୱାଭାବିକ ଗ୍ରାହକ ଉଚିତ ମୂଲ୍ୟାୟନ ସଞ୍ଚାଳନ କରିବା ସହିତ:

(କ) ଗ୍ରାହକ କିମ୍ବା ଲାଭକାରୀ ମାଲିକ ଜଣେ ପିଇପି କି ନୁହେଁ ତାହା ନିର୍ଦ୍ଧାରଣ କରିବା ପାଇଁ କମ୍ପାନୀ ନିକଟରେ ଏକ ଉପଯୁକ୍ତ ଆପଦ ପ୍ରବନ୍ଧନ ପ୍ରଣାଳୀ ରହିବା ଉଚିତ୍;

(ଖ) ପାଣ୍ଠି/ଧନର ଉତ୍ସକୁ ନିର୍ଦ୍ଧାରଣ କରିବା ପାଇଁ କମ୍ପାନୀ ଦ୍ୱାରା ଯୁକ୍ତିସଙ୍ଗତ ପଦକ୍ଷେପ ଗ୍ରହଣ କରାଯିବ;

(ଗ) ଏକ ପିଇପି ପାଇଁ ଗୋଟିଏ ଲୋନ୍ ଆକାଉଣ୍ଟ ଖୋଲିବା ନିଷ୍ପତ୍ତି କ୍ଷେତ୍ରରେ ଗ୍ରାହକ ଗ୍ରହଣୀୟତା ନୀତି ସହିତ ଏକ ବରିଷ୍ଠ ସ୍ତରୀୟ ଅନୁମତି ନିଆଯିବା ଆବଶ୍ୟକ।

(ଘ) ଏହିପରି ସମସ୍ତ ଋଣ ଖାତାଗୁଡ଼ିକ ଚାଲୁଥିବା ଭିତ୍ତିରେ ବର୍ଦ୍ଧିତ ମନିଟରିଂର ଅଧୀନ ଅଟେ;

(ଙ) ଯଦି ଏକ ବିଦ୍ୟମାନ ଗ୍ରାହକ କିମ୍ବା ଏକ ବିଦ୍ୟମାନ ଋଣ ଖାତାର ହିତାଧିକାରୀ ମାଲିକ ପରବର୍ତ୍ତୀ ସମୟରେ ପିଇପି ହୋଇଥାନ୍ତି, ବ୍ୟାବସାୟିକ ସମ୍ପର୍କ ଜାରି ରଖିବା ପାଇଁ ବରିଷ୍ଠ ପରିଚାଳକଙ୍କ ଅନୁମୋଦନ ପ୍ରାପ୍ତ କରାଯାଇଥାଏ।

(ଚ) ପିଇପିଙ୍କ ପାଇଁ ଗୁଡିକ ପାଇଁ ପ୍ରଯୁଜ୍ୟ ସିଡିଡି ପଦକ୍ଷେପ ଗୁଡିକ ପ୍ରଯୁଜ୍ୟ ଭିତ୍ତିରେ ବର୍ଦ୍ଧିତ ମନିଟରିଂ ସହିତ ପ୍ରଯୁଜ୍ୟ ହୁଏ।

ଖ. ଏହି ନିର୍ଦ୍ଦେଶଗୁଡ଼ିକ ପିଇପିଙ୍କ ପରିବାର ସଦସ୍ୟ କିମ୍ବା ନିକଟ ସହଯୋଗୀଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ।

*ବ୍ୟାଖ୍ୟା:- ଏହି ବିଭାଗ ପାଇଁ "ରାଜନୈତିକ ବ୍ୟକ୍ତି" (ପିଇପି)ମାନେ ହେଉଛି ସେଭଳି ବ୍ୟକ୍ତି ଯେଉଁମାନଙ୍କ ଉପରେ ବିଦେଶୀ ଦେଶ ଦ୍ୱାରା ପ୍ରମୁଖ ସର୍ବସାଧାରଣ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି, ଯେଉଁମାନଙ୍କ ମଧ୍ୟରେ ରାଜ୍ୟ/ସରକାରଙ୍କ ମୁଖ୍ୟ, ବରିଷ୍ଠ ରାଜନେତା, ବରିଷ୍ଠ ସରକାରୀ କିମ୍ବା ନ୍ୟାୟିକ କିମ୍ବା ସାମରିକ ଅଧିକାରୀ, ରାଜ୍ୟ ମାଲିକାନାଧୀନ ନିଗମର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଦଳର ପଦାଧିକାରୀ ଅନ୍ତର୍ଭୁକ୍ତ।

36. **ବୃତ୍ତିଗତ ମଧ୍ୟସ୍ଥିମାନଙ୍କ ଦ୍ୱାରା ଖୋଲାଯାଇଥିବା ଗ୍ରାହକ ଋଣ ଖାତା:**

ବୃତ୍ତିଗତ ମଧ୍ୟସ୍ଥିଙ୍କ ମାଧ୍ୟମରେ ଋଣ ଆକାଉଣ୍ଟ ଖୋଲିବାବେଳେ କମ୍ପାନୀ ନିଶ୍ଚିତ କରିବ, ଯେପରି ଆଇନ ଅନୁଯାୟୀ ଋଣ ଖାତା ଖୋଲିବା ପାଇଁ ଅନୁମତି ଦିଆଯାଇ ପାରେ:

(କ) ଯେତେବେଳେ ଏକ ଗ୍ରାହକଙ୍କ ତରଫରୁ ଏକ ବୃତ୍ତିଗତ ମଧ୍ୟସ୍ଥିଙ୍କ ଦ୍ବାରା ଋଣ ଆକାଉଣ୍ଟ ଖୋଲାଯାଏ, ସେତେବେଳେ ଗ୍ରାହକଙ୍କୁ ଚିହ୍ନଟ କରାଯିବ ।

(ଖ) ମ୍ୟୁଚୁଆଲ୍ ଫଣ୍ଡ, ପେନ୍ସନ୍ ପାଣ୍ଠି କିମ୍ବା ଅନ୍ୟାନ୍ୟ ପ୍ରକାରର ପାଣ୍ଠି ପରି ସଂସ୍ଥାଗୁଡ଼ିକ ତରଫରୁ ବୃତ୍ତିଗତ ମଧ୍ୟସ୍ଥିଙ୍କ ଦ୍ବାରା ପରିଚାଳିତ 'ପୁଲଡ୍' ଆକାଉଣ୍ଟ୍ ରଖିବାକୁ କମ୍ପାନୀ ପାଖରେ ବିକଳ୍ପ ରହିବ।

(ଗ) କମ୍ପାନୀ ଏପରି ବୃତ୍ତିଗତ ମଧ୍ୟସ୍ଥିମାନଙ୍କର ଋଣ ଖାତା ଖୋଲିବ ନାହିଁ, ଯାହାକି କୌଣସି ଗ୍ରାହକଙ୍କ ଗୋପନୀୟତା ଦ୍ୱାରା ପ୍ରତିବନ୍ଧିତ ହୋଇଥିବ ଯେଉଁଥିରେ, କମ୍ପାନୀକୁ ଗ୍ରାହକଙ୍କ ବିବରଣୀ ପ୍ରକାଶ କରିବାକୁ ବାରଣ କରାହୋଇଥାଏ।

(ଘ) ସମସ୍ତ ହିତାଧିକାରୀ ମାଲିକଙ୍କୁ ଚିହ୍ନଟ କରାଯିବ ଯେଉଁଠାରେ ମଧ୍ୟସ୍ଥିମାନଙ୍କ ଦ୍ବାରା ଧାର୍ଯ୍ୟ ହୋଇଥିବା ପାଣ୍ଠି କମ୍ପାନୀ ସ୍ତରରେ ମିଳିତ ହୋଇନଥାଏ ଏବଂ ସେଠାରେ 'ସବ୍-ଆକାଉଣ୍ଟ' ଥାଏ, ପ୍ରତ୍ୟେକଟି ଏକ ହିତାଧିକାରୀ ମାଲିକଙ୍କ ପାଇଁ ଦାୟୀ, କିମ୍ବା ଯେଉଁଠାରେ ଏହିପରି ପାଣ୍ଠି ମିଳିତ ହୋଇଥାଏ। କମ୍ପାନୀ ସ୍ତରରେ ମିଶ୍ରିତ, କମ୍ପାନୀ ହିତାଧିକାରୀ ମାଲିକମାନଙ୍କୁ ଖୋଜିବ ।

(ଙ) କମ୍ପାନୀ, ତାର ବିବେକ ଅନୁଯାୟୀ, ଜଣେ ମଧ୍ୟସ୍ଥି ଦ୍ୱାରା କରାଯାଇଥିବା 'ଗ୍ରାହକଙ୍କର ଯତ୍ନଶୀଳତା' (ସିଡିଡି) ଉପରେ ନିର୍ଭର କରିବ, ଯଦି ମଧ୍ୟସ୍ଥି ଏକ ନିୟନ୍ତ୍ରିତ ଏବଂ ତଦାରଖକାରୀ ସଂସ୍ଥା ଏବଂ ଗ୍ରାହକଙ୍କ କେୱାଇସି ଆବଶ୍ୟକତାକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିଥିବେ।

(ଦ୍ରଷ୍ଟବ୍ୟ- *04 ଜାନୁଆରୀ, 2024ର ଆରବିଆଇ ସର୍କୁଲାର ଅନୁଯାୟୀ, ପରିଭାଷା ଧାରା 3 (xvii)- ରାଜନୈତିକ ବ୍ୟକ୍ତିଙ୍କୁ ବାଦ୍ ଦିଆଯାଇଛି ଏବଂ ରାଜନୈତିକ ବ୍ୟକ୍ତି (ପିଇପି)ମାନଙ୍କ ଲୋନ୍ ଆକାଉଣ୍ଟର ଧାରା 35ରେ ଏକ ବ୍ୟାଖ୍ୟା ଭାବେ ଯୋଗ କରାଯାଇଛି।)

**ଖ. ସରଳୀକୃତ ସତର୍କତା ବ୍ୟବସ୍ଥା**

37. **ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ସରଳୀକୃତ ଆଦର୍ଶ**

(କ) ଏସଏଚଜିର ଋଣ ଆକାଉଣ୍ଟ ଖୋଲିବାବେଳେ ଏସଏଚଜି ର ସମସ୍ତ ସଦସ୍ୟଙ୍କ ସିଡିଡି ଆବଶ୍ୟକ ହେବ ନାହିଁ।

(ଖ) ସମସ୍ତ ଅଫିସ୍ ଧାରକଙ୍କ ସିଡିଡି ଯଥେଷ୍ଟ ହେବ।

(ଗ) SHGର ସମସ୍ତ ସଦସ୍ୟମାନଙ୍କର CDDକୁ SHGଗୁଡ଼ିକର କ୍ରେଡିଟ୍ ଲିଙ୍କିଂ ସମୟରେ ନିଆଯାଇପାରେ ।

38. **ବିଦେଶୀ ପୋର୍ଟଫୋଲିଓ ନିବେଶକମାନଙ୍କ (ଏଫପିଆଇ) ପାଇଁ ସରଳୀକୃତ କେୱାଇସି ମାନଦଣ୍ଡ।**

ପୋର୍ଟଫୋଲିଓ ଇନଭେଷ୍ଟମେଣ୍ଟ ସ୍କିମ୍ (ପିଆଇଏସ) ଅନ୍ତର୍ଗତ ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟରେ ସରକାର, ଆରବିଆଇ ଏବଂ ସେବି ଦ୍ୱାରା ଦିଆଯାଇଥିବା ବୈଦେଶିକ ମୁଦ୍ରା ଏବଂ ସିକ୍ୟୁରିଟି ମାର୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଗ୍ୟ ଏଫପିଆଇ ସହିତ କାରବାର / ସମ୍ପର୍କ, କେୱାଇସି ଗ୍ରହଣ କରି କରାଯିବ (ପ୍ରଯୁଜ୍ୟ ପ୍ରକାରେ) ଓ ଆୟକର (ଏଫଏଟିସିଏ/ ସିଆରଏସ) ନିୟମ ଅନୁଯାୟୀ ପରିଶିଷ୍ଟ II ରେ ବିସ୍ତୃତ ଭାବରେ କେୱାଇସି ନଥିପତ୍ର ଗ୍ରହଣ ଦ୍ବାରା ଉଲ୍ଲେଖ କରାଯିବ।

ସର୍ତ୍ତ ରହିଛି ଯେ କମ୍ପାନୀ ଏଫପିଆଇ କିମ୍ବା ଏଫପିଆଇ ତରଫରୁ କାର୍ଯ୍ୟ କରୁଥିବା ଗ୍ଲୋବାଲ୍ କଷ୍ଟୋଡିଆନ୍ ଠାରୁ କାର୍ଯ୍ୟ ଗ୍ରହଣ କରିବ ଏବଂ ଯେତେବେଳେ ଆବଶ୍ୟକ ହୁଏ, ପରିଶିଷ୍ଟ- II ରେ ବିସ୍ତୃତ ଭାବରେ ଛାଡ଼ ହେବାକୁ ଥିବା ନଥିପତ୍ର ଗୁଡ଼ିକୁ ଦାଖଲ କରିବ।

39. କମ୍ ବିପଦ ବର୍ଗର କ୍ଲାଏଣ୍ଟମାନଙ୍କ ପାଇଁ ଡକ୍ୟୁମେଣ୍ଟଗୁଡିକର ଏକ ସୂଚକ ତାଲିକା ପରିଶିଷ୍ଟ III ରେ ସେଟ୍ ହୋଇଛି।

## ଅଧ୍ୟାୟ VII

## ରେକର୍ଡ ପରିଚାଳନା

40. ପିଏମଏଲ୍ ଅଧିନିୟମ ଏବଂ ନିୟମର ସର୍ତ୍ତାବଳୀ ସହିତ ଗ୍ରାହକଙ୍କ ଆକାଉଣ୍ଟ ସୂଚନାର ରକ୍ଷଣାବେକ୍ଷଣ, ସଂରକ୍ଷଣ ଏବଂ ରିପୋର୍ଟ ସମ୍ବନ୍ଧରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯିବ। କମ୍ପାନୀ,

(କ) କାରବାର ତାରିଖ ଠାରୁ ଅତି କମରେ ପାଞ୍ଚ ବର୍ଷ ପାଇଁ କମ୍ପାନୀ ଏବଂ ଗ୍ରାହକଙ୍କ ମଧ୍ୟରେ ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟ ମଧ୍ୟରେ କାରବାରର ସମସ୍ତ ଆବଶ୍ୟକୀୟ ରେକର୍ଡ ବଜାୟ ରଖିବା;

(ଖ) ଗ୍ରାହକଙ୍କ ପରିଚୟ ସମ୍ବନ୍ଧୀୟ ରେକର୍ଡଗୁଡିକ ସଂରକ୍ଷଣ କରନ୍ତୁ ଏବଂ ଋଣ ଆକାଉଣ୍ଟ ଖୋଲିବା ସମୟରେ / ସମ୍ପର୍କ ଆରମ୍ଭ

ସମୟରେ ଏବଂ ବ୍ୟବସାୟିକ ସମ୍ପର୍କ ସମୟରେ, ବ୍ୟବସାୟିକ ସମ୍ପର୍କ ସମାପ୍ତ ହେବା ପରେ ଅତି କମରେ ପାଞ୍ଚ ବର୍ଷ ପାଇଁ ପ୍ରାପ୍ତ ହୋଇଥିବା ଠିକଣାଗୁଡ଼ିକୁ ସଂରକ୍ଷଣ କରନ୍ତୁ;

(ଗ) ଅନୁରୋଧ ଅନୁଯାୟୀ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ତତ୍ପରତାର ସହିତ ପରିଚୟ ରେକର୍ଡ ଏବଂ କାରବାର ତଥ୍ୟ ଉପଲବ୍ଧ କରାଇବା;

(ଘ) ମନି ଲଣ୍ଡରିଂ ରୋକିବା (ରେକର୍ଡର ରକ୍ଷଣାବେକ୍ଷଣ) ନିୟମ, 2005 (ପିଏମଏଲ୍ ନିୟମ, 2005) ର ନିୟମ 3 ଅନୁଯାୟୀ ଧାର୍ଯ୍ୟ ହୋଇଥିବା କାରବାରର ସଠିକ୍ ରେକର୍ଡ ବଜାୟ ରଖିବା ପାଇଁ ଏକ ପ୍ରଣାଳୀ ପ୍ରବର୍ତ୍ତନ;

(ଙ) ପିଏମଏଲ୍ ନିୟମ 3 ଅନୁଯାୟୀ ଧାର୍ଯ୍ୟ ହୋଇଥିବା କାରବାର ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ବଜାୟ ରଖିବା ଯାହା ଦ୍ବାରା ନିମ୍ନଲିଖିତ ସହିତ ବ୍ୟକ୍ତିଗତ କାରବାରର ପୁନଃ ନିର୍ମାଣକୁ ଅନୁମତି ଦିଆଯିବ:

(i) କାରବାରର ପ୍ରକୃତି;

(ii) କାରବାରର ପରିମାଣ ଏବଂ ମୁଦ୍ରା ଯେଉଁଥିରେ ଏହାର ନାମକରଣ କରାଯାଇଥିଲା;

(iii) ଯେଉଁ ଦିନ କାରବାର କରାଯାଇଥିଲା ସେହି ଦିନ; ଏବଂ

(iv) କାରବାରର ପାର୍ଟିଗୁଡିକ

(ଚ) ସଠିକ୍ ରକ୍ଷଣାବେକ୍ଷଣ ଏବଂ ସୂଚନା ସଂରକ୍ଷଣ ପାଇଁ ଏକ ସିଷ୍ଟମକୁ ବିକଶିତ କରେ ଯାହା ଯେତେବେଳେ ଆବଶ୍ୟକ ହୁଏ କିମ୍ବା ପ୍ରାଧିକୃତ ଅଧିକାରୀଙ୍କ ଦ୍ବାରା ଅନୁରୋଧ କରାଯାଏ, ତଥ୍ୟକୁ ସହଜରେ ଏବଂ ଶୀଘ୍ର ପୁନରୁଦ୍ଧାର କରିବାକୁ ଅନୁମତି ଦେଇଥାଏ |

(ଛ) ସେମାନଙ୍କ ଗ୍ରାହକଙ୍କ ପରିଚୟ ଏବଂ ଠିକଣାର ରେକର୍ଡଗୁଡିକ ବଜାୟ ରଖିବା, ଏବଂ ନିୟମ 3 ରେ ହାର୍ଡ କିମ୍ବା ସଫ୍ଟ ଫର୍ମାଟରେ ଦର୍ଶାଯାଇଥିବା କାରବାର ସମ୍ବନ୍ଧରେ ରେକର୍ଡଗୁଡିକ।

ବ୍ୟାଖ୍ୟା- ଏହି ବିଭାଗ ଉଦ୍ଦେଶ୍ୟରେ "ପରିଚୟ ସମ୍ବନ୍ଧୀୟ ରେକର୍ଡ", "ରେକର୍ଡର ଚିହ୍ନଟୀକରଣ" ଇତ୍ୟାଦିରେ, ପରିଚୟ ଡାଟାର ଅପଡେଟେଡ୍ ରେକର୍ଡ, ଆକାଉଣ୍ଟ ଫାଇଲ୍, ବ୍ୟବସାୟିକ ପତ୍ରାଳାପ ଏବଂ ସମ୍ପାଦିତ ହୋଇଥିବା କୌଣସି ବିଶ୍ଳେଷଣର ଫଳାଫଳ ଅନ୍ତର୍ଭୁକ୍ତ ହେବ।

**40A.** କମ୍ପାନୀ ସୁନିଶ୍ଚିତ କରିବ ଯେ, ଅଣ-ଲାଭକାରୀ ସଂଗଠନ ବା ନନ୍-ପ୍ରଫିଟ୍ ଅର୍ଗାନାଇଜେସନ ଗ୍ରାହକଙ୍କ କ୍ଷେତ୍ରରେ, ସେହି ଗ୍ରାହକମାନଙ୍କର ବିବରଣୀ ନୀତି ଆୟୋଗଙ୍କ ଦର୍ପଣ ପୋର୍ଟାଲରେ ପଞ୍ଜୀକୃତ ହୋଇଛି । ଯଦି ତାହା ପଞ୍ଜୀକୃତ ନ ହୋଇଥାଏ, ତେବେ କମ୍ପାନୀ ଦର୍ପଣ ପୋର୍ଟାଲରେ ବିବରଣୀକୁ ପଞ୍ଜୀକୃତ କରିବ। କମ୍ପାନୀ ସେହି ପଞ୍ଜୀକରଣ ରେକର୍ଡକୁ ଗ୍ରାହକ ଓ କମ୍ପାନୀ ମଧ୍ୟରେ ବ୍ୟବସାୟ ସମ୍ପର୍କ ସମାପ୍ତ ହେବା କିମ୍ବା ଖାତା ବନ୍ଦ କରାଯିବା, ଯାହା ପରେ ହେଉଥିବ, ଦିନଠାରୁ ପାଞ୍ଚ ବର୍ଷ ଅବଧି ପାଇଁ ନିଜ ପାଖରେ ରଖିବ ।

## ଅଧ୍ୟାୟ VIII

## ଆର୍ଥିକ ଇଣ୍ଟେଲିଜେନ୍ସ ୟୁନିଟ୍ – ଭାରତ ପାଇଁ ଆବଶ୍ୟକ ରିପୋର୍ଟିଂ

**41.** କମ୍ପାନୀ ନିର୍ଦ୍ଦେଶକ, ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍-ଇଣ୍ଡିଆ (ଏଫଆଇୟୁ-ଆଇଏନଡି) କୁ ଏହାର ନିୟମ 7 ଅନୁଯାୟୀ ପିଏମଏଲ (ରେକର୍ଡ଼ ପରିଚାଳନା) ରୁଲ୍ସ 2005 ରୁଲ୍ 7 ଅଧୀନରେ ନିୟମ 3 ରେ ଦର୍ଶାଯାଇଥିବା ସୂଚନା ପ୍ରଦାନ କରିବ |

ବ୍ୟାଖ୍ୟା: ନିୟମ 7 ର ଉପ ନିୟମ 3 ଏବଂ 4 ର ସଂଶୋଧନ ସମ୍ବନ୍ଧରେ ସେପ୍ଟେମ୍ବର 22, 2015 କୁ ସୂଚିତ କରାଯାଇଥିବା ତୃତୀୟ ସଂଶୋଧନ ନିୟମାବଳୀ ଅନୁଯାୟୀ, ନିର୍ଦ୍ଦେଶକ, ଏଫଆଇୟୁ-ଆଇଏନଡି ର ସବ-ରୁଲ୍ ଗୁଡ଼ିକର ବିଭିନ୍ନ ଧାରାରେ ଦର୍ଶାଯାଇଥିବା କାରବାର ଚିହ୍ନଟ ପାଇଁ ରିପୋର୍ଟ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶାବଳୀ ପ୍ରଦାନ କରିବାର କ୍ଷମତା ରହିବ। ନିୟମ 3 ର ନିୟମ (1), ସେମାନଙ୍କୁ ସୂଚନା ପ୍ରଦାନର ଫର୍ମ ବିଷୟରେ ସୂଚନା ଦେବା ଏବଂ ସୂଚନା ପ୍ରଦାନ କରିବାର ପଦ୍ଧତି ଏବଂ ସୂଚନା ପ୍ରଦାନ କରିବାର ପଦ୍ଧତି ନିର୍ଦ୍ଦିଷ୍ଟ କରିବ।

42. ରିପୋର୍ଟିଂ ଫର୍ମାଟ୍ ଏବଂ ବିସ୍ତୃତ ରିପୋର୍ଟିଂ ଫର୍ମାଟ୍ ଗାଇଡ୍, ଏଫଆଇୟୁ-ଆଇଏନଡି ଦ୍ବାରା ନିର୍ଦ୍ଦିଷ୍ଟ / ପ୍ରକାଶିତ ଏବଂ ରିପୋର୍ଟ ଜେନେରେସନ୍ ୟୁଟିଲିଟି ଏବଂ ରିପୋର୍ଟ ବାଧତା ଉପଯୋଗୀତା ରିପୋର୍ଟ କରିବାରେ ସାହାଯ୍ୟ କରେ

ନିର୍ଦ୍ଦିଷ୍ଟ ରିପୋର୍ଟ ପ୍ରସ୍ତୁତିରେ ସଂସ୍ଥାଗୁଡ଼ିକ ଧ୍ୟାନ ଦିଆଯିବ | ଇଲେକ୍ଟ୍ରୋନିକ୍ ନଗଦ କାରବାର ରିପୋର୍ଟ (ସିଟିଆର) / ସନ୍ଦିଗ୍ଧ କାରବାର ରିପୋର୍ଟ (ଏସଟିଆର) ଫାଇଲ୍ କରିବାକୁ ସଂପାଦିତ ଇଲେକ୍ଟ୍ରୋନିକ୍ ଉପଯୋଗୀତା ଯାହା ଏଫଆଇୟୁ-ଆଇଏନଡି ଏହାର ୱେବସାଇଟରେ ରଖିଛି ତାହା କମ୍ପାନୀ ଦ୍ବାରା ବ୍ୟବହୃତ ହେବ ଯାହାକି ସିଟିଆର/ ଏସଟିଆର ବାହାର କରିବା ପାଇଁ ଉପଯୁକ୍ତ ବୈଷୟିକ ଉପକରଣ ସ୍ଥାପନ / ଗ୍ରହଣ କରିବାକୁ ଏପର୍ଯ୍ୟନ୍ତ କରିବାକୁ ରହିଛି ଯାହା ସେଗୁଡ଼ିକର ଲାଇଭ୍ କାରବାର ତଥ୍ୟ। କମ୍ପାନୀର ପ୍ରିନ୍ସିପାଲ୍ ଅଫିସର୍, ଯାହାର ସମସ୍ତ ଶାଖା ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ ହୋଇନାହିଁ, ଶାଖାଗୁଡ଼ିକରୁ କାରବାର ବିବରଣୀକୁ ଏପର୍ଯ୍ୟନ୍ତ କମ୍ପ୍ୟୁଟରୀକରଣ ହୋଇନଥିବା ଏବଂ ସଂପାଦିତ ଇଲେକ୍ଟ୍ରୋନିକ୍ ୟୁଟିଲିଟି ସାହାଯ୍ୟରେ ତଥ୍ୟକୁ ଏକ ଇଲେକ୍ଟ୍ରୋନିକ୍ ଫାଇଲରେ ଦେବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ। ଏହାର ୱେବସାଇଟ୍ http://fiuindia.gov.in ରେ ଏଫଆଇୟୁ-ଆଇଏନଡି ଦ୍ୱାରା ଉପଲବ୍ଧ ପ୍ରକାରେ ସିଟିଆର /ଏସଟିଆର ଇଲେକଟ୍ରୋନିକ୍ ୟୁଟିଲିଟିକୁ ଉପଲବ୍ଧ କରାଯାଇଛି ଓ ଚିହ୍ନଟ ପାଇଁ ଅନୁଛେଦ IV ରେ ରିପୋର୍ଟ କରିବାକୁ ସଂଯୁକ୍ତ କରାଯାଇଛି।

43. ନିର୍ଦ୍ଦେଶକ, ଏଫଆଇୟୁ-ଆଇଏନଡି କୁ ସୂଚନା ପ୍ରଦାନ କରିବାବେଳେ, କାରବାରରେ ରିପୋର୍ଟ ନକରିବାରେ ପ୍ରତ୍ୟେକ ଦିନର ବିଳମ୍ବ କିମ୍ବା ନିୟମରେ ନିର୍ଦ୍ଦିଷ୍ଟ ସମୟ ସୀମାଠାରୁ ଅଧିକ ଭୁଲ୍ ପ୍ରତିନିଧିତ୍ୱ ହୋଇଥିବା କାରବାରକୁ ସଂଶୋଧନ କରିବାରେ ବିଳମ୍ବ କରିବା ଏକ ପୃଥକ ଉଲ୍ଲଂଘନ ଭାବରେ ଗଠିତ ହେବ । ଯେଉଁଠାରେ ଏକ ଏସଟିଆର ଦାଖଲ ହୋଇଛି, କେବଳ ସେହି କାରଣରୁ କମ୍ପାନୀ ଋଣ ଆକାଉଣ୍ଟରେ କାର୍ଯ୍ୟ ଉପରେ କୌଣସି ପ୍ରତିବନ୍ଧକ ଲଗାଇବ ନାହିଁ | କମ୍ପାନୀ ଏସଟିଆର ର ସମ୍ପାଦନ ତଥ୍ୟକୁ ଗୋପନୀୟ ଭାବରେ ରଖିବ। ଏହା ନିଶ୍ଚିତ ହେବ ଯେ କୌଣସି ସ୍ତରରେ ଗ୍ରାହକଙ୍କୁ କୌଣସି ଟିପିଙ୍ଗ୍ ହେଉନାହିଁ।

